


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୫ ଜୁନ୍ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 05 JUNE 2021
Vol.No. 32 ■ No. 142 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଦ୍ୱାଦଶ ଶ୍ରେଣୀ ପରୀକ୍ଷା ବାତିଲ

### କରୋନାକୁ ଦୃଷ୍ଟିରେ ରଖି ବଡ ନିଷ୍ପତ୍ତି ନେଲେ ରାଜ୍ୟ ସରକାର, ମୁଖ୍ୟମନ୍ତ୍ରୀ କହିଲେ ଜୀବନ ଆଗ, ବାକି ସବୁ ପଛ

ଭୁବନେଶ୍ୱର,୦୪/୦୬ (ନି.ପ୍ର): ସାରା ଦେଶରେ କୋଭିଡ ମହାମାରୀର ଦ୍ୱିତୀୟ ଲହର ବର୍ତ୍ତମାନ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି । ଏଥିରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ପିଲାମାନଙ୍କ ପାଠପଢା ଓ ଲୋକମାନଙ୍କର ଜୀବନଜୀବିକା । କିନ୍ତୁ ଏସବୁ ଠାରୁ ଉର୍ଦ୍ଧ୍ୱରେ ରହିଛି ମଣିଷ ଜୀବନର ସୁରକ୍ଷା । ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ସମସ୍ତଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ବାର୍ଷିକ ଦ୍ୱାଦଶ ଶ୍ରେଣୀ ପରୀକ୍ଷାକୁ ବାତିଲ କରାଗଲା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜୀବନ ଆଗ, ଆଉସବୁ ପଛ ।



ଜୀବନ ସୁରକ୍ଷିତ ରହିଲେ ଆଗକୁ ଅନନ୍ତ ସମ୍ଭାବନା ରହିବ ଏବଂ ସମାଜ ଓ ସଭ୍ୟତା ଆଗକୁ ବଢିବ । ତେଣୁ ଆମ ଦେଶ ଓ ଜାତିର ଭବିଷ୍ୟତ, ଆମ ପିଲାମାନଙ୍କର ସ୍ୱାସ୍ଥ୍ୟ ସୁରକ୍ଷା ପରୀକ୍ଷା ଠାରୁ ବହୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ପରୀକ୍ଷା କରାଯାଇଥିଲେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତେ । ତେଣୁ ଛାତ୍ର ସମାଜର ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପରୀକ୍ଷା ବାତିଲ ସଂକ୍ରାନ୍ତୀୟ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଗ୍ରହଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏପରି ସମ୍ବେଦନଶୀଳ ସମୟରେ ପରିସ୍ଥିତିକୁ ▶▶ପୃଷ୍ଠା ୭

## ମଧ୍ୟପ୍ରଦେଶରେ ୩ ହଜାର କନିଷ୍ଠ ଡାକ୍ତରଙ୍କ ସାମୁହିକ ଇସ୍ତଫା

ମଧ୍ୟପ୍ରଦେଶ,୦୪/୦୬: କରୋନା ମହାମାରୀ ସମୟରେ ମଧ୍ୟପ୍ରଦେଶର ୩ ହଜାର କନିଷ୍ଠ ଡାକ୍ତର ଇସ୍ତଫା ଦେଇଛନ୍ତି । ବିଭିନ୍ନ ଦାବିନେଇ ୩ ଦିନ ପୂର୍ବରୁ ରାଜ୍ୟର ୬ ଟି ସରକାରୀ ମେଡିକାଲ କଲେଜର ଡାକ୍ତର ମାନେ ବିକ୍ଷୋ ପ୍ରଦର୍ଶନ କରିଥିଲେ । ଏହାକୁ ନେଇ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟ ସେମାନଙ୍କୁ ୨୪ ଘଂଟା ଭିତରେ କାର୍ଯ୍ୟରେ ଯୋଗଦେବା ନେଇ ନିର୍ଦ୍ଦେଶ ଦେବା ପରେ ୩ ହଜାର କନିଷ୍ଠ ଡାକ୍ତର ସାମୁହିକ ଇସ୍ତଫା ଦେଇଛନ୍ତି । ▶▶ପୃଷ୍ଠା ୭

## ୫ ଜି ମାମଲା : ଜୁହି ଚାୱ୍ଲାଙ୍କ ଆବେଦନକୁ ଖାରଜ କଲେ ଦିଲ୍ଲୀ ହାଇକୋର୍ଟ : ୨୦ ଲକ୍ଷ ଟଙ୍କାର ଜରିମାନା



ନୂଆଦିଲ୍ଲୀ,୦୪/୦୬: ୫ଜି ବନ୍ଦ କରିବା ନେଇ ଦିଲ୍ଲୀ ହାଇକୋର୍ଟରେ ଚଳଚିତ୍ର ଅଭିନେତ୍ରୀ ଜୁହି ଚାୱ୍ଲା କରିଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି । ଏହାସହ ଜୁହିଙ୍କ ଉପରେ ୨୦ ଲକ୍ଷ ଟଙ୍କାର ଜରିମାନା ଲଗାଇଛନ୍ତି କୋର୍ଟ । ଏହି ଜରିମାନା ରାଶିକୁ ଗୋଟିଏ ସପ୍ତାହ ମଧ୍ୟରେ କୋର୍ଟରେ ଜମା କରିବାକୁ ଜୁହିଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କୋର୍ଟ କହିଛନ୍ତି କି ସେକ୍ସନ ୮୧ ମୁତାବକ ଆବେଦନ ଦେବା ପୂର୍ବରୁ ନୋଟିସ କରିବା ଜରୁରୀ । ନଚେତ୍ ସେକ୍ସନ ୮୨ ମୁତାବକ ଏହାକୁ ଖାରଜ କରାଯିବ । କୋର୍ଟ କହିଛନ୍ତି କି ପବ୍ଲିସିଟି ହେବା ପାଇଁ ଏଭଳି ଅଭିଯୋଗ ଦାଖଲ କରାଯାଇଥିଲା । ଏହାସହ କୋର୍ଟରେ ଶୁଣାଣି ବେଳେ କିଏ ଗୀତ ଗାଉଥିଲା ତାହାକୁ ଖୋଜି ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦିଲ୍ଲୀ ପୋଲିସକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## ଟିକା ପାଇଁ ଗ୍ଲୋବାଲ ଟେଣ୍ଡର ବିଡ୍ ଦାଖଲ କଲେ ୨ ସଂସ୍ଥା

ଭୁବନେଶ୍ୱର,୦୪/୦୬ (ନି.ପ୍ର): ୧୮ରୁ ୪୪ବର୍ଷ ବୟସ୍କଙ୍କୁ ମାଗଣାରେ ଟିକା ଯୋଗାଇବା ପାଇଁ ରାଜ୍ୟ ସରକାର ଡାକିଥିବା ଗ୍ଲୋବାଲ ଟେଣ୍ଡରର ପ୍ରାଇସ୍ ବିଡ୍ ଆସନ୍ତା ୯ତାରିଖରେ ଖୋଲାଯିବ । ଆଜି ଏହି ଗ୍ଲୋବାଲ ଟେଣ୍ଡର ପାଇଁ ବିଡ୍ ଦାଖଲର ଶେଷଦିନ ଥିବାବେଳେ ୨ଟି ସଂସ୍ଥା ଏଥିରେ ଅଂଶଗ୍ରହଣ କରିଛନ୍ତି । ଏ ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସୂଚନା ଦେଇ କହିଛନ୍ତି ଯେ, ୨ଟି ସଂସ୍ଥାର ଆବେଦନକୁ ଗ୍ରହଣ କରାଯାଇଛି । ଏହି ଦୁଇ ଆବେଦନକାରୀ ସଂସ୍ଥାର ମୂଲ୍ୟାଙ୍କନ କରାଯାଉଛି । ଅପରପକ୍ଷରେ ରାଜ୍ୟ ମେଡିକାଲ ନିଗମର ସୂଚନା ଅନୁସାରେ ଆସନ୍ତା ୯ତାରିଖ ପୂର୍ବାହ୍ନ ସାଢ଼େ ୧୧ଟାରେ ଗ୍ଲୋବାଲ ଟେଣ୍ଡର ପାଇଁ ପ୍ରାଇସ୍ ବିଡ୍ ଖୋଲିବ ।




ଯେଉଁ ଦୁଇ ସଂସ୍ଥାର ଆବେଦନ ମିଳିଛି ତାକୁ ତର୍ଜମା କରାଯିବା ସହ ସେମାନେ ନିର୍ଦ୍ଧାରିତ ଅବଧି ମଧ୍ୟରେ ଟିକା ଦେଇପାରିବେ କି ନାହିଁ, ସେମାନେ ଟିକା ପାଇଁ ଧାର୍ଯ୍ୟ କରିଥିବା ଦର ଆଦିକୁ ବିଚାରକୁ ନିଆଯାଇ ଆସନ୍ତା ୯ତାରିଖରେ ଚୂଡ଼ାନ୍ତ ଘୋଷଣା କରାଯିବ । ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ୩.୮୦କୋଟି ଡୋଜ୍ କୋଭିଡ୍ ଟିକା ପାଇଁ ଗ୍ଲୋବାଲ ଟେଣ୍ଡର ଡାକିଛନ୍ତି । ତେବେ ଗତ ଜୁନ୍ ୧ତାରିଖରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ଗ୍ଲୋବାଲ ଟେଣ୍ଡର ପାଇଁ ଦେଶର ଦୁଇ ଟିକା କମ୍ପାନୀ ଭାରତ ବାୟୋଟେକ ଓ ଶିରମ୍ ଇନଷ୍ଟିଚ୍ୟୁଟ୍ ଆଗ୍ରହୀ ନଥିବା କହିଥିବାବେଳେ ବିଦେଶୀ କମ୍ପାନୀଗୁଡ଼ିକ କେନ୍ଦ୍ର ସରକାରଙ୍କ ସହ ଚୁକ୍ତିବଦ୍ଧ ହେବାକୁ ଚାହୁଁଥିବା ଜଣାଇଥିଲେ ।

## ୭୫୦ ଡାକ୍ତରଙ୍କୁ ନିଯୁକ୍ତି ଦେଲେ ରାଜ୍ୟ ସରକାର

### ୭ଦିନ ଭିତରେ ନିଜ ନିଜ କାର୍ଯ୍ୟରେ ଦେବେ ଯୋଗ

ଭୁବନେଶ୍ୱର,୦୪/୦୬(ନି.ପ୍ର): ରାଜ୍ୟରେ ୭୫୦ ଡାକ୍ତରଙ୍କୁ ନିଯୁକ୍ତି ଦେଇଛନ୍ତି ସରକାର । ସେମାନଙ୍କୁ ନିଯୁକ୍ତି ପତ୍ର ଦିଆଯାଇଥିବା ବେଳେ ୭ଦିନ ଭିତରେ ନବନିଯୁକ୍ତ ଡ଼ାକ୍ତରମାନେ ନିଜ ନିଜ କାର୍ଯ୍ୟରେ ଦେବେ ଯୋଗ । ଏହି ଡକ୍ତର ମାନେ ଲକଡାଉନ୍ ସଟଡାଉନରେ, ନିଯୁକ୍ତି ପତ୍ରକୁ ଯାତାୟାତ ପାସ ଭାବେ ବ୍ୟବହାର କରିପାରିବେ । ରାଜ୍ୟ ଡ଼ାକ୍ତରୀ ଓ ସ୍ୱାସ୍ଥ୍ୟସେବା କ୍ୟାଡ଼ର ଅଫିସର ପଦବୀରେ ନିଯୁକ୍ତି ପାଇଁ ଓଡ଼ିଶା



ଲୋକସେବା ଆୟୋଗ ୭୮୬ ଜଣ ଡ଼ାକ୍ତରଙ୍କ ନାଁ ସୁପାରିଶ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ସେମାନଙ୍କର ନିଯୁକ୍ତି ସ୍ଥାନ ଗୁଡ଼ିକ ଏନଆଇସି ଭୁବନେଶ୍ୱର ଦ୍ୱାରା ଅନଲାଇନ୍ କାଉନସେଲିଂ କରିଆରେ ସ୍ଥିର କରାଯାଇଛି । ମୁଖ୍ୟମନ୍ତ୍ରୀ ନବ ନିଯୁକ୍ତ ଡ଼ାକ୍ତର ମାନଙ୍କୁ ଏକ ପତ୍ର ଯୋଗେ ଅଭିନନ୍ଦନ ଜଣାଇଛନ୍ତି ।

## ଭୁବନେଶ୍ୱରରେ ପହଂଚିଲା ବିଜୟ ସାହୁଙ୍କ ମରଶରୀର

ଭୁବନେଶ୍ୱର,୦୪/୦୬(ନି.ପ୍ର): ବିଶିଷ୍ଟ ଶିକ୍ଷାବିତ୍ ତଥା ସାଇ ଇଂଟରନ୍ୟାସନାଲ୍ ସ୍କୁଲର ପ୍ରତିଷ୍ଠାତା ଡ. ବିଜୟ କୁମାର ସାହୁଙ୍କ ମର ଶରୀର ଶୁକ୍ରବାର ଭୁବନେଶ୍ୱରରେ ପହଂଚିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଫାଇଭ ଟି ସଚିବ ଭିକେ. ପାଣ୍ଡିଆନ, ମିଶନ ଶକ୍ତି ସଚିବ ସୁଜାତା କାର୍ତିକେୟନ ଏବଂ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ପହଂଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ▶▶ପୃଷ୍ଠା ୭

## ଲଗାତାର ଷଷ୍ଠ ଥର ପାଇଁ ସୁଧହାର-ଅପରିବର୍ତ୍ତିତ ରଖିଲା ଆରବିଆଇ

ନୂଆଦିଲ୍ଲୀ,୦୪/୦୬: ଲଗାତର ଷଷ୍ଠଥର ପାଇଁ ରେପୋ ଓ ରିଭର୍ସ ରେପୋ ରେଟକୁ ଅପରିବର୍ତ୍ତିତ ରଖିଛି ଭାରତୀୟ ରିଜର୍ଭ ବ୍ୟାଙ୍କ । ଏପ୍ରିଲ-ଜୁନ୍ ତ୍ରୈମାସିକ ସମୀକ୍ଷା ପରେ ରେପୋ ରେଟ ୪ ପ୍ରତିଶତ ଓ ରିଭର୍ସ ରେପୋ ରେଟକୁ ୩.୩୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି ଆରବିଆଇ । ଏନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାଶ । ରେପୋ ରେଟ୍ ହେଉଛି-ଋଣ ଉପରେ ବ୍ୟାଙ୍କଗୁଡିକଠାରୁ ରିଜର୍ଭ ବ୍ୟାଙ୍କ ନେଉଥିବା ସୁଧ । ଏହା ୪ ପ୍ରତିଶତରେ ଅପରିବର୍ତ୍ତିତ ଥିବାରୁ ଗ୍ରାହକଙ୍କୁ ବ୍ୟାଙ୍କ ଦେଉଥିବା ଋଣ ଉପରେ ସୁଧ ମଧ୍ୟ ଅପରିବର୍ତ୍ତିତ ରହିପାରେ । ସେହିପରି ବ୍ୟାଙ୍କଗୁଡିକର ଜମା ଉପରେ ଆରବିଆଇ ଦେଉଥିବା ସୁଧ



ହେଉଛି ରେଭର୍ସ ରେପୋ ରେଟ୍ । ତେଣୁ ଗ୍ରାହକଙ୍କ ଜମା ଉପରେ ସୁଧହାର ମଧ୍ୟ ଅପରିବର୍ତ୍ତିତ ରଖିପାରନ୍ତି ବ୍ୟାଙ୍କ । ତେବେ କରୋନା ଦ୍ୱିତୀୟ ଲହର କାରଣରୁ ଆର୍ଥିକ ମାନ୍ଦାବସ୍ଥା ଫଳରେ ୨୦୨୧-୨୨ ଆର୍ଥିକ ବର୍ଷରେ ଦେଶର ଡିଜିପି ଅଭିବୃଦ୍ଧି ଆକଳନକୁ କମାଇ ଦେଇଛି ଭାରତୀୟ ରିଜର୍ଭ ବ୍ୟାଙ୍କ । ପୂର୍ବରୁ ଏହା ୧୦.୫ ପ୍ରତିଶତ ରହିବ ବୋଲି ଆରବିଆଇ ଆକଳନ କରିଥିବାବେଳେ ଏବେ ଏହାକୁ ୯.୫ ପ୍ରତିଶତକୁ କମାଇ ଦେଇଛି । ଏଥିସହ ଚଳିତ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି ଅର୍ଥାତ ଖୁଚୁରା ବଜାରରେ ଦରଦାମ ୫.୧ ପ୍ରତିଶତ ରହିବା ଆକଳନ କରିଛି ଆରିବିଆଇ ।

## ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ ଆର୍ଥିକ କ୍ଷତିଗ୍ରସ୍ତ : ୱେବ୍‌ସାଇଟ୍ ଉନ୍ମୋଚିତ

ଭୁବନେଶ୍ୱର,୦୪/୦୬ (ନି.ପ୍ର): ବିଭିନ୍ନ ଆର୍ଥିକ ପ୍ରତିଷ୍ଠାନର ଅର୍ଥ ଜମାକରି କ୍ଷତିଗ୍ରସ୍ତ ହୋଇଥିବା ଜମାକାରୀମାନଙ୍କୁ ଚିହ୍ନଟ ଓ ସେମାନଙ୍କର ବାସ୍ତବ ଜମା ରାଶିର ପରିମାଣ ନିରୂପଣ ନିମନ୍ତେ ସଂପୃକ୍ତ ଜମାକାରୀମାନଙ୍କଠାରୁ ଅନ୍‌ଲାଇନ୍ ରେ ଦାବି ଦରଖାସ୍ତ ଆହ୍ୱାନ ନିମନ୍ତେ ରାଜ୍ୟ ସରକାର ଏକ ନୂତନ ୱେବ୍‌ସାଇଟ୍ ର ଆରମ୍ଭ କରିଛନ୍ତି । ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଶୁକ୍ରବାରଭର୍ଚୁଆଲ ୍ ମୋଡ୍ ରେ ଏହାର ଉନ୍ମୋଚନ କରିଛନ୍ତି । କ୍ଷତିଗ୍ରସ୍ତ ଜମାକାରୀମାନେ www.opid.odisha.gov.in ରେ ଆବେଦନ କରିପାରିବେ । କ୍ଷତିଗ୍ରସ୍ତ ଜମାକାରୀମାନଙ୍କୁ ଦରଖାସ୍ତ ଦେବା ପାଇଁ ଆଉ ତହ ସିଲ ଅଫିସକୁ ଯିବାକୁ ପଡ଼ିବ ନାହିଁ । ଏଣିକି ସେମାନେ ନିଜ ଘରୁ କିମ୍ବା ନିକଟସ୍ଥ 'ମୋ ସେବା କେନ୍ଦ୍ର'ର ସହାୟତା ନେଇ ଅନ୍ ଲାଇନ୍ ରେ ସେମାନଙ୍କ ଦାବି ଦରଖାସ୍ତ ଦାଖଲ କରିପାରିବେ । ନିକଟସ୍ଥ 'ମୋ ସେବା କେନ୍ଦ୍ର'ର ଠିକଣା ରାଜ୍ୟ ସରକାରଙ୍କ ଡବ୍ଲୁଡବ୍ଲୁଡବ୍ଲୁ .ଓଡିଶା .ଜିଓଭି .ଇନ୍ ସାଇଟ୍ ରେ ଉପଲବ୍ଧ ଅଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ହାଇ-ଟେକ୍ ଇଷ୍ଟେଟସ୍ ଓ ପ୍ରମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ମେସର୍ସ ରାଜଧାନୀ ▶▶ପୃଷ୍ଠା ୭

## ୨୪ ଘଣ୍ଟା ମଧ୍ୟରେ ୧୨ ଜିଲ୍ଲାକୁ କାଳବୈଶାଖୀ ଭୟ

ଭୁବନେଶ୍ୱର,୦୪/୦୬(ନି.ପ୍ର): ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ, ପଶ୍ଚିମ ଓ ଉତ୍ତର ଆଭ୍ୟନ୍ତରୀଣ ଓଡିଶାର ଜିଲ୍ଲାର କିଛି ସ୍ଥାନରେ ବର୍ଷା ହୋଇପାରେ । ଖାଲି ସେତିକି ନୁହେଁ ଓଡିଶାର କିଛି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ସହ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି । ଆଜି ଅପରାହ୍ନରେ ଏନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ଏକ ସତର୍କ ସୂଚନାରେ କୁହାଯାଇଛି । ଏଥିସହ କାଳବୈଶାଖୀ ଭୟ ରହିଥିବା କିଛି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଜାରି ସତର୍କ ସୂଚନା ମତାବକ ଆଜି (୪ ଜୁନ୍, ଶୁକ୍ରବାର) ଅପରାହ୍ନ ୧ଟା ୩୦ଘଣ୍ଟା ମଧ୍ୟରୁ ଆସନ୍ତାକାଲି (୫ ଜୁନ୍, ଶନିବାର) ସକାଳ ୮ଟା୩୦ ଘଣ୍ଟା ମଧ୍ୟରେ ରାଜ୍ୟର ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ ଓ ବାଲେଶ୍ୱର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ମଧ୍ୟ ରହିଛ ବୋଲି ଜାରି ସତର୍କ ସୂଚନାରେ କୁହାଯାଇଛି । ଏହାକୁ ଦୃଷ୍ଟିରେ ରଖି ଏହି ସବୁ ଜିଲ୍ଲା ପାଇଁ ହଳଦିଆ ଚେତାବନୀ ବା ୟେଲୋ ୱାର୍ଣ୍ଣିଂ ଜାରି କରିବା ସହ କାଳବୈଶାଖୀ ଓ ବଜ୍ରପାତ ସମୟରେ ଘର ଭିତରୁ ପଦାକୁ ନ ବାହାରିବା ପାଇଁ ପରାମର୍ଶ ଦେଇଛି ପାଣିପାଗ ବିଭାଗ । ଏଥିସହ ଆସନ୍ତା ଜୁନ୍ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଏହିପରି କାଳବୈଶାଖୀ ସହ ବର୍ଷା ଓ ବଜ୍ରପାତର ସମ୍ଭାବନା ରହିଛି ବୋଲି କହିଛି ପାଣିପାଗ ବିଜ୍ଞାନ କେନ୍ଦ୍ର ।

## ହିତାଧିକାରୀଙ୍କୁ ମିଳିବ ୩ ମାସର ଆଗୁଆ ଭତ୍ତା



ଭୁବନେଶ୍ୱର,୦୪/୦୬ (ନି.ପ୍ର): ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ଥିବା ହିତାଧିକାରୀଙ୍କୁ ୩ ମାସର ଆଗୁଆ ଭତା ଦିଆଯିବ । ଏନେଇ ସୂଚନା ଦେଇଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା । ସେ କହିଛନ୍ତି ଯେ ହିତାଧୀକାରୀମାନେ ସେମାନଙ୍କର ଜୁନ୍, ଜୁଲାଇ ଏବଂ ଅଗଷ୍ଟ ମାସର ଭତା ଆଗୁଆ ପାଇବେ । ମଧୁବାବୁ ପେନସନ ଯୋଜନାରେ ଥିବା ହିତାଧିକାରୀଙ୍କୁ ମଧ୍ୟ ଆଗୁଆ ଭତା ପ୍ରଦାନ କରାଯିବ । ଦେଢ ଲକ୍ଷ ହିତାଧିକାରୀଙ୍କୁ ଇ-ପେମେଂଟ ଜରିଆରେ ଭତା ପ୍ରଦାନ କରାଯିବ । ଏହାସହ ଅନ୍ୟ ସମସ୍ତଙ୍କୁ ଘରେ ପେନସନ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ ଗୁଡ଼ିକରେ ୧.୯୩ କୋଟି ଡୋଜରୁ ଅଧିକ ଟିକା ଉପଲବ୍ଧ ରହିଛି

ନୂଆଦିଲ୍ଲୀ,୦୪/୦୬ (ନି.ପ୍ର): ଦେଶବ୍ୟାପୀ ଟିକାକରଣ ଅଭିଯାନର ଅଂଶସ୍ୱରୂପ ଭାରତ ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ଗୁଡ଼ିକୁ ସହାୟତା ଭାବେ ମାଗଣାରେ କୋଭିଡ ଟିକା ଉପଲବ୍ଧ କରାଉଛନ୍ତି । ଏଥିସହ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ଗୁଡ଼ିକ ସିଧାସଳଖ ଟିକା ଖରିଦ କରିବା ନେଇ ମଧ୍ୟ ଭାରତ ସରକାର ସୁବିଧା କରାଇଛନ୍ତି । ପରୀକ୍ଷଣ, ଟ୍ରେସିଂ, ଚିକିତ୍ସା ଓ କୋଭିଡ ନିୟମାବଳୀ ପାଳନ ସହ ଟିକାକରଣ ମହାମାରୀ ନିୟନ୍ତ୍ରଣ ଓ ପ୍ରବନ୍ଧନ ପାଇଁ ଭାରତ ସରକାରଙ୍କ ବିସ୍ତୃତ ରଣନୀତିର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ମେ ୧, ୨୦୨୧ରୁ କୋଭିଡ-୧୯ ଟିକାକରଣର ଉଦାର ଓ ତ୍ୱରିତ ପର୍ଯ୍ୟାୟ-୩ ଆରମ୍ଭ ହୋଇଛି ।




ଏହି ରଣନୀତି ଅନୁଯାୟୀ ପ୍ରତି ମାସରେ ଭାରତ ସରକାର କେନ୍ଦ୍ରୀୟ ଔଷଧ ଗବେଷଣାଗାର (ସିଡିଏଲ) ମଂଜୁରିପ୍ରାପ୍ତ ଯେକୌଣସି ନିର୍ମାତାଙ୍କ ଦ୍ୱାରା ପ୍ରସ୍ତୁତ ଟିକାର ୫୦% କ୍ରୟ କରିବେ । ଭାରତ ସରକାର ପୂର୍ବଭଳି ଏହି ଟିକା ଡୋଜ ଗୁଡ଼ିକୁ ବିନା ମୂଲ୍ୟରେ ରାଜ୍ୟ ସରକାରମାନଙ୍କୁ ଯୋଗାଇ ଦେବେ । ଭାରତ ସରକାର ଉଭୟ ବିନା ମୂଲ୍ୟରେ ଏବଂ ସିଧାସଳଖ ରାଜ୍ୟ ଗୁଡ଼ିକ ଦ୍ୱାରା ଖରିଦ ପ୍ରକ୍ରିୟାରେ ଏ ପର୍ଯ୍ୟନ୍ତ ୨୪ କୋଟି ଡୋଜରୁ ଅଧିକ ଟିକା (୨୪,୨୧,୨୯,୨୫୦) ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ ଗୁଡ଼ିକୁ ଉପଲବ୍ଧ କରାଇଛନ୍ତି । ଏଥିରୁ ନଷ୍ଟ ହୋଇଥିବା ଡୋଜକୁ ମିଶାଇ ୨୨,୨୭,୩୩,୯୬୩ ଡୋଜ୍ ଟିକା ବିନିଯୋଗ କରାଯାଇପାରିଛି । ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ ଗୁଡ଼ିକ ନିକଟରେ ଏବେ ୧.୯୩ କୋଟି ଡୋଜରୁ ଅଧିକ (୧,୯୩,୯୫,୨୮୭) ଟିକା ବିନିଯୋଗ ପାଇଁ ଉପଲବ୍ଧ ରହିଛି ।

## ତରଭୁଜ ଦୋକାନ ବନ୍ଦ କରିବାରେ ସାମାନ୍ୟ ବିଳମ୍ବ ହେବାରୁ ବୃଦ୍ଧ ଫଳ ବ୍ୟବସାୟୀଙ୍କୁ ମାଡ଼ ମାରିଲେ ଅତିରିକ୍ତ ତହସିଲଦାର

ଭୁବନେଶ୍ୱର,୦୪/୦୬(ନି.ପ୍ର): କରୋନା କାଳରେ ଜଣଙ୍କ ରୋଜଗାର ବନ୍ଦ ହୋଇଗଲେ କେତେ ସମସ୍ୟା ହୋଇଥାଏ, ତାହା ମାସିକ ନିର୍ଦ୍ଧାରିତ ରୋଜଗାର କରୁଥିବା ଲୋକ ହୁଏତ ବୁଝି ପାରିବେ ନାହିଁ । ଏପରି ସମୟରେ ଝାରସୁଗୁଡାରୁ ଆସିଛି ଏପରି ଖବର, ଯାହା ସମସ୍ତଙ୍କୁ ଏ ବିଷୟରେ ଭାବିବାକୁ ବାଧ୍ୟ କରିଛି । ବଜାର ଉପରେ ତରଭୁଜ ବିକ୍ରି କରୁଥିବା ବୃଦ୍ଧଙ୍କୁ ତାଗିଦ୍ କରିବାକୁ ଯାଇ, ମାଡ ମାରିଲେ ଅତିରିକ୍ତ ତହସିଲଦାର । ବୃଦ୍ଧଙ୍କ ଓଜନ ମାପ ଯନ୍ତ୍ର ବି ଛଡାଇନେଲେ, ଗାଳି ଗୁଲଜ ବି କରିଥିଲେ । ହେଲେ ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଅତିରିକ୍ତ ଜିଲ୍ଲାପାଳ ଘଟଣାରେ ହସ୍ତକ୍ଷେପ କରିଛନ୍ତି । ଫଳ ବ୍ୟବସାୟୀଙ୍କୁ ମାରିଲେ ତହସିଲଦାର । ଝାରସୁଗୁଡା ବନ୍ଧେ ଛକରେ ଜଣେ ତରଭୁଜ ବିକାଳିଙ୍କୁ ଅତିରିକ୍ତ ତହସିଲଦାର ଯୋବିତା ତିର୍କୀ ବାଡିରେ ▶▶ପୃଷ୍ଠା ୭

# ବିଶ୍ୱ ବାଇସାଇକେଲ ଦିବସ ପାଳିତ

ମାଲକାନଗିରି,୪/୬ (ନି.ପ୍ର): ସମୟର ପରିବର୍ତ୍ତନ ସହିତ ଲୋକମାନେ ଖାପ ଖୁଆଇ ଅନେକ ପ୍ରକାରର ନୁତନ ଗାଡିମଟର ତଥା ମେସିନ୍ ଚାଳିତ ଯାନବାହାନର ବ୍ୟବହାର କରୁଛନ୍ତି । ହେଲେ ସର୍ବୋପରେ ଦୁଇ ଚକିଆଯାନ ବାଇସାଇକେଲ୍ ର ମହତ୍ତ୍ୱ ହିଁ କିଛି ନିଆରା । କାରଣ ଏହା ଆମ ସ୍ୱାସ୍ଥ୍ୟର ଯତ୍ନ ନେବା ସହିତ ପରିବେଶକୁ ମଧ୍ୟ ଅନୁକୂଳ ରଖିବାରେ ସହାୟତା କରିଥାଏ । ସାଧାରଣରେ କହିବାକୁ ଗଲେ ପରିବହନର ଉତ୍କୃଷ୍ଟ ମାଧ୍ୟମ ହେଉଛି ବାଇସାଇକେଲ। ଏହା ଛୋଟ ପିଲାଠାରୁ ଆରମ୍ଭ କରି ବୃଦ୍ଧ ବୟସ୍କ ପାଇଁ ଅର୍ଥାତ୍ ସବୁ ପ୍ରକାରର ବୟସ ବର୍ଗର ଲୋକଙ୍କ ପାଇଁ ଏହା ଉଦ୍ଦିଷ୍ଟ । ବାଇସାଇକେଲର ନିୟମିତ ବ୍ୟବହାର ଦ୍ୱାରା ଡାଇବେଟିସ୍ ରେ ପୀଡିତ ଲୋକଙ୍କ ଶରୀର ଫିଟ୍ ରହିଥାଏ । ଏଥିସହ ଯୁବବର୍ଗଙ୍କ ପାଇଁ ମଧ୍ୟ ଏହା ବେଶ୍ ଉପଯୋଗୀ । ଗତବର୍ଷ ଠାରୁ କରୋନା ମହାମାରୀ ଆରମ୍ଭ ହେବା ପରଠାରୁ ଲୋକମାନଙ୍କୁ ସଚେତନତା ଦୃଷ୍ଟିରୁ ଘରେ ରହିବାକୁ ପରାମର୍ଶ ଦିଆଯାଉଛି ଏବଂ ବାହାରକୁ ଆସିବା ସମୟରେ ବାଇସାଇକେଲ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ୨୦୧୮ ମସିହାରେ ଜାତି ସଂଘର ସାଧାରଣ ପରିଷଦ ଏହି ଦିବସକୁ ପାଳନ କରିବାକୁ ସ୍ୱୀକୃତି ଦେଇଥିଲେ ।ଆଜି ଜୁନ ୩ ତାରିଖ ବିଶ୍ୱ ବାଇସାଇକେଲ ଦିବସ ଉପଲକ୍ଷେ ମାଲକାନଗିରି ବାଇକର୍ସ କ୍ଲବ ତରଫରୁ ସ୍ଥାନୀୟ ଦଣ୍ଡକାରଣ୍ୟ ଖେଳ ପଡିଆ ଠାରେ ଅଧ୍ୟାପକ ଡ଼ଃ ରଞ୍ଜନ କୁମାର ସ୍ୱାଇଁ ଙ୍କ ଅଧକ୍ଷତା ରେ ଡ଼ି ଏନ କେ ଛକ ପର୍ଯ୍ୟନ୍ତ ଏକ ବାଇ ସାଇକେଲ ରାଲି ଅନୁଷ୍ଠିତ ହୋଇଥିଲାଏହି ସଚେତନତା ରାଲିରେ ସାମ୍ବାଦିକ ଗୋପୀକୃଷ୍ଣ ପଟ୍ଟନାୟକ, ଦେବବ୍ରତ ସାନା, ବିକ୍ରମ କେଶରୀ ପାଢ଼ୀ, ହୟେଗ୍ରୀବ ପାଣିଗ୍ରାହୀ, ଜଗୁ ପଢ଼ିଆରୀ, ଗଣେଶ ସାହା, ପ୍ରକାଶ ଙ୍କ ସମେତ ବହୁସଂଖ୍ୟା ରେ ସାଇକେଲ ଆରୋହୀ ମାନେ ସାମିଲ ହୋଇ ସାଇକେଲ ଚଲାଅ ଜୀବନ ବଂଚାଅ, ସାଇକେଲ ଚଲାଅ ସୁସ୍ଥ ରୁହ, ସାଇକେଲ ଚଲାଅ ଖର୍ଚ୍ଚ କମାଅ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରାଇଥିଲେ।

# ଅକ୍ସିଜେନ କନସେନଟ୍ରେଟର ଲୋକାର୍ପିତ

ଭୁବନ,୪/୬ (ନି.ପ୍ର): ଭୁବନରେ ଅକ୍ସିଜେନର ଆବଶ୍ୟକତାକୁ ଉପଲବ୍ଧି କରି ସେବା ଭାରତୀ,ଓଡିଶା ପୂର୍ବ ପ୍ରାନ୍ତ ଆନୁକୂଲ୍ୟରେ ଓଏନଜିସି ଦ୍ୱାରା ଏକ ଅକ୍ସିଜେନେରେଟର ପ୍ରଦାନ କରାଯାଇଛି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଭୁବନ ଖଣ୍ଡ କାର୍ଯ୍ୟବାହ ରୂପକ କୁମାର ମିଶ୍ର,ସଂଘ ଚାଳକ ହୃଷିକେଶ ସାହୁ,ଏବିଭିପି ନଗର ସମ୍ପାଦିକା ସାଗରିକା ସାହୁ ପ୍ରମୁଖ ଏବିଭିପି କାର୍ଯ୍ୟାଳୟ ଠାରେ ଏହାକୁ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିଥିଲେ। ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହାୟତାରେ ରୋଗୀ ମାନଙ୍କୁ ଏହି ସେବା ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା ।

# କରୋନାରେ ବ୍ୟବସାୟୀଙ୍କ ପରଲୋକ

ମାଲକାନଗିରି,୪/୬ (ନି.ପ୍ର): ମାଲକାନଗିରି ଜିଲ୍ଲାରବରିଷ୍ଠ ବ୍ୟବସାୟୀ ଶାନ୍ତିଲାଲ ସୋମାନିଙ୍କ ଆଜି ସକାଳୁ ଛତିଶଗଡ ରାଜ୍ୟ ରାୟପୁର ଠାରେ କରୋନାରେ ସଂକ୍ରମିତ ହୋଇ ଚିକିତ୍ସା ଚାଲିଥିବାବେଳେ ଦେହାନ୍ତ ହୋଇଥିବା ଜଣା ପଡିଛି । ପ୍ରାପ୍ତ ସୂଚନା ଅନୁସାରେ ଶାନ୍ତିଲାଲଙ୍କର କିଡ଼ନୀ ଓ ହାର୍ଟ ସମସ୍ୟା ରହିଥିଲା । ତେଣୁ ସେ ରାୟପୁର ହସ୍ପିଟାଲରେ ମଝିରେ ମଝିରେ ଚିକିତ୍ସିତ ହୋଇ ଆସୁଥିଲେ । ଗତ ଦୁଇଦିନ ତଳେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ ପରିବାର ଲୋକେ ତୁରନ୍ତ ମାଲକାନଗିରିରୁ ରାୟପୁର ହସ୍ପିଟାଲକୁ ଚିକିତ୍ସା ଲାଗିନେଇ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କର କରୋନା ପରୀକ୍ଷା କରାଯିବା ପରେ ସେ ସଂକ୍ରମିତ ହୋଇଥିବା ଜଣା ପଡିଥିଲା । ମୃତ୍ୟୁ ବେଳକୁ ତାଙ୍କୁ ୬୬ ବର୍ଷ ହୋଇଥିଲା । ସେ ଜଣେ ଶାନ୍ତଶିଷ୍ଟ, ପରୋପକାରୀ, ସମାଜସେବୀ, ଧର୍ମ ପରାୟଣ, ମିଷ୍ଟ ଭାଷୀ ବ୍ୟକ୍ତିଥିଲେ । ମାଲକାନଗିରିରେ ଆୟୋଜିତ ଯେ କୌଣସି ଉତ୍ସବରେ ତାଙ୍କର ପୂର୍ଣ୍ଣ ସହଯୋଗ ରହୁଥିଲା । ମାଲକାନଗିରିରେ ତାଙ୍କର ଧାନ ମିଲ, ପେଟ୍ରୋଲ ପମ୍ପ, ଲୁଗା ବ୍ୟବସାୟ, ହୋଟେଲ୍, କନଷ୍ଟ୍ରକ୍ସ, ହାର୍ଡୱେର ଆଦି ବିଭିନ୍ନ ବ୍ୟବସାୟ ରହିଛି । ଦୁଃଖଦ ଖବର ଶୁଣି ତାଙ୍କ କନିଷ୍ଠ ଭାଇ ସୁରେଶ ସୋମାନି ରାୟପୁର ଗସ୍ତ କରିଛନ୍ତି । କୋଭିଡ ନିୟମ ଅନୁସାରେ ଶବ ପରିବାର ଲୋକଙ୍କୁ ହସ୍ତାନ୍ତର ହେବାର ନିୟମ ନଥିବାରୁ ରାୟପୁରରେ ହିଁ ସରକାରୀ ଭାବେ ଅନ୍ତେଷ୍ଟି କାର୍ଯ୍ୟ ସଂପନ୍ନ ହୋଇଛି । ତାଙ୍କ ବିୟୋଗରେ ମାଲକାନଗିରି ଜିଲ୍ଲା ଜଣେ ସଫଳ ବ୍ୟବସାୟୀଙ୍କୁ ହରାଇବା ସହ ସମଗ୍ର ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

# ଉତ୍କଳ ସାହିତ୍ୟ ସମାଜ ସାଧାରଣ ସମ୍ପାଦିକାଙ୍କ ବିୟୋଗରେ ସାହିତ୍ୟ ସଂସଦର ଶୋକ

କେନ୍ଦ୍ରାପଡ଼ା,୪/୬ (ନି.ପ୍ର): ଓଡିଶାର ସର୍ବ ପୁରାତନ ସାହିତ୍ୟାନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦିକା ଓ କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ଅଂଚଳର ମହିୟସୀ ମହିଳା ତଥା ବିଶିଷ୍ଟ ଲେଖିକା ମିନାକ୍ଷୀ ଦେବୀଙ୍କର ବୁଧବାର ହୃଦ୍‌ଘାତରେ ବିୟୋଗ ହୋଇଯାଇଛି । ସ୍ୱର୍ଗତା ମିନାକ୍ଷୀ ଦେବୀଙ୍କ ବିୟୋଗରେ କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ଏହି ଅବସରରେ ସଂସଦର ସଭାପତି ଡଃ. ବାସୁଦେବ ଦାସ, କାର୍ଯ୍ୟକାରୀ ସଭାପତି କରୁଣାକର ଦାସ, ଉପସଭାପତି ପ୍ରଦୀପ କୁମାର ଦାଶ, ହେମନ୍ତ କୁମାର ଜେନା, ପ୍ରେମଲତା ଗିରି, ଫକିର ଓଝା, ରାମକୃଷ୍ଣ ଦାସ, ଅଶୋକ ପରିଡା, ସୁରେନ୍ଦ୍ର ବେହେରା, ସମ୍ପାଦକ ଶୁଭ୍ରାଂଶୁ ଦାସ, ସଂଗଠନ ସମ୍ପାଦକ ଆଦିକନ୍ଦ ରାଉଳ, କାର୍ତ୍ତିକ ଚରଣ ନାୟକ, ମନୋଜ ଦାସ, ନୃସିଂହ ତ୍ରିପାଠୀ, କାକୁଲି ମଲ୍ଲିକ, ଅନସୂୟା ମିଶ୍ର, ପ୍ରଣତୀ ପଣ୍ଡା, ଶ୍ରୀଧର ଭୋଳ, ଶରତ ରାଉତ, ପ୍ରାଧ୍ୟାପକ ମୋହନ ଚରଣ ଜେନା, ଈଶ୍ୱର ଚନ୍ଦ୍ର ସାହୁ, ଶରତ ଜେନା, ବିରଜା ରାଉତରାୟ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଅଜୟ ସାମଲ, ସତ୍ୟପ୍ରିୟ ଦାସ, ପ୍ରତିଭା ଦାସ, ନାରାୟଣ ଜେନା, ଅନନ୍ତ ନାୟକ, ମନରଞ୍ଜନ ତ୍ରିପାଠୀ, ଦିବାକର ସାହୁ, ଗୋଲକ ସେଠୀ ପ୍ରମୁଖ ମିଳିତଭାବେ ଗଭୀର ସ୍ୱର୍ଗତା ଦେବୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

# ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ପାଇଁ ସ୍ୱତନ୍ତ୍ର ଟିକାକରଣ ବ୍ୟବସ୍ଥା ପାଇଁ ଦାବି

କେନ୍ଦ୍ରାପଡ଼ା,୪/୬ (ନି.ପ୍ର): କେନ୍ଦ୍ରାପଡାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁନର୍ବାସ ତରଫରୁ କୋଭିଡ-୧୯ କରୋନା ମହାମାରୀ ପାଇଁ ଦିଆ ଯାଉଥିବା ଟୀକାକରଣ ପାଇଁ ଜିଲ୍ଲାରେ ଥିବା ଗୁରୁତର ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ ମାନଙ୍କୁ ସ୍ୱତନ୍ତ୍ର କ୍ୟାମ୍ପ କରି ଟୀକାକରଣ କରିବା ପାଇଁ ପୁନର୍ବାସ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ୨୦୧୧ ମସିହା ଜନ ଗଣନା ଅନୁସାରେ ଜିଲ୍ଲାରେ ୪୦ ହଜାର ଭିନ୍ନକ୍ଷମ ଥିବାବେଳେ ତାହା ବର୍ତ୍ତମାନ ୧ ଲକ୍ଷରୁ ଅଧିକ । ଏମାନଙ୍କ ମଧ୍ୟରୁ ଶତକଡା ୬୦ ପ୍ରତିଶତ ଗୁରୁତର ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ ଅନ୍ତର୍ଭୁକ୍ତ । ଏମାନଙ୍କୁ ଏକ ସ୍ୱତନ୍ତ୍ର କ୍ୟାମ୍ପ କରି ସପ୍ତାହକୁ ଥରେ ଟୀକା ଦେବା ପାଇଁ ପୁନର୍ବାସ ପକ୍ଷରୁ ବରିଷ୍ଠ ସଦସ୍ୟ ମହମ୍ମଦ ଜାହିଦ୍ ଖାନ, ଜ୍ୟୋତି ରଞ୍ଜନ ନାୟକ, ଲଳିଟେନ୍ଦୁ ପଣ୍ଡା, ମନୋଜ ରାଉତ ପ୍ରମୁଖ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନରହରି ସେଠୀ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି ।

# ଜିଲ୍ଲା କୃଷି ବିଭାଗର ପ୍ରାଥମିକ ଆକଳନ, ୮୫ ଟି ଗାଁର ୨୯୪ ହେକ୍ଟର ଧାନ ଓ ଅଣଧାନ ଫସଲ ହାନି

ଭଦ୍ରକ, ୪/୬ (ହି.ସ.) - ବାତ୍ୟା ୟାସ୍ ଜିଲାର ୭ଟି ବ୍ଲକ୍‌ର ୩୬ଟି ପ ।ୟତର ୮୫ଟି ଗାଁର ଚଳିତ ଋତୁର ୨୯୪ ହେକ୍ଟର ଧାନ ଓ ଅଣଧାନ ଫସଲ (ଷ୍ଟାଡିଂକ୍ରପ୍) ହାନି ଘଟାଇଛି। ଜିଲା କୃଷି ବିଭାଗର ପ୍ରାଥମିକ ଆକଳନ ଅନୁଯାୟୀ ଏହି ୭ ଟି ବ୍ଲକ୍‌ରେ ୫୧୫ ହେକ୍ଟର ଧାନ ଓ ଅଣଧାନ ଫସଲ ଚାଷ ହୋଇଥିଲା। ଏହାମଧ୍ୟରୁ ୨୯୪ ହେକ୍ଟର ଜମିର ଶସ୍ୟ ବାତ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଛି। ଜିଲା ପ୍ରଶାସନର ଏହି ଆଖିଦୃଶିଆ ପ୍ରାଥମିକ ଆକଳନ ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯାଇଛି। ଜିଲାର ଚଳିତ ଋତୁରେ ଜିଲାର ୭ଟି ବ୍ଲକ୍‌ରେ ଚାଷ ହୋଇଥିବା ୫୧୫ ହେକ୍ଟର ଫସଲ ମଧ୍ୟରୁ ୧୯୩ ହେକ୍ଟର ଧାନ ଓ ୩୨୨ ହେକ୍ଟର ଧାନ ଓ ଅଣଧାନ ଫସଲ ଥିଲା। ଏହାମଧ୍ୟରୁ ୧୪୧ ହେକ୍ଟର ଧାନ ଫସଲ ୩୩.୫୦ ପ୍ରତିଶତ କ୍ଷତିଗ୍ରସ୍ତ ହୋଇଥିବାବେଳେ ୫୦ ପ୍ରତିଶତ ୨୦ ହେକ୍ଟର ଜମିର ଫସଲ ମୋଟ ୧୬୧ ହେକ୍ଟର କ୍ଷତିଗ୍ରସ୍ତ ହୋଇଛି। ଏହାବ୍ୟତୀତ ୩୮ ହେକ୍ଟର ଜମିର ଅଣଧାନ ଫସଲ ୩୩.୫୦ ପ୍ରତିଶତ ନଷ୍ଟ ହୋଇଥିବାବେଳେ ୯୫ ହେକ୍ଟର ଅଣଧାନ ଜମି ଧାନର ଫସଲ ୫୦ ପ୍ରତିଶତ ମୋଟ ୧୩୩ ହେକ୍ଟର ଜମିର ଅଣଧାନ ଫସଲ ନଷ୍ଟ ହୋଇଛି। ଭଦ୍ରକ ବ୍ଲକ୍‌ର ୫ ଟି ଫଂଚାୟତ ୧୪ଟି ଗାଁର ୬୫ ହେକ୍ଟର ଜମିରେ ଅଣଧାନ ଫସଲ ଚାଷ କରାଯାଇଥିଲା। ଏହିସବୁ ଜମିର ଫସଲ ୫୦ ପ୍ରତିଶତ ହାନି ଘଟିଛି। ସେହିପରି ତିହିଡି ବ୍ଲକ୍‌ର ୭ଟି ଫଂଚାୟତର ୧୭ଟି ଗାଁର ୨୦ ହେକ୍ଟର ଧାନ ଓ ୩୧ ହେକ୍ଟର ଅଣଧାନ ମୋଟ ୫୧ ହେକ୍ଟର ଜମିର ଫସଲ ହୋଇଥିଲା। ଏହାମଧ୍ୟରୁ ୨୦ ହେକ୍ଟର ଜମିର ଧାନ ଫସଲ ୫୦ ପ୍ରତିଶତ ଓ ୩୦ ହେକ୍ଟର ଅଣଧାନ ଫସଲ ମୋଟ ୫୦ ହେକ୍ଟର ଜମିର ଫସଲ କ୍ଷତିଗ୍ରସ୍ତ ହୋଇଛି। ବାସୁଦେବପୁର ବ୍ଲକ୍‌ର କୌଣସି ଚାଷ ଜମି ବାତ୍ୟା ଦ୍ୱାରା ପ୍ରଭାବିତ ହୋଇନାହିଁ। ଚାନ୍ଦବାଲିର ୫ଟି ଫଂଚାୟତର ୧୮ଟି ଗାଁରେ ୮୨ ହେକ୍ଟର ଧାନ ଅଣଧାନ ଚାଷ ହୋଇଥିଲା। ଏହାମଧ୍ୟରୁ ୮୦ ହେକ୍ଟର ଜମିର ୩୩.୫୦ ପ୍ରତିଶତ ଫସଲ ୨ ହେକ୍ଟର ଅଣଧାନ ଫସଲ ୩୩.୫୦ ପ୍ରତିଶତ ନଷ୍ଟ ହୋଇଛି। ଧାମନଗରର ୧୩ଟି ଫଂଚାୟତର ୨୪ଟି ଗାଁର ୬୧ ହେକ୍ଟର ଧାନ ଓ ୧୫୧ ହେକ୍ଟର ଅଣଧାନ ମୋଟ ୨୧୨ ହେକ୍ଟର ଜମିରେ ଫସଲ ହୋଇଥିଲା। ଏହାମଧ୍ୟରୁ ୬୧ ହେକ୍ଟର ଜମିର ଧାନଫସଲ ୩୩.୫୦ ପ୍ରତିଶତ କ୍ଷତି ଘଟିଥିବାବେଳେ ୪ ହେକ୍ଟର ଜମିର ଅଣଧାନ ଫସଲ ମୋଟ ୬୫ ହେକ୍ଟର ଜମିର ଫସଲ ୩୩.୫୦ ପ୍ରତିଶତ ନଷ୍ଟ ହୋଇଛି। ଭଣ୍ଡାରିପୋଖରୀ ବ୍ଲକ୍‌ର ୩୩ ହେକ୍ଟର ଜମିରେ ଧାନ ଓ ୩୫ ହେକ୍ଟର ଜମିରେ ଅଣଧାନ ମୋଟ ୬୬ ହେକ୍ଟର ଜମିରେ ଫସଲ ହୋଇଥିଲା। ତେବେ ବାତ୍ୟାରେ କୌଣସି ପ୍ରଭାବ ଏଠାରେ ପଡୁନାହିଁ। ବନ୍ତ ବ୍ଲକ୍‌ର ୬ ପ ।ୟତର ୧୨ଟି ଗାଁରେ ୩୪ ହେକ୍ଟର ଜମିରେ ଅଣଧାନ ଫସଲ ହୋଇଥିଲା। ବାତ୍ୟା ପ୍ରଭାବରେ ୩୨ ହେକ୍ଟର ଜମିର ଫସଲ ହାନି ଘଟୁଥିବାର ଜିଲା କୃଷି ବିଭାଗର ପ୍ରାଥମିକ ଆକଳନରୁ ଜଣାପଡିଛି। କ୍ଷୟକ୍ଷତିର ଆକଳନ ନିମନ୍ତେ ସରକାରଙ୍କ ବିଧିବଦ୍ଧ ନିର୍ଦ୍ଦେଶ ମୁତାବକ ଜିଲା ମୁଖ୍ୟ କୃଷି ଅଧିକାରୀ ଜଗନ୍ନାଥ ନନ୍ଦ, କୃଷି ଜିଲା ଅଧିକାରୀ ପ୍ରସାଦ କୁମାର ନାୟକ ଓ ରମେଶ ଚନ୍ଦ୍ର ରାଉତଙ୍କ ପ୍ରତ୍ୟକ୍ଷ ତ ।ବଧାନରେ ୭ଟି ବ୍ଲକ୍‌ର କ୍ଷୟକ୍ଷତି ପ୍ରାଥମିକ ଭାବେ ଆକଳନ କରାଯାଇଥିଲା।

# ସ୍ୱର୍ଗତ ସାମ୍ବାଦିକ ଆଶୁତୋଷ ବେହେରାଙ୍କ ଦ୍ୱାଦଶାହ ପାଳିଲା ଟିମ୍ ହ୍ୟୁମାନିଟି

କନ୍ଧମାଳ,୪/୬ (ନି.ପ୍ର): କନ୍ଧମାଳ ଜିଲ୍ଲାରେ କୋଭିଡ ସଂକ୍ରମଣର ଦ୍ୱତୀୟ ଲହରରେ ଫୁଲବାଣୀର ସାମ୍ବାଦିକ ତଥା ଲୋକପ୍ରିୟ ବ୍ୟକ୍ତି ଆସୁତୋଷ ବେହେରା (ବଣ୍ଟି)ଙ୍କର କୋଭିଡରେ ଆକ୍ରାନ୍ତ ହୋଇ ଚିକିତ୍ସିତ ଅବସ୍ଥାରେ ଫୁଲବାଣୀ କୋଭିଡ ହସପିଟାଲରେ ଗତମାସ ୨୩ ତାରିଖ ଦିନ ଦେହାନ୍ତ ଘଟିଥିଲା । ଏଥିରେ ସମଗ୍ର ଫୁଲବାଣୀ ଏବଂ ଜିଲ୍ଲାର ବିଭିନ୍ନ ଅଂଚଳର ସାମ୍ବାଦିକ ମାନେ ଶୋକ ବ୍ୟକ୍ତ କରିବାସହିତ ତାଙ୍କ ଶୋକ ସନ୍ତପ୍ତ ପରିବାରକୁ ସହାୟତା ପାଇଁ ସରକାରଙ୍କ ନିକଟରେ ଦାବୀ ମଧ୍ୟ କରିଥିଲେ । ଆଜି ସ୍ୱର୍ଗତ ଆସୁତୋଷଙ୍କର ଦ୍ୱାଦଶାହ ପାଳନ ଅବସରରେ ଟିମହ୍ୟୁମାନିଟି କନ୍ଧମାଳ ତରଫରୁ ଫୁଲବାଣୀରେ ଥିବା ସମସ୍ତ ଗରିବ ଭୀକାରୀ ଏବଂ ମାନସିକ ବିକୃତ ବ୍ୟକ୍ତି ମାନଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି । ଟିମହ୍ୟୁମାନିଟିର ଆବହକ ଭି.ଲୋକନାଥ ରାଜୁଙ୍କ ନେତୃତ୍ୱରେ ଫୁଲବାଣୀ ସହରରେ ଥିବା ଏହିଭଳି ୯୦ ଜଣଙ୍କୁ ଅପରାହ୍ନ ସମୟରେ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଥିଲା । ସେହିପରି ରାତିରେ ମଧ୍ୟ ପ୍ରାୟ ୭୦ ଜଣଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା । ସ୍ୱର୍ଗତ ଆସୁତୋଷ ଜଣେ ମେଳାପୀ,ମିଷ୍ଟଭାଷି ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସେ ଫୁଲବାଣୀ ସହର ପାଇଁ ଗୋଟିଏ ଗଣମାଧ୍ୟମର ସମ୍ବାଦିକ ଭାବରେ କାର୍ଯ୍ୟ କରୁଥିଲେ । ତାଙ୍କର ଦେହାନ୍ତରେ ଫୁଲବାଣୀରେ ସାମ୍ବାଦିକ ମହଲରେ ଏବଂ ତାଙ୍କର ବନ୍ଧୁମାନଙ୍କ ମଧ୍ୟରେ ଶୋକରଛାୟା ଖେଳିଯାଇଛି । ଆଜି ଟିମହ୍ୟୁମାନିଟି କନ୍ଧମାଳ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ସ୍ୱର୍ଗତ ବଣ୍ଟିଙ୍କର ଅମର ଆତ୍ମାର ସଦଗତି କାମନା କରାଯାଇଛି ।

# ଲୋକଙ୍କୁ ବୁଝାଇ ନିଜ ଗାଡିରେ ଟିକାଦାନ କେନ୍ଦ୍ରରେ ଛାଡିଲେ ସରପଂଚ

କନ୍ଧମାଳ,୪/୬ (ନି.ପ୍ର): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଅନ୍ତର୍ଗତ ଆରାବକା ଫଂଚାୟତର ସରପଂଚ ନାରାୟଣ ପ୍ରଧାନ ତାଙ୍କ ଫଂଚାୟତର ଅସହାୟ ଏବଂ କୋଭିଡ ଟୀକା ନେବନାକୁ ଭୟ କରୁଥିବା ଲୋକଙ୍କୁ ବୁଝାସୁଝା କରି ଟୀକାଦାନ କେନ୍ଦ୍ରକୁ ନିଜ ବୋଲେରୋ ଗାଡିରେ ନେଇ ଗୋଟିଏ ଦିନରେ ଫଂଚାୟତର ପ୍ରାୟ ୨ ଶହ ଲୋକଙ୍କୁ ଟୀକାଦାନ କରାଯଇଥିବା ଜଣାପଡିଛି । ସୂଚନା ଅନୁସାରେ ଆରବକାର ସରପଂଚ ଜଣେ ଶିକ୍ଷିତ ଏବଂ ସମାଜସେବୀ ବ୍ୟକ୍ତି ଅଟନ୍ତି । କୋଭିଡ ସଂକ୍ରମଣ କାଳରେ ଜିଲ୍ଲାରେ କରୋନାରେ ଲୋକେ ଆକ୍ରାନ୍ତ ହେବା ସହିତ ସେମାନଙ୍କ ମଧ୍ୟରୁ ଅନେକ ମୃତ୍ୟୁ ମୁଖରେ ପଡୁଛନ୍ତି । ସରମାରଙ୍କ ଦ୍ୱାରା ଖୋଲାଯାଇଥିବା ଟୀକାଦାନ କେନ୍ଦ୍ର ଗୁଡିକରେ କିଛି ଲୋକ ନିଜେ ଆସି ଟୀକା ନେଇ ଘରକୁ ଯାଉଥିବା ବେଳେ ଆଉ କେତେ ଲୋକ ସେମାନଙ୍କର ନିଜସ୍ୱ ଯାତାୟାତର ସୁବିଧା ନଥିବାରୁ ଏବଂ ଗାଡିମଟର ଚାଲି ନଥିବାରୁ ଟୀକାଦାନ କେନ୍ଦ୍ରରେ ପହଂଚି ପାରୁନାହାନ୍ତି । ଆଉ କେତେ ବ୍ୟକ୍ତି ଟୀକା ନେବା ପାଇଁ ଭୟରେ ମଧ୍ୟ ଟୀକାଦାନ କେନ୍ଦ୍ରକୁ ଯାଉ ନଥିବା ଜାଣିବାପରେ ସରପଂଚ ନାରାୟଣ ପ୍ରଧାନ ନିଜେ ତାଙ୍କ ବୋଲେରୋ ଗାଡିରେ ଲୋକଙ୍କୁ ନେଇ ଟୀକାଦାନ କେନ୍ଦ୍ରରେ ପହଂଚାଇବା ସହିତ ସେମାନଙ୍କୁ ଘରକୁ ଫେରାଇବା ଭଳି ମହତ କାର୍ଯ୍ୟ କରିଛନ୍ତି । ବୁଧବାର ଦିନ ସେହି ଅଂଚଳରେ ପ୍ରବଳ ବର୍ଷା ସତ୍ୱେ ସେ ଏହି କାମଜାରି ରଖିଥିଲେ। ତାଙ୍କର ଏହି କାର୍ଯ୍ୟରେ ଫଂଚାୟତବାସୀଙ୍କ ସମେତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତାଙ୍କର ଏହି କାମକୁ ପ୍ରଶଂସା କରିଛନ୍ତି ।

# ୬ଶହ ଶିକ୍ଷକ ଦରମା ନପାଇ ହନ୍ତସନ୍ତ: ମୁହଁ ଖୋଲିଲେ ନାଲିଆଖି ଦେଖାଉଥିବା ଅଭିଯୋଗ

ରାଉରକେଲା,୪/୬ (ନି.ପ୍ର): ରାଜ୍ୟ ସରକାରଙ୍କ ଅଧିନରେ କାର୍ଯ୍ୟରତ ୬ଶହ ଶିକ୍ଷକ ଶିକ୍ଷୟତ୍ରୀ ବିଗତ ଦିନ ଗୁଡିକରେ ନିୟମିତ ଦରମା ପାଇ ଆସୁଥିବା ବେଳେ, ମଇ ମାସର ଦରମା ସଠିକ ସମୟରେ ନପାଇ ନାନା ସମସ୍ୟା ଦେଇ ଗତି କରୁଥିବା ବେଳେ ଏନେଇ ମୁହଁ ଖୋଲିଲେ ନାଲି ଆଖି ଦେଖଯାଇ ମୁହଁ ବନ୍ଦ କରାଯାଉଥିବା ଅଭିଯୋଗ ହୋଇଛି । ଏ ହେଉଛି ସୁନ୍ଦରଗଡ ଜିଲ୍ଲା ରାଉରକେଲା ସହର ତଥା ବିଶ୍ରା ବ୍ଲକର ଶିକ୍ଷକ ମାନଙ୍କ କଥା । ଏହି ବ୍ଲକରେ ଶିକ୍ଷକ ମାନଙ୍କର ଦରମା ନିୟମିତ ଭାବେ ୩୦ ତାରିଖ ଭିତରେ ହୋଇଥାଏ । ଶିକ୍ଷକତା ଚାକିରୀ ଓ ଦରମାକୁ ଭରଷା କରି ସଂସାର ଚଳାଉଥିବା ଏହି ମଣିଷ ମାନେ ସେହି ଦରମା ଉପରେ ନିର୍ଭର ଶୀଳ ।ଦରମା ଆସିଲେ ପିଲାଙ୍କ ଟ୍ୟୁସନ ଫି ଠାରୁ ରାସନ ଦୋକାନ ଓ ନାନା ପ୍ରକାର ଲୋନ ସୁଝିବା ଓ ବନ୍ଧୁ ବାନ୍ଧବ ଭଲମନ୍ଦ ଲାଗି ଏହି ଦରମା ଗଣ୍ଡିକ ଉପରେ ଏହି ଶିକ୍ଷକ ମାନେ ନିର୍ଭର କରିଥାନ୍ତି । କିନ୍ତୁ ରାଉରକେଲା ତଥା ବିଶ୍ରା ବ୍ଲକ ଶିକ୍ଷା ଅଧିକାରୀ ବିଗତ ଏକ ସପ୍ତାହ ଧରି ରାଉରକେଲା ରେ ନଥିବାରୁ ବିଲରେ ଦସ୍ତଖତ ହୋଇ ପାରୁନାହିଁ ଓ ଦରମା ବିଲ୍ ଟ୍ରେଜେରୀକୁ ଯାଇ ପାରୁ ନାହିଁ କିମ୍ବା ଶିକ୍ଷକ ମାନେ ଦରମା ପାଇପାରୁନଥିବା ଅଭିଯୋଗ ହୋଇଛି । ଏନେଇ ବିଇଓ ପ୍ରଗ୍ୟାଂପରିମିତା ଜେନାଙ୍କୁ ଯୋଗା ଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇ ନଥିଲା । ଏହି ଶିକ୍ଷକ ମାନଙ୍କର ଦରମା ବିଲ ଅଫିସ କର୍ମଚାରୀ ମାନେ ପ୍ରସ୍ତୁତ କରି ରଖିଛନ୍ତି, ହେଲେ ବିଇଓ କୌଣସି ନିଜସ୍ୱ କାମରେ ବାହାରକୁ ଚାଲି ଯାଇଛନ୍ତି ଓ ଦରମା କିପରି ହେବ ତହାର କୌଣସି ବ୍ୟବସ୍ଥା କରିନଥିବାର ଖବର ମିଳିଛି । ଏନେଇ ଶିକ୍ଷକ ମାନେ ମୁହଁ ଖୋଲିବା ପରେ ଗଣମାଧମ ଗୁଡିକ ପକ୍ଷରୁ ତାଙ୍କୁ ପଚରା ଯିବାରୁ ସେ କୁଆଡେ ଅଫିସରେ ଥିବା ବରିଷ୍ଠ ଅଧିକାରୀ ମାନଙ୍କୁ ଏନେଇ ନାଲି ଆଖି ଦେଖାଉଥିବାର ଅଭିଯୋଗ ହୋଇଛି । ସରକାରୀ ନିୟମ ଅନୁସାରେ କୌଣସି ଅଫିସ ର ମୁଖ୍ୟ ଯଦି କୌଣସି କାମରେ ବାହାରକୁ ଗଲେ ତେବେ ସେ ଛୁଟୀ ନେଇ ଯିବେ ଓ ଅନ୍ୟ ଜଣକୁ ଦାୟିତ୍ୱ ଦେଇ ଯିବେ । ଯଦି ଏହା ଏଠାରେ ହୋଇଥାନ୍ତା ତେବେ ଏଭଳି ସମସ୍ୟା ହୋଇ ନଥାନ୍ତା ବୋଲି ବରିଷ୍ଠ ଅଧିକାରୀ ମାନେ ମତ ଦେଇଛନ୍ତି । କିନ୍ତୁ ଏଠାରେ ସେଭଳି କୌଣସି ବ୍ୟବସ୍ଥା ହୋଇନଥିବାରୁ ଶିକ୍ଷକ ମାନେ ସମସ୍ୟାରେ ପଡିଛନ୍ତି । ଖାଲି ସେତିକି ନୁହେଁ ବିଗତ କିଛି ମାସ ତଳେ ଲାଠିକଟାରୁ ଆସିଥିବା ଏହି ବିଇଓଙ୍କ ବିରୋଧରେ ନାନା ପ୍ରକାର ଅଭିଯୋଗ ଆସିବାରେ ଲାଗିଛି, ଯାହା କେବେ ହେଲେ କୌଣସି ବିଇଓଙ୍କ ପାଖରେ ଦେଖାଯାଇନଥିଲା । ସରକାର ଦରମା ଓ ନାନା ପ୍ରକାର ଭତା ଆଦିଲାଗି ଅର୍ଥର ବ୍ୟବସ୍ଥା । ସରକାରୀ ତହବିଲରୁ କରୁଛନ୍ତି । ଶିକ୍ଷକ ମାନେ ତାଙ୍କ କାମକରିବା ଭିତରେ ଦରମା ଗଣ୍ଡିକ ପାଉଛନ୍ତି, କିନ୍ତୁ ଏହି ଅଧିକାରୀ ଏଭଳି ଆଚରଣ କୁଆଡେ ପ୍ରଦର୍ଶନ କରୁଛନ୍ତି ସତେ ଯେମିତି ସେ ନିଜ ପକେଟରୁ ଶିକ୍ଷକ ମାନଙ୍କୁ ଦରମା ଓ ଭତା ଆଦି ଦେଉଛନ୍ତି ଭଳି ଆଚରଣ କରୁଥିବା ଅଭିଯୋଗ ହେଉଛି ।ଏହା ଦ୍ୱାରା ଶିକ୍ଷକ ମହଲରେ ଅସନ୍ତୋଷର ବାତା ବରଣ ବୃଦ୍ଧି ପାଇବାରେ ଲାଗିଛି । ଏହି ବିଇଓଙ୍କ ସମୟରେ କୌଣସି ସରକାରୀ ନିର୍ଦ୍ଦେଶନାମା ନଥାଇ ଶିକ୍ଷକ ମାନଙ୍କୁ ଅଫଲାଇନ ପାଠ ପଢାଇବା ଲାଗି ବାଧ କରାଯାଉଥିବା ଅଭିଯୋଗ ହୋଇଛି । କରୋନାର କରାଳ ରୁପରେ ସରକାର ତାଙ୍କର କେଉଁ କର୍ମଚାରୀ ମାନଙ୍କୁ କିଭଳି କାମରେ ଲଗାଇବେ ସେନେଇ ଖୋଦ ମୁଖ୍ୟ ଶାସନ ସଚିବ ଦେଖୁଛନ୍ତି ।କିନ୍ତୁ ଏହି ବିଇଓ ଜଣଙ୍କ ଅନଲାଇନ ମିଟିଂ ବେଳେ ଶିକ୍ଷକ ମାନେ ଅଫ ଲାଇନରେ ପିଲା। ମାନଙ୍କୁ ପାଠ ପଢାଇବା ଦରକାର ବୋଲି ତାଗିଦ କରୁଛନ୍ତି ଓ ଏନେଇ କୌଣସି ସରକାରୀ ନିର୍ଦ୍ଦେଶନାମା ଦେଖାଇ ପାରୁନଥିବା ଆଲୋଚନା ହେଉଛି । କରୋନା ସମୟରେ ସରକାର ଛୋଟ ଛୋଟ ପିଲା ଓ ସେମାନଙ୍କ ପରିବାର ପ୍ରତି ଦାୟିତ୍ୱ ସଂପର୍ଣ ହୋଇ ରହିଥିବା ବେଳେ ଏହି ଅଧିକାରୀଜଣଙ୍କର ଏତା ଦୃଶ କାର୍ଯ୍ୟ ପଛରେ କେଉଁ ମହତ ନିହିତ ଉଦ୍ଦେଶ୍ୟ ଲୁଚି ରହିଛି ତାହା ବୁଝାପଡୁନହିଁ ।ତେବେ ରାଉରକରଲା ଭଳି ଗୁରୁତ୍ୱ ପୁର୍ଣ୍ଣଯାଗାରେ ଯଦି ଏବଳି ସମସ୍ୟା ଲାଗି ରହେ ତେବେ ଏହା ବ୍ୟବସ୍ଥା। ଲାଗି ଆଦୌ ଶୁଭଙ୍କର ନୁହେଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

# ଛିଡି ଯାଇଥିବା ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମୃତ

## ଅନ୍ଧାରରେ ଚାଲିଚାଲି ଘରକୁ ଯିବାବେଳେ ଅଘଟଣ

କନ୍ଧମାଳ,୪/୬ (ନି.ପ୍ର): କନ୍ଧମାଳ ଜିଲ୍ଲା ସିର୍ଲା ଫଂଚାୟତରୁ ପସରଡି ଗ୍ରାମକୁ ଯିବା ବାଟରେ ଚାଲିଚାଲି ଘରକୁ ଫେରୁଥିବାବେଳେ ବାଟରେ ଛିଡି ପଡିଥିବା ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ୧୫ ବର୍ଷିୟ କିଶୋରର ଜୀବନ ଯାଇଛି । ମୃତକର ନାମ ଫିରୋଜ ପାଟ୍ଟମାଝୀ ଏବଂ ତାର ଘର ପସରଡି ଗ୍ରାମରେ ବୋଲି ଜଣାପଡିଛି ସେ ୧୦ ମ ଶ୍ରେଣୀରେ ପଢୁଥିଲା । ସୂଚନା ଅନୁସାରେ ବୁଧବାର ଦିନ ଘରୋଇ ସଉଦା ଆଣିବାକୁ ଗାଁ ର ଅନ୍ୟ ୩ ଜଣଙ୍କ ସହିତ ସିର୍ଲାକୁ ଯାଇଥିଲା ଫିରୋଜ । ସଉଦା କିଣିବାପରେ ପ୍ରାୟ ୪ଟା ବେଳେ ସେମାନେ ଘରକୁ ଫେରୁଥିବା ବେଳେ ହଠାତ ବର୍ଷା ହେବାଫଳରେ ସେମାନେ ଅଧାବାଟରେ ଅଟକି ଯାଇଥିଲେ । ବର୍ଷା ଛାଡିବାପରେ ସେମାନେ ଚାଲିଚାଲି ଘରକୁ ଯିବାବେଳକୁ ସଂନ୍ଧ୍ୟା ହେବା ସହିତ ଅନ୍ଧାର ମଧ୍ୟ ହୋଇଯାଇଥିଲା । ବର୍ଷା ପବନ ଯୋଗୁଁ ବାଟରେ ଥିବା ବିଦ୍ୟୁତ ତାର ଛିଡିଯାଇ ତଳକୁ ଖସି ପଡିଥିଲା । ଫିରୋଜ ସେହି ବାଟରେ ଯିବାବେଳେ ତାରଟି ତାର ମୁଣ୍ଡରେ ଲାଗିଥିଲା ଫିରୋଜ ଅନ୍ଧାରରେ ଜାଣି ନପାରି ବିଦ୍ୟୁତ ଆଘାତ ଲାଗିବା ଫଳରେ ଜୀବନ ବିକଳରେ ତାରଟିକୁ ଧରି ପକାଇଥିଲା । ବର୍ଷା ହୋଇଥିବାରୁ ମାଟି ଓଦା ଥିବା ଫଳରେ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ସରୋବରାହ ସଂସ୍ପର୍ଶରେ ଆସି ଫିରୋଜ ଘଟଣା ସ୍ଥଳରେହିଁ ମୃତ୍ୟୁ ବରଣ କରିଥିଲା । ଏହା ଦେଖି ତା ସହିତ ଥିବା ତାର ଦାଦା ଏବଂ ଅନ୍ୟମାନେ ତାକୁ ସେଠାରୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ବିଫଳ ହୋଇଥିଲେ । ଗତକାଲି ଗାଁର ଲୋକେ ଏହି ସଂକ୍ରାନ୍ତରେ ତୁମୁଡିବନ୍ଧ ଥାନା ପୋଲିସକୁ ସୂଚନା ଦେବାପରେ ପୋଲିସ କୁଆଡେ ସକାଳେ ଆସିବାକୁ କହିଥିଲା ତେଣୁ ଗାଁ ଲୋକେ ଶବକୁ ଗାଁରେ ହିଁ ରାତିରେ ରଖିଥିଲେ । ଆଜି ସକାଳେ ଗ୍ରାମର ସରପଂଚ ଘଟଣା ସ୍ଥଳରେ ପହଂଚି ଜିଲ୍ଲାପାଳ,ବିଦ୍ୟୁତ ବିଭାଗ ଏବଂ ପୋଲିସକୁ ଖବର ଦେଇଥିଲେ । ବିଦ୍ୟୁତ୍ ବିଭାଗର କନିଷ୍ଠଯନ୍ତ୍ରୀ ସଞ୍ଜୟ ସାହୁ ସେଠାରେ ପହଂଚିବା ସହିତ ବିଭାଗ ତରଫରୁ ମୃତ ଫିରୋଜର ପରିବାରକୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ । ପୋଲିସ ଶବକୁ ବ୍ୟବଚ୍ଛେଦ ପାଇଁ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ପରେ ଶବକୁ ମୃତକଙ୍କ ପରିବାରକୁ ହସ୍ତାନ୍ତର କରିଛି । ଏହି ସଂକ୍ରାନ୍ତରେ ତୁମୁଡିବନ୍ଧ ଥାନାରେ ଏକ ଅପମୃତ୍ୟୁ ମାମଲା ୭/୨୧ ରୁଜୁ କରିବା ସହିତ ଘଟଣାର ତଦନ୍ତ ଜାରି ରଖିଥିବା ନେଇ ତୁମୁଡିବନ୍ଧ ଥାନା ପୋଲିସ ସୂତ୍ରରୁ ଜଣାପଡିଛି ।

# ଚୋରୀ ସେଂଟରିଂ ଉପକରଣ କିଣି ଜଣେ ମହିଳାଙ୍କ ସମେତ ଦୁଇ ଗିରଫ : ମୁଖ୍ୟ ଅଭିଯୁକ୍ତ ଫେରାର

ବାରିପଦା,୪/୬ (ନି.ପ୍ର): ବାରିପଦା ସଦର ଥାନା ଅନ୍ତର୍ଗତ ଶ୍ୟାମଖୁଂଟା ବ୍ଲକ୍ ତେଲିବିଲା ଗ୍ରାମରୁ ଡ୍ରେନ୍ ଉପରେ କଭର ପଡ଼ିବା ନିମନ୍ତେ ଥିବା ସେଂଟରିଂ ଉପକରଣ କିଣି ଜଣେ ମହିଳାଙ୍କ ସମେତ ଦୁଇ ଗିରଫ ହୋଇଛନ୍ତି । ଗିରଫ ଦୁଇ ଜଣ ଯାକ କବାଡ଼ି କାରବାର କରୁଥିବା ପୁଲିସ ସୂତ୍ରରୁ ପ୍ରକାଶ । ସଦର ଥାନା ପୁଲିସ ଗିରଫ କରିଥିବା ଦୁଇଜଣ ହେଲେ ବାରିପଦାର ରାଧେଶ୍ୟାମ ପାଣିଗ୍ରାହୀ ଏବଂ ଝାରପୋଖରୀଆ ଅଂଚଳର ମହିଳା ରାଜଲକ୍ଷ୍ମୀ ଓରଫ ରୀଙ୍କୁ ପଣ୍ଡା । ତେବେ ଏହି ସାମଗ୍ରୀ ଚୋରୀ କରିଥିବା ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ପୁଲିସ ପକ୍ଷରୁ କୁହାଯାଇଛି ।

# ସଂଗ୍ରାମୀ ଶିକ୍ଷକ ନେତା ଅବନୀ ବରାଳଙ୍କ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା,୪/୬ (ନି.ପ୍ର): ଶିକ୍ଷକ ଆନ୍ଦୋଳନର ଅପ୍ରତିଦ୍ୱନ୍ଦୀ ଯୋଦ୍ଧା ସ୍ୱର୍ଗତଃ ଅବନୀ ବରାଳଙ୍କ ପାଇଁ ଶିକ୍ଷକ ମାନେ ପାଇ ପାରିଥିଲେ ନିଜର ସାମାଜିକ ସମ୍ମାନ ସହ ଜୀବିକାର ଗ୍ୟାରେଣ୍ଟି । ବିଶ୍ୱ ଶିକ୍ଷକ ସଂଗଠନର ଉପ ସଭାପତି ଥିବା ସ୍ୱର୍ଗତଃ ବରାଳ ବିଭିନ୍ନ ଦେଶର ଶିକ୍ଷା ବ୍ୟବସ୍ଥାର ଅନୁଶୀଳନ କରିଥିବା କାରଣରୁ ଦୁର୍ବାର ଶିକ୍ଷକ ଆନ୍ଦୋଳନ ମାଧ୍ୟମରେ ରାଜ୍ୟ ତଥା ଜାତୀୟ ଶିକ୍ଷା ବ୍ୟବସ୍ଥାରେ ଉପଯୋଗୀ ପରିବର୍ତ୍ତନ ଆଣି ପାରିଥିଲେ । ଜିଲ୍ଲା ବିକାଶ ସାମୁଖ୍ୟ ପରିସରରେ ସ୍ୱର୍ଗତଃ ବରାଳଙ୍କ ୮୭ତମ ଜୟନ୍ତୀ ପାଳନ ଅବସରରେ ଯୋଗ ଦେଇଥିବା ଅତିଥି ମାନେ ମତବ୍ୟକ୍ତି କରିଥିଲେ। ଜିଲ୍ଲା ଶିକ୍ଷକ ମହାସଂଘ ଦ୍ୱାରା ଆୟୋଜିତ ଜୟନ୍ତିରେ ସଂଗଠନର ଜିଲ୍ଲା ସଂପାଦକ ନବଘନ ମହାରଣା, ବେସରକାରୀ କଲେଜ ଶିକ୍ଷକ ସଂଘର ଜିଲ୍ଲା ସଂପାଦକ ଅଧ୍ୟାପକ ରଞ୍ଜିତ ଦାସ, ଶିକ୍ଷକ ନେତା ଦିବାକର ଜେନା, ପ୍ରାଧ୍ୟାପକ ପ୍ରଭାକର ମଲିକ, ଗୋଲେଖ ଚନ୍ଦ୍ର ମହାଭୋଇ, ଶୁଭ୍ରାଂଶୁ କୁମାର ଦାସ, ରମଣୀ ରଞ୍ଜନ ରାଉତରାୟ, ବାବାଜୀ ଧଳ, ଗୟାଧର ଧଳ, କରୁଣାକର ଦାସ, କାଶିନାଥ ରାଉତରାୟ, ଅବଧୁତ ରାଉତ, ସୁରେଶ ପଟ୍ଟନାୟକ, ବୈଷ୍ଣବ ସ୍ୱାଇଁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ସଭା ଶେଷରେ ଆଦିକନ୍ଦ ରାଉଳ, ସଭା ପ୍ରାରମ୍ଭରେ ବକ୍ତବ୍ୟ ଦେଇଥିବା ବେଳେ ଅମୀୟ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

# ପଶ୍ଚିମବଙ୍ଗର ବେଙ୍ଗାକଥା




ଇଂ. ବିଦ୍ୟାଧର ପଣ୍ଡା


ବେଙ୍ଗାକଥା କହିଲେ ସହରୀଲୋକଙ୍କୁ ବୁଝିବା ଟିକିଏ କଷ୍ଟ। କିନ୍ତୁ ଗାଁ ଲୋକମାନଙ୍କୁ ଧରିବା ପାଇଁ ଅତିସହଜ। ସଂକ୍ଷିପ୍ତରେ ଏଗୁଡାକୁ ଅକଥା ବୋଲି କହିଲେ ବି ଅତ୍ୟୁକ୍ତି ହେବନାହିଁ। ନିର୍ବାଚନ ଫଳାଫଳ ମଇମାସ ୨ତାରିଖରେ ବାହାରିଲା ବେଳକୁ କାଁଭାଁ କିଛିକିଛି ହିଂସା ହେଉଥିଲା। କାରଣ ସେତେବେଳେ ମମତାଦିଦି ତ ଗାଦିରେ ଥିଲେ, ହେଲେ କ୍ଷମତାକୁ ଫେରିବେ କି ନାହିଁ ସନ୍ଦେହଘେରରେ ପଇଁତରା ମାରୁଥିବାରୁ ସବୁ ଟିଏମ୍‌ସି କର୍ମୀମାନଙ୍କର ସାହସ କୁଳଉନଥିଲା।ତାପରେ ଦେଶର ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ସେଠି ଡେରା ପକେଇଥିଲେ। ଗଣମାଧମ ସହ ବିଜେପିଦଳର ପ୍ରତ୍ୟେକଲୋକ ପରିବର୍ତ୍ତନକୁ ଶତପ୍ରତିଶତ ବିଶ୍ୱାସକରି ଛପନଇଂଚ ଛାତିରେ କହୁଥିଲେ, 'କରନ୍ତୁ ଯାହା କରୁଛନ୍ତି। ଆଉ କେଇଟାଦିନରେ ଆମେ ଆସିଲେ ସବୁ ହିସାବ କଡାଗଣ୍ଡା କରି ସମସ୍ତଙ୍କ ଠାରୁ ଆଦାୟ କରିବୁ।' ସ୍ୱପ୍ନ ସ୍ୱପ୍ନରେ ରହିଗଲା, ବାସ୍ତବରେ ପରିଣତ ହେବାଠାରୁ ବହୁଦୂରରେ ମିଳେଇଗଲା। ନିରପେକ୍ଷ ଆକଳନ ସଂସ୍ଥାମାନଙ୍କ ହିସାବରେ ହିନ୍ଦୁମାନଙ୍କ ଭିତରେ ଏକତାର ଘୋର ଅଭାବ ରହିଲା ଏବଂ ମାତ୍ର ୬୫%ପ୍ରତିଶତ ହିନ୍ଦୁଲୋକ ଘରୁବାହାରି ଭୋଟ ବୁଥିଯାଏଁ ଗଲେ, ବାକି ଘରଭିତରେ ପକୁଡିଛାଣି ଛୁଟି ମନେଇଲେ। ତନ୍ମଧ୍ୟରୁ ୩୮% ହିନ୍ଦୁଭୋଟ୍ ବିଜେପିକୁ ଯାଇଥିବା ବେଳେ ୧୨% କଂଗ୍ରେସ ଓ ବାକି ୧୫% ଟିଏମ୍‌ସି ଏବଂ ଅନ୍ୟ ନିର୍ଦ୍ଦଳିୟ ମାନଙ୍କ ଆଡକୁ ଲିଗଲା। ତାପରେ ପ୍ରାୟ ୪୦ଆସନରେ ପ୍ରତିଯୋଗିତା ପାଖାପାଖି ରହି ୩୦୦୦ ଭୋଟ୍ ବ୍ୟବଧାନ ଭିତରେ ବିଜେପିନେତା ଧୂଳି ଟିଲେ। ପ୍ରଥମ ବିର କରିବାକଥା ହେଲା ଫଳାଫଳ ଏମିତି ବେଙ୍ଗାହେବାର କାରଣ କ'ଣ? ପ୍ରକୃତ କାରଣ ତ ଅନେକ। ତଥାପି ମୁଖ୍ୟତଃ ମମତାଙ୍କ ପଟିବନ୍ଧା ଗୋଡବୋହି ଚକାବାଲା ଠେଲାଚଉକିରେ ବସି କୁନ୍ଥେଇକି ପ୍ରର କରିବା ମହିଳାମାନଙ୍କ ଅନ୍ତରରେ ସମ୍ବେଦନା ଜାଗରଣ କରେଇଦେଲା। ଏକ ପ୍ରକାର ଅହେତୁକ ଅନୁକମ୍ପା ଅଣ୍ଡର କରେଂଟ୍ ପରି ପ୍ରବାହିତ ହୋଇ ଭୋଟରମାନଙ୍କ ମମତା ପୁଣିଥରେ ମମତାଦିଦି ଆଡକୁ ମୋଡି ହୋଇଗଲା। ଏହା ବୋଧହୁଏ ନାମଜ୍ୟାଦା ପ୍ରଶାନ୍ତ କିଶୋରର ନିର୍ବଚନ ଜିଣିବା ଯୋଜନାମାନଙ୍କ ଭିତରୁ ଏକ ହୋଇପାରେ। ବିଜେପିଦଳର କର୍ମୀମାନଙ୍କ ଦ୍ୱାରା ବଙ୍ଗଳାର ଅସ୍ମିତାଉପରେ ପ୍ରଶ୍ନ ଉଠେଇବା ବହୁତ ବଙ୍ଗାଳିମାନଙ୍କୁ ଭଲ ଲାଗିଲାନି, ମାତ୍ରାଧିକ ମହତ୍ୱକାଂକ୍ଷା ସହ କିଛି ଗେରୁଆ କର୍ମିଙ୍କର ଆତ୍ମଗର୍ବ ଜନସାଧାରଣ ସହଜରେ ହଜମ କରିପାରିଲେନି। ଅପରପକ୍ଷରେ ମୁସ୍‌ଲିମ୍ ଭୋଟ୍ ୯୦% ପୁଲିଂ ହେଲାବେଳକୁ କେବଳମାତ୍ର ୧%ଭୋଟ୍ ବିଜେପି ଖାତାକୁ ଆସିଲା ଓ ୯୮% ଅଣହିନ୍ଦୁ ଭୋଟ୍ ଟିଏମ୍‌ସିକୁ ଲିଗଲା ଏବଂ ବାକି ବଚାକୁଚା କଂଗ୍ରେସ ଓ ଅନ୍ୟଖାତାକୁ ଗଲା। ଏହି କାରଣରୁ କେହିକେହି ଟିଏମ୍‌ସି ଦଳକୁ ବ୍ୟାଖ୍ୟା କଲେ,"ଟୋଟାଲ୍ ମୁସ୍‌ଲିମ୍ କମ୍ୟୁନିଟି" ଦଳ।ମୋଦୀସାହେବ ଏବଂ ସାହାଜୀଙ୍କର ଆକ୍ରାମକ ପ୍ରରକାଳରେ ପ୍ରାୟ କୋଡିଏରୁ ତିରିଶ ହଜାର ବାହାରଲୋକଙ୍କ ଉପସ୍ଥିତି ସ୍ଥାନିୟଲୋକଙ୍କୁ ଅକ୍ତେବହୁତେ ଅତିଷ୍ଠ କରିଥିଲା ସତ କିନ୍ତୁ ଏମିତି କଥା ବେଙ୍ଗାହେବ ବୋଲି କେହି ସ୍ୱପ୍ନରେ ସୁଧା ଭାବିନଥିଲେ।

ଯାହା ହେବାର କଥା ତ ହେଲା। ଦିଦି ଜିତିଲେ, ମୋଦୀ ହାରିଲେ। ତାପରେ ଅସଲ ବେଙ୍ଗାକଥା ଘଟି ନୂତନ ପ୍ରକାର ଇତିହାସ ରଚନା ହେବାକୁ ଲାଗିଲା। ନିରିହ ଲୋକଗୁଡା ନିଜନିଜ ଘରେ ପରିବାରସାମ୍ନାରେ ବାଂଲାଦେଶୀ ଗୁଣ୍ଡାଙ୍କଦ୍ୱାରା ପିଟାଖାଇଲେ। ପୋଲିସବାବୁଗୁଡା କରଡା ପତର ପରି ରାସ୍ତାଘାଟରେ ଥରିଲେ। ବିଜେପିକୁ ଭୋଟ୍‌ଦେଇଥିବା ହିନ୍ଦୁ ଦୁକାନଦାରଙ୍କର ଦୁକାନ ଲୁଟ୍‌ହେଲା। ସେମାନେ ଥାନାକୁ ଜଣାଇବାକୁ ଆସି ଦେଖିଲେ ତାଙ୍କ ସାମ୍ନାରେ ଲୁଟପାଟ କରିଥିବା ଟିଏମ୍‌ସି ସମର୍ଥକମାନେ ଥାନାବାବୁଙ୍କ ସହ ତାଙ୍କରି ଦୋକାନରୁ ଲୁଟ୍ କରିଥିବା ବେସନ ଓ ତେଲରେ ପକୁଡି ଛାଣି ଖାଉଛନ୍ତି। ଥାନାବାବୁ ପୋଲିସବାଡିରେ ଦିପାହାରେ ଗୋଛିକୁ ଦେଇ ସେ ଦୁକାନଦାରକୁ କହୁଛି, 'ଶ..ଏବେ ଲକ୍ ଡାଉନ୍। ଇଆଡେ କୁଆଡେ ବୁଲିବାକୁ ଲିଆସିଲୁ? ଏବେ ପୁରା ଲକ୍‌ଡାଉନ୍, ମାନେ ସବୁ ଲକ ଏବଂ ଥାନା ଓ ଆମେ ପୁରା ଡାଉନ୍। ଲକ୍ ଡାଉନ୍ ଶେଷହେଲା ପରେ ଆସି ଯାହା ଅଭିଯୋଗ କରିବାକଥା କରିବୁ। ଶ.. ପାଣିରେ ରହି କୁମ୍ଭୀର ସାଙ୍ଗରେ କାହିଁକି ବୈରି ହଉଥିଲୁ କହିଲୁ? ତୋ ଘରେ କଲେଜପଢୁଆ ଝିଅବୋହୁ ଅଛନ୍ତି, ସେଗୁଡାଙ୍କ ଇଜ୍ଜତଯିବାର ଭୟକୁ ବି ତୁ ଖାତିର କଲୁନି। ହଉ, କାଦୁଅକୁ ଯାଇଛୁ ଯେତେବେଳେ ଗୋଡ ଧୋଇବାକୁ ପଡିବ। ଏବେ କୋଉ ବାପ ତୁମମାନଙ୍କ ପିଠିରେ ପଡିବାକୁ ନାହିଁ। ଏସବୁ ଭାଗ୍ୟ ଲିଖନ ବୋଲି ଭାବି ଭୋଗିଯା, ନହେଲେ ଜାଗାଛାଡି କୁଆଡେ ପରିବାର ସହ କେଇମାସ ପାଇଁ ବାହାରକୁ ପଳା।' ଏକଥା ଜଣଙ୍କ ପାଇଁ କେବଳ ଗୋଟିଏ ଜାଗାରେ ନୁହେଁ, ହଜାରହଜାର ଜାଗାରେ ହଜାରହଜାର ଲୋକଙ୍କ ପାଇଁ ଘଟିଛି। ଦିନରେ ତାଙ୍କର ଦୋକାନ ଚୋରି ହୋଇଛି ଏବଂ ରାତିକୁ ସେମାନଙ୍କର ଝିଅବୋହୂଙ୍କର ଇଜ୍ଜତ ଯାଇଛି, କିଛି ମହିଳା ଗଣବଳତ୍କାର ପରି ଘୃଣ୍ୟକଷ୍ଟକୁ ମଥାପାତି ସହ୍ୟ କରିଛନ୍ତି। ପଶ୍ଚିମବଙ୍ଗର ସ୍ୱୟଂସେବକ ଭାଇ ଜଳଧର ମହନ୍ତଙ୍କ କଥାକୁ ଯଦି ଆମେ ବିଶ୍ୱାସକରିବା ତେବେ ତାଙ୍କ ଅନୁସାରେ ୩୬୬୨ଗାଁ ପ୍ରଭାବିତ ହୋଇଛି। ପ୍ରାୟ ଦେଢହଜାର ଗାଁ ଏବେ ପୁରୁଷଶୂନ୍ୟ। ଏପର୍ଯ୍ୟନ୍ତ ୭୨୮୪ଜଣ ମହିଳା ବଳତ୍କାରର ଶିକାର ହୋଇ ସାରିଛନ୍ତି ଏବଂ ଏହା କ୍ରମାଗତ ଭାବରେ ଏବେ ବି ଗାଁ ଗଣ୍ଡାରେ ବଢିଲିଛି। ୩୫୪୯ ସଂଘ ପ୍ରରକ ଆହତ ଏବଂ ୧୬୮୬ଜଣ ଗୁରୁତର ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ୧୪୦ଜଣ ବିଜେପି କର୍ମୀ ପ୍ରାଣବଳି ଦେଇଛନ୍ତି ଏବଂ ନିଜରାଜ୍ୟରେ ଏବେ ହିନ୍ଦୁମାନେ ୩୦୦ ଶିବିରରେ ଶରଣାର୍ଥୀ ଯାପନ କରି ଜୀବନ ବଂଚେଇବା ପାଇଁ ଏକାଠି ରହୁଛନ୍ତି। ସବୁଥାନାରେ ଯେମିତି ଏତଲା ନହେବ ସେଥିପାଇଁ ଟିଏମ୍‌ସି ଲୋକମାନେ ଜଗି ରହୁଛନ୍ତି, ଏଣେ ଗୁଣ୍ଡାମାନେ ମଫସଲ ଅଁଚଳରେ ଅବାଧରେ ଅପରାଧ କରୁଛନ୍ତି। କହିବାକୁ ଗଲେ ଥାନାଗୁଡିକ ଟିଏମ୍‌ସିଦଳର ଏକ ଶାଖା ହିସାବରେ ଏବେ କାର୍ଯ୍ୟ କରୁଛି।

ସବୁଠାରୁ ଭୟଙ୍କର କଥାହେଲା କିଛି ଗାଁରେ ନିର୍ବାଚନ ଫଳାଫଳ ଘୋଷଣାର ପରଦିନ ମମତାଦିଦିଙ୍କର ଅନୁଗାମିମାନେ ସଭାସମିତି କରି ନିଜର ପ୍ରତିନିଧି ଚୟନ କରିଛନ୍ତି। ଏବେ ସେହି ପ୍ରତିନିଧିଙ୍କ ପାଖରେ ସେହି ଗାଁର ସମସ୍ତ ଲୋକଙ୍କର ରେସନକାର୍ଡ, ଭୋଟରକାର୍ଡ ଏବଂ ଆଧାରକାର୍ଡ ଆଦି ସବୁଦିନ ପାଇଁ ପଞ୍ଜିକୃତ ହୋଇ ରହିବ। ଯେତେବେଳେ ଯେଉଁ ସରକାରୀ ଅନୁଦାନ କି ସାହାଯ୍ୟ ଆସିବ ସେହି ଗାଁ ମୁଖିଆଙ୍କ ଦୃଷ୍ଟିରେ ଯେଉଁମାନେ ଯୋଗ୍ୟ ହିତାଧିକାରୀ ସେହିମାନେ କେବଳ ସେସବୁ ପାଇବା ପାଇଁ ହକଦାର୍ ହେବେ। ଏଥର ପଶ୍ଚିମବଙ୍ଗର ୬୪ଅନୁସୂଚିତ ଜାତି ପ୍ରାର୍ଥୀଙ୍କ ଭିତରୁ ୩୩ଜଣ ଏବଂ ୧୬ଟି ଅନୁସୂଚିତ ଜନଜାତିଙ୍କ ଭିତରୁ ୯ଟି ବିଜେପିପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସମୁଦାୟ ୨କୋଟି ୩୮ଲକ୍ଷ ଭୋଟ୍ ବିଜେପିକୁ ପଡିଛି ଯାହା ଏହାପୂର୍ବରୁ କେବେ ବି କୌଣସି ନିର୍ବାଚନରେ ସମ୍ଭବ ହୋଇନଥିଲା। ଏସବୁକୁ ନେଇ ଗର୍ବ କରିବାର ବେଳ ଏଇଟା ଆଦୌ ନୁହେଁ। ବାଂଲାଦେଶସୀମାକୁ ଲାଗି ଯେତେସବୁ ଗାଁରେ ଯାହାକିଛି ହିନ୍ଦୁପରିବାର ଏପର୍ଯ୍ୟନ୍ତ ବଂଚିଛନ୍ତି ତାଙ୍କର ଦୁର୍ଦ୍ଦଶା ଆଖିରେ ନଦେଖିଲେ ଜାଣିହେବନି। ଜଣେ ଭୁକ୍ତୋଭୋଗୀ ନିଜିକଥା ବର୍ଣ୍ଣନା କଲାବେଳେ ଆଖିଲୁହକୁ ରୋକି ପାରୁନଥିଲେ। ଏବେ ଜିହାଦିଶକ୍ତି କବଳରେ ପୁରାରାଜ୍ୟରେ ହିନ୍ଦୁମାନେ ପଡୋଶୀ ରାଜ୍ୟମାନଙ୍କରେ ଶରଣାର୍ଥୀ କିମ୍ବା ଦାଦନଶ୍ରେଣୀର ଜୀବନ ବିତେଇବାକୁ ବାଧ। ଏବକାର ଏସବୁ ଘଟଣା ଦେଖି ବହୁତଦିନ ତଳେ ପାକିସ୍ଥାନର ଜଣେ ସଂନ୍ତ୍ରାସବାଦୀର ଭାଷଣ ମନେପଡେ। ସେ କହିଥିଲା ହିନ୍ଦୁସ୍ଥାନରେ ୮୦ଭାଗ ହିନ୍ଦୁ, ଅର୍ଥାତ୍ ୧୦୦କୋଟି ପାଖାପାଖି ସଂଖ୍ୟାରେ ରହୁଛନ୍ତି ସତ, କିନ୍ତୁ ମୁସଲିମ୍ ସଂଖ୍ୟା କେବଳ ମାତ୍ର ୨୦ଭାଗ, ଅର୍ଥାତ୍ ୩୦କୋଟି ପାଖାପାଖି ହେଲେ ମଧ ସେମାନଙ୍କ ଭିତରୁ ଯଦି ଏକଚୌଥା , ମାନେ ସାଢେସାତକୋଟି ମୁସ୍‌ଲିମ୍ ଆମସପକ୍ଷରେ ଆସିବେ ତେବେ ହିନ୍ଦୁସ୍ଥାନକୁ ପାକିସ୍ଥାନ-୨ ବୋଲି କରିବାକୁ ଆମକୁ ବେଶୀ ସମୟ ଲାଗିବନି।ପଶ୍ଚିମବଙ୍ଗରେ ଆଜିରସ୍ଥିତିକୁ ପରଖିଲେ ଏପରି ଭାଷଣକୁ ଅବିଶ୍ୱାସ କରିବାରେ କାହାର କିଛି କାରଣ ନାହିଁ। କାରଣ ପଶ୍ଚିମବଙ୍ଗର ୯କୋଟି ଜନସଂଖ୍ୟା ଭିତରୁ ୭୦ଭାଗ ଲୋକ ତ ହିନ୍ଦୁ। କିନ୍ତୁ ଏବେ ୩୦ଭାଗ ଅର୍ଥାତ୍ ଅଢେଇ କୋଟି ମୁସ୍‌ଲିମ୍ ଲୋକ ସାଢେ ଛଅକୋଟି ହିନ୍ଦୁଙ୍କ ଉପରେ ଏପରି ଅକଥନିୟ ଅତ୍ୟାରକରିବାକୁ କେମିତି ସମର୍ଥ ହେଉଛନ୍ତି! ହିନ୍ଦୁମାନଙ୍କର ଦୋକାନ ଲୁଟ୍ ହେଉଛି, ଜମିରୁ ଫସଲ କାଟି ନେଉଛନ୍ତି, ଝିଅବୋହୂଙ୍କ ଇଜ୍ଜତସାଙ୍ଗରେ ଖେଳ ଲିଛି, ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡିବାର ଖବର ବି ଏପର୍ଯ୍ୟନ୍ତ ମିଳିବାରେ ଲାଗିଛି, ଗଣମାଧମକୁ ଡରାଇଧମକାଇ ପଙ୍ଗୁ କରିଦିଆ ଯାଇଛି କିମ୍ବା ସମ୍ପୂର୍ଣ୍ଣ ଅନୈତିକ ଭାବରେ କ୍ରୟ କରିଦିଆ ଯାଇଛି। ସର୍ବୋପରି ଏହି ଲକ୍‌ଡାଉନ୍ ସମୟଟି କୁମ୍ଭୀରକୁ ଗୋଳିପାଣି ସୁବିଧା ହେଲାପରି ପଶ୍ଚିମବଙ୍ଗର ଅପରାଧୀମାନଙ୍କୁ ଭଲ ସୁହାଉଛି। ଯିଏ ଯେଉଁଠି ଅଛି, ସେଇଠି ରହିଲା କିନ୍ତୁ ଅପରାଧିମାନେ ବୁଲି ରାତିସାରା ଅବାଧରେ ଅପରାଧ କରିବାକୁ ସମର୍ଥ ହେଲେ।

ଏସବୁ ଅତିରଞ୍ଜିତ ବୋଲି ଭାବୁଥିବା ବନ୍ଧୁଙ୍କୁସେହିରାଜ୍ୟର ରାଜ୍ୟପାଳଙ୍କ ଗତସପ୍ତାହର କିଛି ପ୍ରବାସଯାତ୍ରା ବିବରଣି ଦେଖିବାକୁ ମୁଁ ଅନୁରୋଧ କରୁଛି। ମଇମାସ ୧ତାରିଖ ପର୍ଯ୍ୟନ୍ତ ସମସ୍ତେ ଏକପ୍ରକାର ରାଜନୈତିକ ପରେ ଥିଲେ। ଯେତେବେଳେ ପ ବାଷ୍ପିଭୂତ ହେବାକୁ ଲାଗିଲା କିଛିକିଛି ଜାଗାରେ ପକମି ଲଘୁପ ଘୁର୍ଣ୍ଣିବାତ୍ୟା ଝଡରୂପରେସୃଷ୍ଟି ହେବାର ଦେଖାଦେଲା, ସେଥିରେ ପ୍ରତିହିଂସା ପରାୟଣହୋଇ ନେତୃବୃନ୍ଦ ମାତିବାରୁ ପ୍ରଶାସନ ନିରବଦ୍ରଷ୍ଟା ହୋଇ ତାମସା ଦେଖିଲା। ହିନ୍ଦୁମାନେ ଧୂଳିକଣା ପରି ଉଡିଉଡି କଚଡା ଖାଇଲେ ଓ ମଲେ। ଆଖପାଖରେ ପିଠିରେ ପଡିବାକୁ କେହିନାହାଁନ୍ତି। କେନ୍ଦ୍ରରୁ ଆସିଥିବା ତୁଙ୍ଗନେତା କେନ୍ଦ୍ରକୁ ଫେରି ନିଜନିଜ କାମରେ ବ୍ୟସ୍ତ ହୋଇଗଲେ। ରାଜ୍ୟନେତା ଗାଦୀ ନପାଇ ଭୂତଳରେ ମାତଙ୍ଗ ମନେଇବା ବେଳେ ବିଚରା ନିରିହ ଲକ୍ଷଲକ୍ଷ ବେସାହାରା ଗରିବଭୋଟର ପେଶି ହୋଇଗଲେ। କେହିକେହି ଭାବୁଛନ୍ତି ଜାତିଗଲା ସିନା ପେଟ ପୁରିଲାନି, ଆଉ ଜୀବନରେ ଭୋଟ୍ ଦେବାକୁ ଘରୁ ବାହାରିବାନି। ଯିଏ ହେଲେ ପଛେ ହେଉ, ଆମର ଯାଆସ୍ କେତେ? ପଶ୍ଚିମବଙ୍ଗର ନିର୍ବାଚନିପରରହିଂସା ବିଷୟରେ ଅଳ୍ପବହୁତବିଶ୍ୱସାରା ଜାଣନ୍ତି କିନ୍ତୁ ତୃଣମୂଳ ସ୍ତରର ପ୍ରକୃତ ସତ୍ୟାସତ୍ୟ ତୃଣମୂଳଦଳଚପେଇ ରଖିଦେବାରେ ସମର୍ଥ ହେଉଛି। ଏହି ସାଂପ୍ରତିକ ପରିସ୍ଥିତି ପାଇଁ କେହିଜଣକୁ ଦାୟି କରି ମୁଖଦର୍ଶକ ହୋଇ ବସିଗଲେ ଚଳିବନି। ବିଜେପି ନିର୍ବାଚନପୂର୍ବରୁ ଲୋକମାନଙ୍କ ଚରିତ୍ର ଭଲଭାବରେ ନପରଖି ସମସ୍ତଙ୍କ ପାଇଁ ନିଜଦ୍ୱାରା ଖୋଲାମେଲା କରି ଚୁଣ୍ଡେଇବାକଣ ଉଚିତ୍ ଥିଲା! ତାଙ୍କ ଭିତରୁ ଅନେକ ଏବେ ଦିଦିକୋଳରେ ବସିବାକୁ ବ୍ୟଗ୍ର ହେଲେଣି। ଏବେ ସେସବୁ ବର୍ଷାଋତୁର ବେଙ୍ଗମାନଙ୍କୁ ଡିଆଁଡିଇଁ କରିବାକୁ କଣ ବାରଣ କରିହେବ, ସେମାନେ ଯେମିତି ହେଲେ କ୍ଷମତା ରସ ଖିବାକୁ ଦିଦି ପଣତକାନୀରେ ନିଶ୍ଚିତ ପଶି ସେମାନଙ୍କର ସ୍ୱାର୍ଥ ହାସଲ କରିବେ।

ଏପରି ଅନେକ ପ୍ରକାରର ଅଘଟଣ ଓ ବେଙ୍ଗାକଥା ଏଥର ନିର୍ବାଚନରେ ହିନ୍ଦୁମାନଙ୍କ ପାଇଁ ବହୁତ ମହଙ୍ଗା ପଡିଲା। ଏବେ ସମୟ ଆସିଛି, ବାଲୁଙ୍ଗାଗୁଡାକୁ ପାଛୁଡି ବାହାରକରି ପ୍ରକୃତଧାନକୁ ନେଇ ଦଳିୟ ଗାଦିରେ ବସେଇଲେ ବିଜେପିର ଉନ୍ନତି ହେବା ସଙ୍ଗେସଙ୍ଗେ ଦେଶଦଶର ବି ମଙ୍ଗଳହେବ। ଏମିତି କିଛିଲୋକ ଓଡିଶାରେ ବି ଅଛନ୍ତି. ବହୁତ ଆଲେଖ୍ୟ ସେମାନଙ୍କ ଉପରେ ଅଛି ଯାହାକୁ ଆଉଥରେ ପ୍ରକାଶକରିବା ଉଚିତ୍ ହେବନି। ବେଳେବେଳେ ଅତିବେଶୀ ମନୋବଳ ବି ହାରିବାର ମୂଳକାରଣ ହେଉଛି। ସବୁଠାରୁ ବଡକଥା ହେଲା ସେ ରାଜ୍ୟର ରାଜ୍ୟପାଳ ବି ବେଳେବେଳେ କିଂକର୍ତ୍ତବ୍ୟବିମୂଢ ହେଲାପରି ବ୍ୟବହାର କରୁଛନ୍ତି। ସର୍ବସମକ୍ଷରେ ଏତେ ହତୋତ୍ସାହ ହୋଇ ପ୍ରବାସସମୟରେ ଯେଉଁପରି ଏକ ପୋଲିସ ଅଫିସରସାଙ୍ଗରେ କଥାହେଲେ, ଲାଗୁଥିଲା ସେ ଜଣେ ଗଭର୍ଣ୍ଣର ହୋଇ ଯେତେବେଳେ ଏତେ ବିବଶ ତେବେ ସାଧାରଣ ଜନତାଙ୍କ କଥା କଣ କହିବା! ବହୁତ ବୁଦ୍ଧିଜୀବୀ ଏ ପରିପ୍ରେକ୍ଷିରେ ଆଲୋଚନା କରିବାକୁ ଯାଇ କହୁଛନ୍ତି,'୩୫୬ଧାରା ସଂବିଧାନର ଏକ ଅଂଶ ବେଶେଷ ହୋଇ ଏବେ ଅଛି ତ! କ'ଣ ପାଇଁ ଅଛି?ନାଇଁ, ଆମକୁ ଆଗକୁ ତିନି ରାଜ୍ୟର ନିର୍ବାଚନ ଲଢିବାର ଅଛି, ଏବେ ରାଜ୍ୟ ସରକାର ଉପରେ କିଛି ଆଖିଦୃଷ୍ଟିଆ କାରବାଇ କଲେ ଆମକୁ ଲୋକେ କ'ଣ କହିବେ? ଗଲାକଥା ଗଲାଣି, ଏବେ ଆଗକୁ ବଢିବା। ପଶ୍ଚିମବଙ୍ଗର ବେଙ୍ଗାକଥା ପଛକୁରଖି ଅନ୍ୟରାଜ୍ୟର ସ୍ଥିତି ସମ୍ଭାଳିବା ଏବଂ ଶିଖିଥିବା ବିଷୟକୁ ସବୁ କାମରେ ଲଗେଇ ଭଲଫସଲ ଅମଳ କରିବା। ଉପରୋକ୍ତ ଆଲେଖ୍ୟରେ ପ୍ରଦତ୍ତ ଅନେକଗୁଡିଏ ବେଙ୍ଗାକଥା ଭିତରେ ଇଏ ବି ଗୋଟିଏ ବେଙ୍ଗାକଥା। ମମତାଦିଦି ନିଜର ପଦଗାରିମା ଭୁଲି ଦୁର୍ନ୍ନିତିଗ୍ରସ୍ତ ନେତାମାନଙ୍କ ପାଇଁ ସିବିଆଇ ଅଫିସରେ ଆଠଘଂଟା କାଟିଲାବେଳକୁ ବିଜେପିଦଳର ଭୋଟରମାନେ ଭୋଟଦେଇଥିବା ନେତାଙ୍କ ମୁହଁ ଦେଖିବାକୁ ସାତସପନ। ନିର୍ବାଚନ ପରେ ଦଳିୟ କର୍ମିମାନଙ୍କୁ ସୁରକ୍ଷା ନଦେଲେ ଏହାର କୁପ୍ରଭାବ ଦେଶର ଅନ୍ୟଆଡେ ପଡିବନି! ତେଣୁ ପଶ୍ଚିମବଙ୍ଗର ବେଙ୍ଗାକଥାର ଯେପରି ପୂନରାବୃତ୍ତି ନଘଟେ ସେଦିଗରେ ଦଳର ନେତୃବୃନ୍ଦ ସତର୍କ ରହିବା ଅନିବାର୍ଯ୍ୟ ଏବଂ କୌଣସି ରାଜ୍ୟରେ ଅରାଜକତା ବଢିଗଲେ ସଂବିଧାନାନୁସାରେ କେନ୍ଦ୍ରର ଯାହା କର୍ତ୍ତବ୍ୟ ତାହା ସଂପାଦନ କରିବାରେ ପଶ୍ଚାପ୍‌ଦ ଦେବା ଅନୁଚିତ୍।


+ ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦
bdpanda1@gmail.com


# କୃଷି- ବିଜ୍ଞାନର ନୂଆ ପଦ୍ଧତି- 'ହାଇଡ୍ରୋପୋନିକ୍ସ'

ଅତ୍ୟାଧୁନିକ ଜ୍ଞାନ-କୌଶଳ ପ୍ରୟୋଗ ଦ୍ୱାରା ଭବିଏ୍ୟତରେ କୃଷିର ସୁରକ୍ଷା ଓ ବିକାଶ ପାଇଁ ନୂଆ ବାଟ ଦେଖାଇଛନ୍ତି ଚେନ୍ନାଇର ଶ୍ରୀରାମ ଗୋପାଳ । ଏକ ଛୋଟ ଉଦ୍ୟୋଗ ପ୍ରତିଷ୍ଠା କରି, 'ହାଇଡ୍ରୋପୋନିକ୍ସ' କୌଶଳରେ ସେ ଚାଷ କରୁଛନ୍ତି । ବିନା ମାଟି, ସାର, କୀଟନାଶକ ଓ ନବେ ପ୍ରତିଶତ କମ ଜଳରେ ଏହି ପଦ୍ଧତିରେ ଚାଷ ସମ୍ଭବ । ଏଥିରୁ ଅଧିକ ଉତ୍ପାଦନ ଓ ଲାଭ ମିଳିପାରିବ । ୨୦୧୫ ୧୫ରେ ସେ ତିରିଶ ଲକ୍ଷ ଟଙ୍କା ବ୍ୟବସାୟ କରିଥିଲେ । ପର ବର୍ଷକୁ ତାଙ୍କ ବ୍ୟବସାୟ ଦୁଇ



କୋଟି ଟଙ୍କାକୁ ବଢ଼ିଥିଲା । ଏବେ ସେ ଉଦ୍ୟାନ କୃଷି ସାଙ୍ଗକୁ ବ୍ରାହ୍ମୀ, ପୁଦିନୀ, ତୁଳସୀ ଭଳି କିଛି ଔଷଧୀୟ ବୃକ୍ଷ ଚାଷ କରୁଥିବା ପ୍ରକାଶ । ଇଞ୍ଜିନିୟରିଂ ସ୍ନାତକ ଉତ୍ତୀର୍ଣ୍ଣ ଶ୍ରୀରାମ ପ୍ରଥମେ ନିଜସ୍ୱ ଉଦ୍ୟମ ଓ ସମ୍ବଳରେ ଗୋଟିଏ ସୂଚନା ପ୍ରଯୁକ୍ତିବିଦ୍ୟା କମ୍ପାନି ଗଢ଼ିଥିଲେ । ପରେ ତାହା ଛାଡ଼ିଥିଲେ । ୟୁ-ଟ୍ୟୁବରେ ପ୍ରସାରିତ 'ହାଇଡ୍ରୋପୋନିକ୍ସ' କୃଷି ବିଜ୍ଞାନର ପ୍ରଣାଳୀ ଦେଖିବା ପରେ, ଉତ୍ସାହିତ ହୋଇ ଏବେ ଚାଷ କରୁଛନ୍ତି । ସହରୀକରଣ ଓ ଶିଳ୍ପାୟନ ବୃଦ୍ଧି ତଥା ଭୂ- ତଳ ଜଳ ସ୍ତର କ୍ରମଶଃ କମୁଥିବାରୁ ଭବିଷ୍ୟତ ପାଇଁ 'ହାଇଡ୍ରୋପୋନିକ୍ସ' କୃଷି ପ୍ରଣାଳୀ ଏକ ନୂଆ ବିକଳ୍ପ । ଘର ଛାତରେ, କମ୍ ଜାଗାରେ ମଧ୍ୟ ଏହି ଉପାୟରେ ଚାଷ କରିହେବ ।

# 'ଇ-ସିଗାରେଟ୍' ବ୍ୟବହାରକାରୀଙ୍କୁ ହେଉଛି କର୍କଟ

ସିଗାରେଟ୍ ବାବଦରେ ଆପଣମାନେ ସମସ୍ତେ ଜାଣନ୍ତି, କିନ୍ତୁ ଇ-ସିଗାରେଟ୍ କଥା ଶୁଣିଲାବେଳକୁ ଟିକିଏ ନୂଆ ଲାଗୁଛି । ତେବେ ଇ-ସିଗାରେଟ୍ ବ୍ୟବହାରକାରୀ ଅଧିକ ସଂଖ୍ୟାରେ କର୍କଟ ରୋଗରେ ଆକ୍ରାନ୍ତ ହେଉଥିବା ଆଶଙ୍କା ରହିଛି । ପ୍ରତିକାର ସ୍ୱରୂପ ଏହାର ବ୍ୟବହାର ଉପରେ କେନ୍ଦ୍ର ସରକାର ନିଷେଧାଦେଶ ଜାରି କରିଥିବାବେଳେ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡିକ ଇ-ସିଗାରେଟ୍‌ମୁକ୍ତ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି । ତଥାପି ଯୁବପିଢି ଇ-ସିଗାରେଟ୍ ଟାଣିବା ଏକ ପ୍ରକାର ପ୍ରତିଯୋଗିତା ଚାଲିଛି । ଭୁବନେଶ୍ୱର ଓ କଟକ ସମେତ ରାଜ୍ୟର ଅନ୍ୟ ଛୋଟବଡ ସହରରେ ଇ-ସିଗାରେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ଧୀରେ ଧୀରେ ବଢିବାରେ ଲାଗିଛି । ଦିନକୁ ଦିନ ଇ-ସିଗାରେଟ୍ ଟ୍ରେଣ୍ଡ ଯୁବପିଢିଙ୍କୁ କବଳିତ କରିବାରେ ଲାଗିଛି ।

## ସ୍ୱାସ୍ଥ୍ୟ ପାଇଁ ହାନିକାରକ

ଇ-ସିଗାରେଟ୍ ଅର୍ଥ ଇଲେକ୍ଟ୍ରୋନିକ୍ ସିଗାରେଟ୍ । ୧୯୨୭ରେ ଜୋଶେଫ୍ ରବିନ୍‌ସନ୍ ଜଣେ ରୋଗୀଙ୍କୁ ପରୀକ୍ଷା କରିବାକୁ ଯାଇ କଲେକ୍ଟ୍ରେନିକ୍ ଭାପୋରାଇଜର୍ ବ୍ୟବହାର କରିଥିଲେ । ଏହା ପରବର୍ତ୍ତୀ ସମୟରେ ଇ-ସିଗାରେଟ୍ ରୂପ ନେଇଛି । ସିଗାରେଟ୍ ଟାଣିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ଓ କର୍କଟ ଭଳି ଦୁରାରେଗ୍ୟ ଆକ୍ରାନ୍ତ ହେବାର ସମ୍ଭାବନା ରହିଥିବା ଜାଣିଥିଲେ ସୁଦ୍ଧା ବୋଲି ଜାଣିଥିଲେ ସୁଦ୍ଧା ଅନେକ ସିଗାରେଟ୍




ଟାଣି ଧୂଆଁ ଛାଡିବାରେ ଧୁରନ୍ଧର । ନିୟମିତ ସିଗାରେଟ୍ ଟାଣୁଥିବା ବ୍ୟକ୍ତିର ଓଠ କଳା ପଡିଯାଇଥାଏ । ଅପରପକ୍ଷରେ ଇ-ସିଗାରେଟ୍‌ରେ ତମାଖୁ ବିହୀନ ହୋଇଥିବାବେଳେ ଏଥିରେ ଥିବା ଭାପୋରାଇଜର୍ ଗୋଟିଏ ବ୍ୟାଟେରି ଦ୍ୱାରା ପରିଚାଳିତ ହୋଇ ଧୂଆଁ ବାହାରିବାରେ ସହାୟକ ହୋଇଥାଏ । ସମାନ ଢଙ୍ଗରେ ଇଲେକ୍ଟ୍ରୋନିକ୍ ସିଗାରେଟ୍ ଟାଣି ଧୂଆଁ ଛାଡି ଦେଉଥିବାରୁ ପ୍ରଥମେ ଏହା ଏକ ସଉକ ଭାବେ ଯୁବପିଢିଙ୍କ ଠାରେ ପରିଲକ୍ଷିତ ହୋଇଥିଲା । ଇ-ସିଗାରେଟ୍ ଟାଣିବା ଦ୍ୱାରା ଓଠ କଳା ପଡୁନଥିବା ଜାଣିବା ପରେ ପାଟିରୁ ଧୂଆଁ ଛାଡିବା ନିଶାରେ ପରବର୍ତ୍ତୀ ପର୍ଯ୍ୟାୟରେ ଏଥିପ୍ରତି ସେମାନଙ୍କ ଆଗ୍ରହ ବୃଦ୍ଧି ପାଇଛି । ଇ-ସିଗାରେଟ୍ ବ୍ୟବହାରକାରୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଦେଖାଯାଉଛି । ଫଳରେ ଏହା ଯୁବପିଢିଙ୍କ ପାଇଁ ନୂଆ ବିପଦ ଭାବେ ଉଭା ହୋଇଛି ।

## ନକାରାତ୍ମକ ପ୍ରଭାବ ପକାଏ, ମସ୍ତିଷ୍କକୁ କ୍ଷତି ପହଞ୍ଚାଏ:

ନିୟମିତ ଇଲେକ୍ଟ୍ରୋନିକ୍ ସିଗାରେଟ୍ ବ୍ୟବହାର କରିବା ଦ୍ୱାରା ବିଭିନ୍ନ ପ୍ରକାରର ହୃଦ୍‌ରୋଗ ହେବା ସହିତ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ବିଭିନ୍ନ ବାଧା ଦେଖାଦିଏ । ସେହିପରି ଯୁବପିଢିଙ୍କର ମସ୍ତିଷ୍କକୁ ଏହା କ୍ଷତି ପହଞ୍ଚାଇବା ସହିତ ନକାରାତ୍ମକ ରୋଗ ସୃଷ୍ଟି ହେଉଥିବା ଜଣାପଡିଛି । ଇ-ସିଗାରେଟ୍ ଭୟାବହତା ଓ ନିକୋଟିନ୍ ବ୍ୟବହାର ଦ୍ୱାରା ବିଭିନ୍ନ ମାରାତ୍ମକ ରୋଗରେ ଯୁବପିଢି ଆକ୍ରାନ୍ତ ହେଉଥିବାରୁ ଦି ପ୍ରୋହିବିସନ୍ ଅଫ୍ ଇଲୋକ୍ଟ୍ରୋନିକ୍ ସିଗାରେଟ୍ ଅର୍ଡିନାନ୍ସ, ୨୦୧୯ ଅନୁଯାୟୀ କେନ୍ଦ୍ର ସରକାରଙ୍କ ପକ୍ଷରୁ ଇ-ସିଗାରେଟ୍‌କୁ ଦେଶରେ ବନ୍ଦ କରାଯାଇଛି । ନିକଟରେ ଦେଶର ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ଇ-ସିଗାରେଟ୍ ମୁକ୍ତ



କରିବାକୁ ୟୁଜିସି ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି ।

## ଲୋଭନୀୟଅଫର ଜାଲରେ ପଡନ୍ତୁ ନାହିଁ

ଦିନକୁ ଦିନ ଇ-ସିଗାରେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ବୃଦ୍ଧି ଓ ନୂଆ ବଜାରରେ ଏହାର ଚାହିଦା ଆଶାତୀତ ଭାବେ ବଢିବାରେ ଲାଗିଛି । ତେଣୁ ବହୁ କମ୍ପାନୀ ଏବେ ଇ-ସିଗାରେଟ୍ ପ୍ରସ୍ତୁତ କରି ଏହାର ପ୍ୟାକେଟ୍‌କୁ ଆକର୍ଷଣୀୟ କିରବା ସହିତ ଲୋଭନୀୟ ଅଫର ଦେଉଛନ୍ତି । ଏହା ସ୍ୱାସ୍ଥ୍ୟପାଇଁ ହାନିକାରକ ବୋଲି ଜାଣିଥିଲେ ସୁଦ୍ଧା ବିଭିନ୍ନ ଘରୋଇ କମ୍ପାନୀଗୁଡିକ ପକ୍ଷରୁ ଯୁବପିଢିଙ୍କୁ ଆକୃଷ୍ଟ କରିବାକୁ ସୁନ୍ଦର ଡିଜାଇନ କରି ତା'ର ପ୍ରଚାର ପ୍ରସାର କରାଯାଉଛି । ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍‌ରେ ଇ-ସିଗାରେଟ୍ ବିକ୍ରି କରାଯାଉଥିବା ଦେଖିବାକୁ ମିଳୁଛି । ଅଧିକାଂଶ ସମୟରେ କୋମଳମତି ପିଲାମାନେ ଓ ଯୁବପିଢି ଏଭଳି ଲୋଭନୀୟ ବିଜ୍ଞାପନକୁ ଦେଖି ଶରୀର ପାଇଁ କ୍ଷତିକାରକ ଥିବା ଇ-ସିଗାରେଟ୍ ପ୍ରତି ଆକୃଷ୍ଟ ହୋଇଥାନ୍ତି । ପ୍ରଥମେ ସଉକରେ ଟାଣୁଥିବା ଯୁବପିଢି ପରବର୍ତ୍ତୀ ସମୟରେ ଏହାକୁ ନିଶା ଭାବରେ ଗ୍ରହଣ କରିନିଅନ୍ତି । ତେଣୁ ଲୋଭନୀୟ ଅଫର ଜାଲରେ ନ ପଡିବାକୁ ବହୁ ଚିକିତ୍ସା ବିଜ୍ଞାନି ଓ ମନୋବିଜ୍ଞାନୀ ପରାମର୍ଶ ଦେଇଛନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସହଯୋଗ ଆବଶ୍ୟକ...

ଦେଶର ଅଧିକାଂଶ ରାଜ୍ୟ କରୋନା ମହାମାରୀର ଦ୍ୱିତୀୟ ଲହରର ଶୀର୍ଷ ଛୁଇଁ ସାରିବା ପରେ ଏବେ ଦୈନିକ ନୂତନ ସଂକ୍ରମିତ ଓ ମୃତ୍ୟୁସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଲଗାତାର ଭାବେ ପ୍ରତିଦିନ ଏହି ସଂଖ୍ୟା ଯେତିକି କମୁଛି, ଆରୋଗ୍ୟ ହାର ମଧ୍ୟ ସେତିକି ମାତ୍ରାରେ ବୃଦ୍ଧି ପାଇଚାଲିଛି । ଗୁରୁବାର ସୁଦ୍ଧା ଦେଶରେ ଅରୋଗ୍ୟ ହାର ୯୨.୭୯ ପ୍ରତିଶତ ଛୁଇଁଛି । ସେହିଭଳି ଗତ ଚବିଶି ଘଣ୍ଟା ମଧ୍ୟରେ ୧ ଲକ୍ଷ ୩୪ ହଜାର ନୂଆ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସେହି ସମୟ ମଧ୍ୟରେ ୨ ଲକ୍ଷ ୬୪ ହଜାରରୁ ଅଧିକ ଆକ୍ରାନ୍ତ ଆରୋଗ୍ୟ ଲାଭ କରିଛନ୍ତି । ଏହା ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଆଶ୍ୱସ୍ତି ପହଞ୍ଚାଇଥିବା ବେଳେ ସରକାର ମଧ୍ୟ ଅନେକାଂଶରେ ଆଶ୍ୱସ୍ତ ହୋଇଛନ୍ତି । ଉଣା ଅଧିକେ ଏବେ ସମସ୍ତଙ୍କର ହୃଦବୋଧ ହୋଇଛି ଯେ, କରୋନାର ଦ୍ୱିତୀୟ ଲହରର ଅନୁଭୂତି ଦେଶପାଇଁ ଯେ ଅତ୍ୟନ୍ତ ପୀଡ଼ାଦାୟକ ତାହା ଯେକେହି ସ୍ୱୀକାର କରିବେ ।

କିନ୍ତୁ ଏବେ ଆଉ ଚିନ୍ତା ସେଠାରେ ସୀମିତ ହୋଇ ରହିନାହିଁ । କରୋନାର ସମ୍ଭାବ୍ୟ ତୃତୀୟ ଲହର ସକାଶେ ଏବେଠାରୁ ପ୍ରସ୍ତୁତ ରହିବାକୁ ଭୂତାଣୁ ବିଶେଷଜ୍ଞ ଓ ଅନ୍ୟ ମହାମାରୀ ବିଶେଷଜ୍ଞମାନେ ଚେତାବନୀ ଶୁଣାଇଲେଣି । କେବଳ ଚେତାବନୀ ନୁହେଁ, ଦ୍ୱିତୀୟ ଲହର ସମାପ୍ତ ହେବାର ପ୍ରାୟ ଛଅ ମାସ ମଧ୍ୟରେ ତୃତୀୟ ଲହର ଆସିବା ସୁନିଶ୍ଚିତ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି । ଯେଉଁଭଳି ସାମୁଦ୍ରିକ ଝଡ଼ବାତ୍ୟାକୁ ରୋକିବାର କୌଣସି ଉପାୟ ନାହିଁ; ସେହିଭଳି ମହାମାରୀକୁ ସଂପୂର୍ଣ୍ଣ ରୂପେ ରୋକାଯାଇ ପାରିବ ନାହିଁ । ତେଣୁ ଏହାକୁ କିଭଳି ଭାବେ ମୁକାବିଲା କରାଯିବ ଏବଂ ସଂକ୍ରମଣ ଓ ମୃତ୍ୟୁସଂଖ୍ୟାକୁ ଯଥାସମ୍ଭବ ସୀମିତ କରାଯାଇପାରିବ ସେଥିନିମନ୍ତେ ସମସ୍ତଙ୍କୁ ଚିନ୍ତା ଘାରିଛି । କର୍ଣ୍ଣାଟକ ଓ ଅନ୍ୟାନ୍ୟ କେତେକ ରାଜ୍ୟ ଏଥିପାଇଁ ନିଜ ନିଜର ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି । କଥାରେ ଅଛି- ବେଳ ଥାଉଁ ବନ୍ଧ ବାନ୍ଧିଲେ ହିଁ ବନ୍ୟା ଦାଉରୁ ରକ୍ଷା ମିଳିଥାଏ । ବ୍ୟକ୍ତିବିଶେଷ ହୁଅନ୍ତୁ ଅବା ରାଷ୍ଟ୍ର ନିଜର ଭୁଲ୍‌ରୁ ସମସ୍ତଙ୍କର ଅନେକ କିଛି ଶିକ୍ଷାଲାଭ କରିବାର ଅବସର ଥାଏ । ସେହିଭଳି କରୋନାର ପ୍ରଥମ ଓ ଦ୍ୱିତୀୟ ଲହର ଆମ ସମ୍ମୁଖରେ ଶିକ୍ଷାଲାଭର ବ୍ୟାପକ ଅବସର ପ୍ରସାରିତ କରିଛି । ଗତବର୍ଷ କରୋନାର ପ୍ରଥମ ଲହର ପରେ ସରକାର ଓ ଦେଶବାସୀ ଯେଉଁଭଳି ଭାବେ ଚିନ୍ତାଶୂନ୍ୟ ହୋଇପଡ଼ିଥିଲେ ତାହାର ପରିଣାମସ୍ୱରୂପ ଦ୍ୱିତୀୟ ଲହର ଏତେ ଭୟଙ୍କର ଆକାର ଧାରଣ କଲା । ଏଥିରେ ଲକ୍ଷାଧିକ ଲୋକଙ୍କ ପ୍ରାଣହାନି ଘଟିଲ ଓ ଏବେସୁଦ୍ଧା ପ୍ରାୟ ୧୭ଲକ୍ଷରୁ ଅଧିକ ସକ୍ରିୟ ଆକ୍ରାନ୍ତଙ୍କ ବୋଝ ଦେଶ ମୁଣ୍ଡାଇଛି ।

ବିଶ୍ୱର କେତେକ ରାଷ୍ଟ୍ରରେ କରୋନାର ତୃତୀୟ ଓ ଚତୁର୍ଥ ଲହର ଅନୁଭୂତ ହୋଇସାରିଲାଣି । ତେଣୁ ଭାରତରେ ତୃତୀୟ ଲହର ଆସୁ ଅବା ନଆସୁ, ସେଥିପାଇଁ ଏବେଠାରୁ ପ୍ରସ୍ତୁତ ହେବା ଛଡ଼ା ଅନ୍ୟ କିଛି ଉପାୟ ନାହିଁ । ଏବଂ ଏହି ପ୍ରସ୍ତୁତି ପ୍ରଥମ ଓ ଦ୍ୱିତୀୟ ଲହର ବେଳେ ଅନୁଭୂତ ହୋଇଥିବା ଦୁର୍ବଳତା ଏବଂ ସେଥିରୁ ମିଳିଥିବା ମହାଶିକ୍ଷା ଆଧାରରେ ହିଁ ହେବା ଉଚିତ୍ । ସର୍ବପ୍ରଥମେ ଦେଶର ସହରାଞ୍ଚଳଠାରୁ ନେଇ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ସୁଦୃଢ଼ୀକରଣ କରାଯିବା ଆବଶ୍ୟକ । ସେହିଭଳି ଅତ୍ୟାବଶ୍ୟକ ଚିକିତ୍ସା ସାଧନଠାରୁ ନେଇ ଡାକ୍ତର ଓ ଅନ୍ୟ ସବୁ ସ୍ୱାସ୍ଥ୍ୟକର୍ମୀଙ୍କୁ ମୁତୟନ କରାଯିବା ଦରକାର । ଏଥିସହିତ ପର୍ଯ୍ୟାପ୍ତ ପରିମାଣର ଔଷଧ ମହଜୁଦ ରଖିବା ସହ ଭେଣ୍ଟିଲେଟର, ଆଇସିୟୁ, ମେଡିକାଲ ଅକ୍ସିଜେନର ବ୍ୟବସ୍ଥା କରାଯିବା ବାଞ୍ଛନୀୟ । ସର୍ବୋପରି ବ୍ୟାପକ ଟିକାକରଣ ଜରିଆରେ ସବୁ ଆୟୁବର୍ଗର ନାଗରିକଙ୍କୁ ତାହା ପ୍ରଦାନ କରାଯିବା ଉଚିତ । ତୃତୀୟ ଲହରବେଳେ, ବିଶେଷକରି ଶିଶୁମାନେ ଅଧିକ ମାତ୍ରାରେ ଆକ୍ରାନ୍ତ ହେବେ ବୋଲି ବିଶେଷଜ୍ଞମାନେ ଯାହା ଆଶଙ୍କା କରୁଛନ୍ତି ସେଥିପ୍ରତି ସର୍ବାଧିକ ଧ୍ୟାନ ଦିଆଯିବା ଜରୁରି । ଏହା ବ୍ୟତୀତ କରୋନାରୁ ଆରୋଗ୍ୟ ଲାଭ ପରବର୍ତ୍ତୀ ଅବସ୍ଥାରେ ଲୋକମାନଙ୍କଠାରେ ଦେଖାଯାଉଥିବା ଅନ୍ୟାନ୍ୟ ସ୍ୱାସ୍ଥ୍ୟଜନିତ ସମସ୍ୟାର ଉପଚାର ନିମନ୍ତେ ମଧ୍ୟ ବ୍ୟବସ୍ଥା ଗ୍ରହଣ କରିବାର ସମୟ ଉପସ୍ଥିତ । ପରିସ୍ଥିତି ଚେତାଇ ଦେଇଛି ଯେ, ବଞ୍ଚିବା ପାଇଁ ଅନ୍ୟ ଯେକୌଣସି ପ୍ରୟାସ ତୁଳନାରେ ସୁସ୍ଥତା ଅଧିକ ଆବଶ୍ୟକତା । ଏଥିପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ ।

## କବିତା କୋଣାର୍କ

### ସାଥୀ....

ସସ୍ମିତା ମହାପାତ୍ର

ଏଇ ଆମ ନିବିଡ଼ତା
ଜୀବନ ତମାମ ସବୁଦିନ
ସକାଳ ପାଦୁକା ସମ
ଶୀତଳ ମଧୁର ଆଉ ପବିତ୍ରତା ।
କେଜାଣି କେତ
ଯୁଗ ସେମ୍ଭାସ୍ୱରର
ଜନ୍ମ ଜନ୍ମାନ୍ତରର ତେପୋବଳେ
ଦୂରେ ଦୂରେ ଥାଇ ମଧ୍ୟ
ନଲାଗେ ଦୂରତା ।
ତୁମ ସହ ମୋର ବନ୍ଧନ
ପ୍ରେମ ଆଉ ବିଶ୍ୱାସର ସମ୍ବୋଧନେ
କେତେବେଳ
ବୋଉ ପରି ଝାଡ଼ିଦିଅ ସର୍ବାଙ୍ଗର ଧୂଳି
ନିର୍ଭିକ ସାହସ ପଣ ଭରିଛ ଠିକ୍
ବାପା ଭଳି ହାତ ଧରି ଶିଖାଅ
କର୍ତ୍ତବ୍ୟ ରଣଭୂମିରେ ଯୁଝିବାର
ଭାଇଟିଏ ପରି ।

ମୋ ଏକଲାପଣ ଦେଖି
ଚୁପ୍ ଚାପ୍ ଆସି ଛୁଇଁ ଦେଇଯାଅ
ବୁଲିପଡ଼ି ଚାହିଁ ଦିଏ
ପାଶେ ତୁମେ ନାହିଁ
କିନ୍ତୁ ରାଗ, ରୁଷା ଅଭିମାନ ସମୟରେ
ଖୁବ୍ ପାଖେ ପାଖେ ଥାଅ ।

ସେଦିନ ଦୃଷ୍ଟି ପଡ଼ିଲା
ଆକାଶର ଦ୍ୱିତୀୟା ଜହ୍ନରେ
ତା ଭିତରେ ତମେ ଥିଲ
କଣେଇ ହସୁଥିଲ ବଙ୍କିମା ଅଧରେ
ତମ ବିଶ୍ୱାସ ମୋ ନିଶ୍ୱାସ ଦେଇ
ଛାତି ଭିତରେ ଜମାଟ ବାନ୍ଧିଛି
ମୋର ସମସ୍ତ ଶୂନ୍ୟତାକୁ ଭରି
ତୁମ ଯାଦୁକରୀ ଶବ୍ଦର
ବୁନ୍ଦାଏ ମହକରେ
ମୋର ଦୀର୍ଘଶ୍ୱାସ
ମଳୟ ପାଲଟି ଯାଇଛି ।

ଅନେକ ଥର
ଏଇମିତି ବାରମ୍ବାର
ଘୂର୍ଣ୍ଣିବଳୟ ପ୍ରଭାବେ
ଉଠିଥିବା ଝଡ଼ ଥମି ତ ଯାଇଛି
ସେତେବେଳ
ତୁମ କବିତା ସ୍ୱର୍ଶରେ
ଦୁଃଖ କିଣା ଅମୃତ ଧାରରେ
ମୁଁ ଜୀଇଁକି ଉଠୁଚି ।

+ ଖଞ୍ଜାସାହି, ପାରଳାଖେମୁଣ୍ଡି

## ଆମ ପରିବେଶ ଓ ଆମ ଜୀବନ



ବିପିନ ବିହାରୀ ମହାନ୍ତି

ସୂର୍ଯ୍ୟକୁ ସକଳ ଶକ୍ତିର ଆଧାର କୁହାଯାଏ । ସୂର୍ଯ୍ୟକୁ କେନ୍ଦ୍ର କରି ଘୁରୁଥିବା ଗ୍ରହମାନଙ୍କ ମଧ୍ୟରୁ ପୃଥିବୀ ଗୋଟିଏ ଗ୍ରହ ଏଠାରେ ଜଳ ତରଳ ଗ୍ୟାସମୟ ଅବସ୍ଥାରେ ଅଛି । ବିଜ୍ଞାନ କୁହେ ପ୍ରଥମେ ଜୀବଜଗତ ଏହି ଜଳରୁ ହିଁ ସୃଷ୍ଟି ।

ଏଇ ପୃଥିବୀ ଉପରେ କେତେ ମହାଦେଶ, ଦେଶ, ସମୁଦ୍ର, ପାହାଡ଼, ପର୍ବତ, ନଦୀନାଳ, ପ୍ରାଣୀ ଓ ଉଦ୍ଭିଦ ପରି ଜୀବଜଗତ ଅଛନ୍ତି । ଏହା ଉପରେ ଆମ ଘର । ଆମ ଘର ବାହାରେ ବିଶ୍ୱବ୍ରହ୍ମାଣ୍ଡ ଯାଏ ଯାହା ଅଛି ତାହା ଆମ ପରିବେଶ । 'ପରିବେଶ କହିଲେ ପରିବେଷ୍ଟନ' । ଏହା ଅର୍ଥ ଯାହା ଆମକୁ ଚାରିପଟୁ ଘେରିରହିଛି, ତାହା ହିଁ ପରିବେଶ । ପରିବେଶରୁ ପରିବାର ବା ପରିବାରରୁ ପରିବେଶ ସୃଷ୍ଟି । ଆମେ ବଂଚି ରହିବା ପାଇଁ ଯାହା ଯାହା ଦରକାର ଯଥା ଖାଦ୍ୟବସ୍ତ୍ର, ବାସଗୃହ, ଆମ ଶ୍ୱାସକ୍ରିୟା ପାଇଁ ଅମ୍ଳଜାନ, ଆମ ପିଇବା ପାଣି, ଆମକୁ ଧରି ରଖିବା ପାଇଁ ଧରିତ୍ରୀ ଆମ ସୂର୍ଯ୍ୟାଲୋକ, ସବୁ ହେଉଛି ପରିବେଶର ଅଂଶ । ପରିବେଶ ବିନା ଜୀବନ ନାହିଁ ।

ପରିବେଶରୁ କେବଳ ପବନକୁ ଅନୁଭବ କରୁ । ବାକି ସବୁ ଦେଖୁ । ପରିବେଶକୁ ଆମେ ଦୁଇଭାଗରେ ବିଭକ୍ତ କରୁ : ଜୈବିକ ପରିବେଶ ଓ ଅଜୈବିକ ପରିବେଶ । ଜୈବିକ ପରିବେଶ ମଧ୍ୟରେ ସମସ୍ତ ପ୍ରାଣୀ ଓ ଉଦ୍ଭିଦ ଜଗତ ଅନ୍ତର୍ଭୁକ୍ତ । ଯଥା ଗାଈ, ଛେଳି, ମେଣ୍ଢା, ବାଘ, ଭାଲୁ, ହାତୀ, ମଣିଷ ଇତ୍ୟାଦି ପ୍ରାଣୀ ଅଛନ୍ତି । ସେମିତି ଉଦ୍ଭିଦରେ ଘାସଠୁ ଆରମ୍ଭ କରି ବିରାଟ ଗଛ ଯାଏ ଅଛନ୍ତି ।

ଯେଉଁମାନଙ୍କର ଜୀବନ ନାହିଁ, ସେମାନେ ଜଡ଼ ବା ଅଜୈବ ପରିବେଶ ଅନ୍ତର୍ଗତ ଅଟନ୍ତି । ଏମାନେ ମାଟି ଗୋଡ଼ିଠୁ ଆରମ୍ଭ କରି ପାହାଡ଼, ପର୍ବତ, ଜଳ, ବାୟୁ, ସୂର୍ଯ୍ୟାଲୋକ ଏବଂ ବିଶ୍ୱବ୍ରହ୍ମାଣ୍ଡରେ ପ୍ରାଣ ନଥିବା ସମସ୍ତ ପଦାର୍ଥ ଅଟନ୍ତି ।

ଏହା ବାଦେ ଆଉ ଦୁଇଟି ପରିବେଶ ଅଛି : ପ୍ରାକୃତିକ ଓ କୃତ୍ରିମ ପରିବେଶ । ପ୍ରାକୃତିକ ହିଁ ଜୀବନ ଓ ଜଡ଼ ଜଗତର ସମାହାର ଅଟେ । କୃତ୍ରିମ କହିଲେ ଯାହା ମଣିଷକୃତ ଅର୍ଥାତ୍ ମଣିଷ ତା' ଆବଶ୍ୟକତାକୁ ନେଇ ଯାହା କରେ ଯେମିତି ଗୃହକୁ ନେଇ ଗୃହ ପରିବେଶ, ସେମିତି ଶିକ୍ଷା ପାଇଁ ବିଦ୍ୟାଳୟ ପରିବେଶ । ଏମିତିରେ ମଣିଷ ତା' ସୁବିଧା ପାଇଁ ଯାହା ଯାହା କରେ, ତାହା ହିଁ କୃତ୍ରିମ ପରିବେଶ । ଅନ୍ୟାନ୍ୟ ପରିବେଶ ମଧ୍ୟରେ ଅଛନ୍ତି ସାମାଜିକ ଓ ପ୍ରାକୃତିକ ପରିବେଶ, ସାମାଜିକ ଓ ନାଗରିକ ପରିବେଶ ଓ ସାଂସ୍କୃତିକ ପରିବେଶ ଇତ୍ୟାଦି ।

ପରିବେଶ କଥା ବିଚାର କଲାବେଳେ ଆମେ ଗୋଟିଏ ପଟେ ମଣିଷ ଓ ଅନ୍ୟପଟେ ତା' ଚାରିପଟେ ଯାହା ରହିଲା ତାକୁ ନେଇ ବିଚାର କରୁ । ମଣିଷ ଓ ତା' ପରିବାର ପରସ୍ପର ନିର୍ଭରଶୀଳ । ଗୋଟିଏ ବିନା ଆରଟି ତିଷ୍ଠିବା ସମ୍ଭବ ନୁହେଁ । ଆମେ ଏକ ଶୃଙ୍ଗ ସନ୍ତୁଳିତ ଅବସ୍ଥାରେ ବଂଚିଛେ । ପରିବେଶ ନଷ୍ଟ ହେଲେ ମଣିଷ ଜୀବନ ବିପନ୍ନ ।

ଏବେ କିନ୍ତୁ ପ୍ରକୃତି ବା ପରିବେଶ ପ୍ରଭାବିତ । ଆମ ଘରଠୁ ଆରମ୍ଭ କରି ବିଶ୍ୱ ବ୍ରହ୍ମାଣ୍ଡ ଯାଏଁ ପ୍ରଦୂଷଣ ବ୍ୟାପି ରହିଛି । ପ୍ରଥମରୁ ଆମ ବାସ କରୁଥିବା ଗୃହ ପରିବେଶ ଠିକ୍ ନାହିଁ । ଯାବତୀୟ ମଇଳା, ଆବର୍ଜନା, ନାଳନର୍ଦ୍ଦମାର ଅପରିଷ୍କାର ପାଣି, ପଚାସଢ଼ା ପଦାର୍ଥର ଦୁର୍ଗନ୍ଧ ଇତ୍ୟାଦି ଆମ ରୋଗର କାରଣ ହୋଇପଡିଛନ୍ତି । ଗୃହ ପରିବେଶ ପରିଷ୍କାର ବା ପରିମଳ ନାହିଁ ।

ଜଳର ଅନ୍ୟ ନାମ ଜୀବନ । ବେଦରେ ଲେଖା ଅଛି 'ସଲିଳଂ ସର୍ବମ୍ ଇଦମ୍' । ଏହାର ଅର୍ଥ ପୃଥିବୀରେ ଜଳ ନଥିଲେ ଜୀବଜଗତ ସୃଷ୍ଟି ହୋଇନଥାନ୍ତା । ମଣିଷ ଖାଦ୍ୟବିନା କିଛି ମାସ ବା ବର୍ଷ ବଂଚିପାରେ, ମାତ୍ର ଜଳବିନା କେଇଦିନ ବଂଚିବା ସମ୍ଭବ ନୁହେଁ । ଯେଉଁ ଜଳ ଆମର ଜୀବନ ରକ୍ଷକ ପାଲଟିଛି ଜୀବନ ଘାତକ । ଏବେ ଏହା ବିଷାକ୍ତ । ଏହାକୁ ପାନ କଲେ ଜୀବନ ନାଶ । ଜଳରେ ପେଟ୍ରୋଲିୟମ୍ ବ୍ୟବହାର କୀଟନାଶକ ବିଷର ପ୍ରୟୋଗ, ଡିଡିଟି, ସର୍ଫ, ସାବୁନ ଓ ନାଳ ନର୍ଦ୍ଦମାର ମଇଳା ପାଣି ମିଶି ଏହାକୁ ବିଷାକ୍ତ କରିପକାନ୍ତି । ଏଡାର କୁପ୍ରଭାବ ଜୀବଜଗତ ଉପରେ ପଡୁଛନ୍ତି । ଏହା ଆମର ବହୁରୋଗର କାରଣ ।

ପରିବେଶର ଏକ ମୂଲ୍ୟବାନ ଅଂଶ ଆମ ଜଙ୍ଗଲ । କଥାରେ ଅଛି ଜଙ୍ଗଲରେ ମଙ୍ଗଳ ଥାଏ । ଜଙ୍ଗଲ ବର୍ଷାର ଗୋଡ଼, ପଶୁପକ୍ଷୀମାନଙ୍କର ଘର, ମୃତ୍ତିକାର ସଂରକ୍ଷକ, ଅମ୍ଳଜାନ ଓ ଅଙ୍ଗାରକାମ୍ଳର ସନ୍ତୁଳନ ରକ୍ଷାକରେ । ଏହା ମଣିଷକୁ କାଠ, ବାଉଁଶ, ସବାଇ ଘାସ ଓ ଔଷଧି ଗଛ ଯୋଗାଏ । ଅଥଚ ଏବେ ପୃଥିବୀରୁ ଜଙ୍ଗଲ ନିଶ୍ଚିହ୍ନ ହେବାରେ ଲାଗିଛି । ଏଣୁ ବଢ଼ିଛି ବିଶ୍ୱତାପନ, ବରଫ ତରଳା ଇତ୍ୟାଦି ।

ଜଳ ପରି ବାୟୁ ବିନା ମଣିଷ ବଂଚିବ ନାହିଁ । ବାୟୁରେ ଥିବା ଅମ୍ଳଜାନ ମଣିଷର ଶ୍ୱାସକ୍ରିୟା ମାଧ୍ୟମରେ ଯାଇ ଶରୀରରେ ଯାବତୀୟ ଦହନ କାର୍ଯ୍ୟ କରେ । ଏବେ ସେ ବାୟୁରେ ଭାସମାନ ଦୂଷିତ ପଦାର୍ଥ, ରୋଗ ଜୀବାଣୁ ସୂକ୍ଷ୍ମ କଣିକା, ଗ୍ୟାସୀୟ ପଦାର୍ଥ, ଦହନଜାତ ପଦାର୍ଥ, ବିଭିନ୍ନ ତେଜସ୍କ୍ରିୟ ରଶ୍ମି ଇତ୍ୟାଦିର କୁପ୍ରଭାବ ଅଛି । ଏଥିରେ ବିଭିନ୍ନ ପ୍ରକାର ଗ୍ୟାସୀୟ ଉପାଦାନ ଭୋପାଳ ଦୁର୍ଘଟଣା ପରି ଦୁଃଖଦ ଘଟଣା ଘଟାଇଥାଆନ୍ତି ।

ଏକଥା ସତ୍ୟ ଯେ ମାଟିବିନା ଜୀବନ ବିପର୍ଯ୍ୟସ୍ତ । ମା' ଓ ମାଟି ଆମକୁ ଧାରଣ ଓ ପୋଷଣର ଆଧାର । ମାଟି ହିଁ ମୃତ୍ତିକା । ପ୍ରାଣୀ ଓ ଉଦ୍ଭିଦ ସମସ୍ତେ ମୃତ୍ତିକା ଉପରେ ନିର୍ଭରଶୀଳ । ମୃତ୍ତିକାରେ ଚାଷବନ୍ଦୀ ହୁଏ । ଖାଦ୍ୟ ଫଳାଏ । ଏବେ ଏ ମୃତ୍ତିକାରେ ପ୍ରଚୁର ପରିମାଣରେ ରାସାୟନିକ ସାର ଓ କୀଟନାଶକ ବିଷ ପ୍ରୟୋଗ ହେଉଛି । ନାଳନର୍ଦ୍ଦମାର ଦୂଷିତ ଜଳ, କଳ କାରଖାନାର ଆବର୍ଜନା ମିଶ୍ରିତ ଜଳ, ଯାବତୀୟ ବର୍ଜ୍ୟବସ୍ତୁ ଯଥା - ଟିଣ, ପ୍ଲାଷ୍ଟିକ, ପଲିଥିନ୍, ଛିଣ୍ଡା ଟାୟାର ଓ ଟ୍ୟୁବ୍ ଗ୍ୟାରେଜମାନଙ୍କର ନିଗିଡ଼ା ତେଲ ଏସବୁ ମାଟିରେ ମିଶିଛି ଏବଂ ମାଟିକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ପ୍ରଦ୍ୟୁଷିତ କରୁଛି । ଏପଟେ ମୃତ୍ତିକା କ୍ଷୟ ଘଟୁଛି । ଉଭୟ ପ୍ରଦୂଷଣ ଓ ମୃତ୍ତିକା କ୍ଷୟ ଆମର କ୍ଷତି କରନ୍ତି ।

ଆମ ପରିବେଶର ଶବ୍ଦ ପ୍ରଦୂଷଣ ଅନ୍ୟ ଏକ କ୍ଷତିକାରକ । ସାଧାରଣ ବ୍ୟକ୍ତି ପାଇଁ ୮୦-୧୨୦ ଡେସିବଲ ମଧ୍ୟରେ ଧ୍ୱନି ଯଥେଷ୍ଟ । ତହିଁରୁ ଅଧିକ ବା କମ୍ କ୍ଷତିକାରକ । ଶବ୍ଦ ପ୍ରଦୂଷଣର କାରକମାନେ ହେଲେ ସ୍କୁଟର, ମଟରସାଇକେଲ, କାର୍, ଟେମ୍ପୁ, ଭ୍ୟାନ୍, ବସ୍, ଟ୍ରାକ୍ଟର, ଉଡ଼ାଜାହାଜ, ମହାକାଶଯାନ, ପାଣିଜାହାଜ, ପପ୍ ସଂଗୀତ, କଳକାରଖାନା ଯନ୍ତ୍ରପାତିର ଶବ୍ଦ, ବାଣମରା, ବୋମା ବିସ୍ଫୋରଣ ଇତ୍ୟାଦି । ତା'ସହିତ ପ୍ରାକୃତିକ ଘଡ଼ଘଡ଼ି ଚଡ଼ଚଡ଼ି ଅଛି ଏବଂ ଯୁଦ୍ଧକାଳୀନ ଅସ୍ତ୍ରର ବ୍ୟବହାର ଶବ୍ଦ ଅଛି । ଏମାନେ ସମସ୍ତେ ୧୨୦ ଡେସିବଲ ଠାରୁ ଅଧିକ ଶବ୍ଦ ସୃଷ୍ଟି କରନ୍ତି । ଏଣୁ କ୍ଷତିକାରକ ଅଟନ୍ତି ।

ସେମିତି ବାୟୁ, ଜଳ ଓ ଭୂଭାଗ ମଣିଷକୃତ କୌଣସି କାର୍ଯ୍ୟକାରଣରୁ ତାପମାତ୍ରାର ବୃଦ୍ଧି ବା ହ୍ରାସ ଦ୍ୱାରା ତାପ ପ୍ରଦୂଷଣ ଘଟେ । ତାପମାତ୍ରା ବୃଦ୍ଧିରେ ପରିବେଶ ଓ ତା'ର ଜୀବଜନ୍ତୁଙ୍କ ଉପରେ ମାରାତ୍ମକ ପ୍ରଭାବ ପକାଏ ।

ଏବେ ବଳାଏ ମହାକାଶ ପ୍ରଦୂଷଣ । ପୃଥିବୀ ପୃଷ୍ଠରୁ ୧୦୦୦ କି.ମି ଯାଏ ବାୟୁ ପ୍ରଦୂଷିତ ଏହା ଆମେ ଜାଣୁ । ଏହା ପରେ ମହାକାଶ । ଏହା ବାୟୁରହିତ । ଏହି ମହାଶୂନ୍ୟରେ ରକେଟ୍, ଉପଗ୍ରହ ଓ ମହାକାଶଯାନଙ୍କ ସ୍ଥିତି ଚଳାଚଳ ଏମାନଙ୍କ ଯନ୍ତ୍ରପାତିରେ ଇନ୍ଧନର ଦହନରୁ ଚାଳିତ । ଏମାନଙ୍କର ବିଷାକ୍ତ ଗ୍ୟାସ୍ ଓ ଭଙ୍ଗାରୁଜା ଅଂଶ ଏବେ ମହାକାଶରେ ଠୁଳ ଯେଉଁମାନେ ମହାକାଶକୁ ପ୍ରଦୂଷିତ କରନ୍ତି ।

ଏମିତିରେ ଆମ ଘର ପରିବେଶକୁ ବିଶ୍ୱ ବ୍ରହ୍ମାଣ୍ଡ ଯାଏଁ ପ୍ରଦୂଷିତ । ଆମେ ବଂଚିବା ତ ? ବିଜ୍ଞାନ ଅନୁସାରେ ଆମ ପୃଥିବୀ ଅତି ବେଶିରେ ୩୫୦ କୋଟି ଲୋକଙ୍କୁ ଠିକ୍ ଭାବରେ ଧାରଣ କରିପାରେ । ଏବେ ଏହା ୧୦ ଶହ କୋଟି । ପ୍ରଦୂଷଣକୁ ଜନସଂଖ୍ୟା ଚାପ ବଳାଏ ।

ଏସବୁ ବିଚାର କରି କୁହାଯାଇଛି ଆମ ପୃଥିବୀ ଏବେ ରୁଗ୍‌ଣ ହୋଇ ପଡ଼ିଛି ଏବଂ ସେ ତା'ର ଜରୁରୀ ନିରାକରଣ ଚାହୁଁଛି । ଆମେ ଯଦି ସଂଘବଦ୍ଧ ଭାବରେ ଏହାର ମୁକାବିଲା ପାଇଁ ହାତ ନ ମିଳାଇବା ଏ ମଣିଷ ଜାତି ଅଚିରେ ଧ୍ୱଂସ ପାଇଯିବ ।

ଏସବୁ ମଣିଷର ପ୍ରକୃତି ପ୍ରତି ଅତ୍ୟାଚାରର ଫଳ । ଏହାକୁ ବନ୍ଦ କରିବାକୁ ହେବ । ନୋହିଲେ ପ୍ରକୃତି ଆମକୁ ସମୁଚିତ ଶିକ୍ଷା ଦେବ । ପ୍ରଥମେ ପ୍ରକୃତି ଏବଂ ପରେ ଆମ କଥା ଆମକୁ ବିଚାର କରିବାକୁ ହେବ ।

+ ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ
ବିକାଶନଗର, ଜଟଣୀ, ଖୋର୍ଦ୍ଧା,
(ମୋ) ୯୯୩୮୩୪୧୩୮

## ପ୍ଲାଷ୍ଟିକ ଓ ଆମ ପରିବେଶ



ବୈଷ୍ଣବ ମେହେର

ସଂପ୍ରତି ବିଶ୍ୱତାପାୟନ ଓ ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ଏକ ଆହ୍ୱାନ ଭାବରେ ଉଭା ହୋଇଛି । ବିଜ୍ଞାନ ଯୁଗର ମଣିଷର ଅବିଚାରିତ କାର୍ଯ୍ୟ ଯୋଗୁଁ ପ୍ରାକୃତିକ ସମ୍ବଳର ଦ୍ରୁତ ଅବକ୍ଷୟ ଘଟି ସମୁଦାୟ ପରିବେଶ ଅସନ୍ତୁଳିତ ହୋଇପଡ଼ିଛି । ସୁବିଧାବାଦୀ ମଣିଷ ନିଜର ସୁଖ ସ୍ୱଚ୍ଛନ୍ଦ ନିମନ୍ତେ ସବୁଜ ବନାନୀର ବ୍ୟାପକ କ୍ଷୟ କରି ମାତ୍ରାଧିକ କଳକାରଖାନା ନିର୍ମାଣ, ଗାଡ଼ିମୋଟରର ଅବାଧ ବ୍ୟବହାର, କୃଷିକ୍ଷେତ୍ରରେ ରାସାୟନିକ ଦ୍ରବ୍ୟର ବ୍ୟାପକ ପ୍ରୟୋଗ ଦ୍ୱାରା ପରିବେଶ ପ୍ରଦୁଷିତ ହୋଇଚାଲିଛି । ଏହାର ପରିଣାମ ମଣିଷ ପ୍ରତିମୁହୂର୍ତ୍ତ ଭୋଗୁଥିଲେ ହେଁ ଏ ନେଇ ଆଦୌ ସଚେତନ ନ ହେବା ପରିତାପର ବିଷୟ ।

ପ୍ଲାଷ୍ଟିକ ସାମଗ୍ରୀର ବ୍ୟାପକ ବ୍ୟବହାର ହେଉଛି ପରିବେଶ ପ୍ରଦୁଷଣର ଅନ୍ୟତମ ପ୍ରମୁଖ କାରଣ । ପ୍ଲାଷ୍ଟିକ ଆମ ସ୍ୱଚ୍ଛ ପରିବେଶକୁ ବିଷମୟ କରିଦେଉଥିବା ଜାଣି ମଧ୍ୟ ଏହାକୁ ଆମେ ଛାଡ଼ି ପାରୁ ନାହୁଁ । ନିଃସନ୍ଦେହ ପ୍ଲାଷ୍ଟିକର ଉଦଭାବନ ଦୈନନ୍ଦିନ ଜୀବନକୁ ସହଜ କରିଛି କିନ୍ତୁ ଏହାର ବ୍ୟାପକ ବ୍ୟବହାର ସମଗ୍ର ଜୀବଜଗତ ପାଇଁ ପ୍ରାଣଘାତୀ ମଧ୍ୟ ସାବ୍ୟସ୍ତ ହେଲାଣି । ପ୍ଲାଷ୍ଟିକ ଏଭଳି ଏକ ଜିନିଷ ଯାହା ପାଣିରେ କିମ୍ବା ମାଟିରେ ମିଶିପାରେ ନାହିଁ, ଫଳରେ କୁଢ଼କୁଢ଼ ପ୍ଲାଷ୍ଟିକ ଅବର୍ଜନା ସଙ୍କଟମୟ ସ୍ଥିତି ସୃଷ୍ଟି କରୁଛି ।

ଏହା କହିବା ବାହୁଲ୍ୟ ଯେ, ମଣିଷର ଜୀବନ ଶୈଳୀ ସହ ପ୍ଲାଷ୍ଟିକ ଅଙ୍ଗାଅଙ୍ଗି ଭାବରେ ଜଡ଼ିତ । ରୋଷେଇ ଘର ଠୁଁ ଆରମ୍ଭ କରି ବଡ଼ବଡ଼ ଅଫିସ ପର୍ଯ୍ୟନ୍ତ ଓ ପିଲାଙ୍କ ଖେଳଣା ଠାରୁ ବଡ଼ବଡ଼ ଯାନବାହନ ପର୍ଯ୍ୟନ୍ତ ସବୁଠି ପ୍ଲାଷ୍ଟିକ ବ୍ୟବହୃତ ହେଉଛି । ପ୍ଲାଷ୍ଟିକର ବହୁଳ ବ୍ୟବହାର ସ୍ୱାସ୍ଥ୍ୟ ପାଇଁ କେତେଯେ କ୍ଷତିକାରକ ଏକଥା ଅନେକ ଜାଣି ଏବଂ ଅନେକ ନଜାଣି ଅଜ୍ଞ ଭାବରେ ବ୍ୟବହାର କରିଚାଲିଛନ୍ତି । ପ୍ଲାଷ୍ଟିକ ପାଣି ବୋତଲରେ ପାଣି ପିଇବା କିମ୍ବା ପ୍ଲାଷ୍ଟିକ ଟିଫିନ ବକ୍ସରେ ଖାଦ୍ୟ ଖାଇବା ଦ୍ୱାରା ଶରୀର ଭିତରକୁ ଯାଉଥିବା ହାନିକାରକ ରାସାୟନିକ ପଦାର୍ଥ ରୋଗ ପ୍ରତିରୋଧକ ଶକ୍ତିକୁ ହ୍ରାସ କରିଥାଏ । ବିଶେଷ କରି ଏଥିରେ ଥିବା ଥାଲେଟ୍ସ ନାମକ କେମିକାଲ ଲିଭର କ୍ୟାନ୍ସରର କାରଣ ହୋଇଥାଏ ବୋଲି ଚିକିତ୍ସାବିଜ୍ଞାନି ମାନେ ମତ ଦିଅନ୍ତି । ପ୍ଲାଷ୍ଟିକ ସମଗ୍ରୀରୁ ନିର୍ଗତ ହେଉଥିବା ଫ୍ଲୋରାଇଡ଼, ଆର୍ସେନିକ୍ ଏବଂ ଆଲୁମିନିୟମ ଭଳି ବିଷାକ୍ତ ଉତ୍ପାଦନ ମଣିଷ ଶରୀର ପାଇଁ କ୍ଷତିକାରକ ହୋଇଥାଏ । ବିଶେଷଜ୍ଞଙ୍କ ମତରେ ମେଦ ବହୁଳତା, ଡାଇବେଟିସ, ପ୍ରଜନନ ସମସ୍ୟା ଭଳି ଅନେକ ରୋଗର କାରଣ ଏହି ପ୍ଲାଷ୍ଟିକ ହୋଇଥାଏ ।

ପ୍ଲାଷ୍ଟିକ ସାମଗ୍ରୀ ଯୋଗୁଁ ବାୟୁ ପ୍ରଦୁଷଣ, ଉଦ୍ଭିଦ ବଂଶ ନାଶ, ଭୂତଳଜଳ ସ୍ତର ହ୍ରାସ, ଋତୁରେ ପରିବର୍ତ୍ତନ ଭଳି ସମସ୍ୟା ବଢ଼ିବାରେ ଲାଗିଛି । ଯାହାକି ବର୍ତ୍ତମାନ ବଡ଼ବଡ଼ ବିପର୍ଯ୍ୟୟକୁ ନିମଂତ୍ରଣ କରୁଥିବା ବେଳେ ଆଗାମୀ ପିଢ଼ି ପାଇଁ ମଧ୍ୟ ବିପଦ ସୃଷ୍ଟି କରୁଛି । ଗତ କିଛି ବର୍ଷ ହେଲା ଖାଇବା ସାମଗ୍ରୀ ଅଣ୍ଡା, ଚାଉଳ, ପନିପରିବା ଆଦିରେ ପ୍ଲାଷ୍ଟିକ ମିଶାଯାଇ ତିଆରି ହେଉଥିବାର ଅଭିଯୋଗ ଆସୁଛି, ଯଦି ଏହା ସତ ତେବେ ଏହା ଠାରୁ ବଳି ମାରାତ୍ମକ ବିଷୟ ଆଉ କଣ ହୋଇପାରେ ।

ଆକଳନ ଅନୁଯାୟୀ ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୩୦ କୋଟି ଟନ୍ ପ୍ଲାଷ୍ଟିକ ଉତ୍ପାଦନ ହୋଇଥାଏ । ଯେଉଁଥିରୁ ୫୦ ପ୍ରତିଶତ କୁ ୟୁଜ୍ ଏଣ୍ଡ ଥ୍ରୋ ଭାବରେ ବ୍ୟବହାର କରାଯାଇଥାଏ । ଆମ ଦେଶର ପରିବେଶ ମଂତ୍ରଣାଳୟର ତଥ୍ୟ ଅନୁଯାୟୀ, ଦୈନିକ ପ୍ରାୟ ୨୦ ହଜାର ଟନ୍ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ବାହାରିଥାଏ । ସେଥି ମଧ୍ୟରୁ କେବଳ ୧୩ ରୁ ୧୪ ହଜାର ଟନ୍ ହିଁ ସଂଗୃହିତ ହୋଇଥାଏ । ବଳକା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଗୁଡ଼ିକ ପ୍ରାୟତଃ ନଦୀନାଳ ଦେଇ ସମୁଦ୍ର ଭିତରକୁ ପ୍ରବେଶ କରୁଥିବାରୁ ୨୦୫୦ ସୁଦ୍ଧା ସମୁଦ୍ରରେ ମାଛ ଅପେକ୍ଷା ଅଧିକ ପ୍ଲାଷ୍ଟିକ ଅବର୍ଜନା ରହିବ ବୋଲି ଆଶଙ୍କା କରାଗଲାଣି । ଆହୁରି ଚିନ୍ତାର ବିଷୟ ଯେ, ଦି ୱାର୍ଲ୍ଡ ଆକାଉଣ୍ଟର ତଥ୍ୟ ଅନୁଯାୟୀ ୨୦୨୦ ସୁଦ୍ଧା ଏହିସବୁ ଅବର୍ଜନା ପ୍ୟାଚ୍ ର କ୍ଷେତ୍ର ୨୦ ଲକ୍ଷ ବର୍ଗ କି.ମି. ରୁ ଅଧିକ ଅଂଚଳକୁ ବ୍ୟାପ୍ତ ହୋଇସାରିଛି । ଅନ୍ୟପକ୍ଷରେ ପ୍ଲାଷ୍ଟିକ ଅବର୍ଜନା ଧିରେଧିରେ ମାଟିରେ ମିଶି ମାଟିକୁ ମଧ୍ୟ ଖରାପ କରୁଛି । ଏସବୁ ଅବର୍ଜନାକୁ ଯଦି ଜଳାଇ ଦିଆଯାଏ ତେବେ ଏଥିରୁ ବିଷାକ୍ତ ଗ୍ୟାସ ବାହାରି ବାୟୁମଣ୍ଡଳକୁ ପ୍ରଦୁଷିତ କରିଥାଏ । ରୟାଲ ଷ୍ଟାଟିଷ୍ଟିକାଲ ସୋସାଇଟିର ତଥ୍ୟ ଅନୁଯାୟୀ ପ୍ରାୟ ୯୦ ପ୍ରତିଶତ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ପୁନଃ ବ୍ୟବହାର କରା ନ ଯିବା ପରିବେଶକୁ ଅଧିକ ଗମ୍ଭୀର କରୁଛି ।

ପରିବେଶକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ଗତ ୨୦୧୯ ଅକ୍ଟୋବର ଦୁଇ ୧୫୦ ତମ ଜୟନ୍ତୀ ଦିନ ସାରା ଦେଶରେ ପଲିଥିନ ଓ ପ୍ଲାଷ୍ଟିକ ନିଷେଦ୍ଧ କରିବାକୁ ସରକାରୀ ସ୍ତରରେ ଘୋଷଣା କରାଗଲା କିନ୍ତୁ ଏହା ନିଷେଧାଦେଶ କାର୍ଯ୍ୟକାରିତାରେ ବିଶେଷ ପ୍ରଭାବ ଏଯାଏଁ ପରିଲିକ୍ଷିତ ନହେବା ଦୁର୍ଭାଗ୍ୟର ବିଷୟ । ଏହି କ୍ରମରେ ଓଡ଼ିଶାରେ ମଧ୍ୟ ପ୍ରଥମ ପର୍ଯ୍ୟାୟରେ ସହରାଂଚଳ ଏବଂ ପରବର୍ତ୍ତି ୨୦୨୦ ଅକ୍ଟୋବର ଦୁଇରୁ ଗ୍ରାମାଂଚଳରେ ମଧ୍ୟ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି । ନିୟମାନୁଯାୟୀ ୟୁଜ୍ ଏଣ୍ଡ ଥ୍ରୋ ପ୍ଲାଷ୍ଟିକ ସାମଗ୍ରୀକୁ ବନ୍ଦ କରାଯାଇଛି । ପ୍ଲାଷ୍ଟିକ ତିଆରି ବୋତଲ, ବ୍ୟାଗ, ଚାମୁଚ, ପାଣି ପାଉଚ, ପଲିଥିନ ଆଦିର ଉତ୍ପାଦନ ଓ ବିକ୍ରି ଉପରେ ବ୍ୟାପକ କଟକଣା ଜାରି କରାଯାଇଛି । ଖାଉଟି ଯଦି ଏହି ନିୟମର ଉଲଘଂନ କରନ୍ତି ତେବେ ପ୍ରଥମେ ଦୁଇଶହ ଟଙ୍କା, ଦ୍ୱିତୀୟ ଥର ପାଇଁ ପାଂଚ ଶହ ଏବଂ ତୃତୀୟ ଥର ଖିଲାପ କଲେ ଏକ ହଜାର ଟଙ୍କା ଜୋରିମାନା ଆଦାୟ କରାଯିବ । ଏହା ପରେ ମଧ୍ୟ ନିୟମ ଉଲଘଂନ କଲେ ଆଇନ ଅନୁଯାୟୀ ମାମଲା ଦାୟରର ବ୍ୟବସ୍ଥା ଅଛି । ସେହିଭଳି ରାସ୍ତାକଡ଼ ଦୋକାନୀ ଯଦି ପ୍ଲାଷ୍ଟିକ ନିୟମ ଉଲଘଂନ କରନ୍ତି ତେବେ ପାଂଚ ଶହରୁ ଦୁଇ ହଜାର, ହୋଟେଲ ମାଲିକ ପାଇଁ ଏକ ହଜାରରୁ ପାଂଚ ହଜାର ଓ ତାରକା ହୋଟେଲ ପାଇଁ ଦୁଇ ହଜାରରୁ ପଚାଶ ହଜାର ଟଙ୍କା ଯାଏଁ ଜୋରିମାନାର ଦଣ୍ଡବିଧାନ ରହିଛି । ପ୍ଲାଷ୍ଟିକ କଟକଣା ସରକାରୀ କାର୍ଯ୍ୟାଳୟ ମାନଙ୍କ ପାଇଁ ମଧ୍ୟ ଲାଗୁ ହୋଇଛି । କିନ୍ତୁ ପ୍ରଶାସନିକ କ୍ଷେତ୍ରରେ ନିଷ୍ଠାପର ଉଦ୍ୟମର ଅଭାବ ଯୋଗୁଁ ନିୟମର ଆଖିଦୃଶିଆ କାର୍ଯ୍ୟକାରୀ ହୋଇପାରୁ ନାହିଁ ।

ଆଧୁନିକ ଜୀବନଶୈଳୀ ଆମର ପରିବେଶକୁ ଦିନକୁଦିନ ବିଗାଡ଼ିବାରେ ଲାଗିଛି । ବର୍ତ୍ତମାନର ସ୍ଥିତିରେ ପ୍ଲାଷ୍ଟିକ ପିଚୁ ରାସ୍ତା, ପ୍ଲାଷ୍ଟିକ ପାର୍କ ଆଦି ସହ ଅଧିକରୁ ଅଧିକ ପ୍ଲାଷ୍ଟିକ ଅବର୍ଜନାର ପୁନଃ ବ୍ୟବହାର ପ୍ରତି ଧ୍ୟାନ ଦିଆଯିବା ଦରକାର । ବର୍ତ୍ତମାନର ଭୟାବହ କରୋନା ସ୍ଥିତି ଯେଉଁ ପ୍ରକାର ଅପ୍ରତ୍ୟାଶିତ ଓ ଅବିଶ୍ୱସନୀୟ ବିପତ୍ତି ଆଣିଦେଇଛି, ସେଥିରୁ ଯଦି କିଛି ଶିକ୍ଷା ଲାଭ ନ କରି ପ୍ରାକୃତିକ ପରିବେଶର ମୌଳିକତାକୁ କ୍ଷୁର୍ଣ୍ଣ କରିଚାଲିବା ତେବେ ଆଗକୁ ଏହା ଠାରୁ ବହୁ ଗୁଣରେ ସ୍ଥିତି ଭୟଙ୍କର ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ।

+ ଶିକ୍ଷକ
ସିନାପାଲି,ନୂଆପଡ଼ା

## କବିତା କୋଣାର୍କ

### ଆସଗୋ ବର୍ଷା

ଦେବରାଜ ବିଶୋଇ

ବର୍ଷାରାଣୀ ବର୍ଷାରାଣୀ
ଆସଗୋ ଧୀରେ ଧୀରେ
ଗ୍ରୀଷମ କାଳ ହେଲା ଅନଳ
ଯାଉ ସେ ଏବେ ଦୂରେ ॥

ତୁମରି ପଥ ଚାହିଁ ସତତ ମନେ
ସରାଗ ବହି ଆକାଶଚିରି
ଆସଗୋ ବାରି
ରିମ୍ ଝିମ୍ ସୁର ଗାଇ ॥

ପଡ଼ିଗୋ ଝରି ଆଗୋ ସୁନ୍ଦରୀ
ରୁକ୍ଷ ବନାନୀ ଭୂଇଁ
ରସରେ ସିକ୍ତ ହେଉ ଅମୃତ
ତୁମ ପରଶ ପାଇ ॥

ସବୁଜ କ୍ଷେତ ହେଉ ଉଷତ
ଏଇ ଟାଙ୍ଗରା ଭୂଇଁ
ଫଳପୁଷ୍ପରେ ଧରଣୀ ବାରେ
ହସୁ ମହକ ନେଇ ॥

ସାଧବ ବୋହୂ ରଂଗର ମହୁ
ପ୍ରୀତି ସଂଗୀତ ଗାଇ
ଘାସ କାକରେ ବୁଲିବ ଧୀରେ
ସୌନ୍ଦର୍ଯ୍ୟ ତାର ନେଇ ॥

ବାଦ୍ୟ ବଜାଇ ଆଲୋକ ନେଇ
ଆସଗୋ ବର୍ଷା ରାଣୀ
ନାଚିବ କେକୀ ଚକ୍ରବାକୀ
ଭେକ ହସିବ ପୁଣି ॥

ଶିଶୁର ମନ ହୋଇବ ଆନ
ଗଢ଼ି କାଗଜ ଡଙ୍ଗା
ପାଣି ସୁଅରେ ଭସାଇ ଧୀରେ
ଆନନ୍ଦେ ହେବ ରଂଗା ॥

ନୀଳ ଆକାଶେ ସପତ ରଂଗେ
ହସିବ ଇନ୍ଦ୍ରଧନୁ
ସରିବ ଦୁଃଖ ଆସିବ ସୁଖ
ଆନନ୍ଦ ହେବ ତନୁ ।

ପ୍ରେମୀ ଯୁଗଳ ହେବେ ବିଭୋର
ତୁମରି ସ୍ୱର୍ଶ ପାଇ
ବର୍ଷାରେ ଭିଜି ଆନନ୍ଦେ ମଜ୍ଜି
ପ୍ରୀତି ସଂଗୀତ ଗାଇ ॥

ଚପଳ ଛନ୍ଦା ପ୍ରୀତିର ବୁନ୍ଦା
ଆସଗୋ ବର୍ଷାରାଣୀ
ଦିଅଗୋ ଭାଷା ଟୁପୁରା ବର୍ଷା
ମନ କେଦାରେ ବୁଣି ॥

ଲିଭିବ ନିଆଁ
ଶୀତଳହିଆ ସିଂଚି ଶିତଳ ବାରି
ମନମହନ ପ୍ରୀତିସ ପନ
ଦୁଃଖ ଗୋ ଯାଉ ସରି ॥

ପ୍ରିୟ ପ୍ରତୀକ୍ଷା ବସି ନାୟିକା
ଗବାକ୍ଷ ପାଶେ ଚାହିଁ
ତୁମେ ଆଶ୍ରୟ ଆସିବେ ପ୍ରିୟ
ପ୍ରୀତିର ଗାଥା ଗାଇ ॥

ଭାବେ ଭାବିକ ଦାର୍ଶନିକ
ମନର ତୁଳୀ ଧରି
ଆଙ୍କିବ ଗାଥା ମନର କଥା
ସୃଷ୍ଟିରେ ସୃଷ୍ଟିକାରୀ ॥

ସୃଷ୍ଟିତନୟା କରଗୋ ଦୟା
ଜଗତ ହିତ ପାଇଁ
ରୁକ୍ଷତା ନାଶି ମଧୁ ପରଶି
ହସାଅ ଏବେ ମହୀ ॥

+ ସୋଲପଟା, ଗୋଟିସାହି,
ନୟାଗଡ଼-୭୫୨୦୭୦
ମୋ: ୯୩୪୮୦୫୬୭୬୦

### ଅବୁଝା ପ୍ରିୟା...

କସ୍ତୁରୀ ଚରଣ ରାଉତ

ଯେତେ ବୁଝାଇଲେ ପ୍ରିୟାକୁ ମୋହର
ଅବୁଝା ଝିଅଟେ ପରି
ସକେଇ କାନ୍ଦୁଛି ଘର କୋଣଟାରେ
ମୋବାଇଲିଟାକୁ ଧରି ।
ନାକରୁ ଆଖିରୁ ପୋଛି ପୋଛି ପାଣି
କହେ ହୋଇ କାନ୍ଦ କାନ୍ଦ
କି ଲାଭ ପାଉଛ ମୋବାଇଲିଟାରୁ
ସବୁ କାମ କରି ବନ୍ଦ ।
ମୁଖ ପୁସ୍ତିକାରେ କାହା କାହା ସାଥେ
କଥାବାର୍ତ୍ତା ବସି ହୁଅ
ବୁଢ଼ା କି ସେ ବୁଢ଼ୀ କେମିତିକା ଲୋକ
ପୁଅ ଅବା ଝିଅ କୁହ ।
କାହାପାଇଁ ବସି କବିତା ଲେଖୁଛ
ରାତି ଅଧଯାଏ ବସି
ମୋତେ ଭୁଲିଯାଇ ନିର୍ଜୀବ ଫୋନକୁ
ଗେଲ କର ଦିବାନିଶି ।
ତୁମେ ମୋ କବିତା, ପ୍ରେୟସୀ ନାୟିକା
କହିଲି ମୁଁ ବାରମ୍ବାର
ଅବୁଝା ପ୍ରିୟା ମୋ କିଛି ବୁଝିଲାନି
ହେଲା ଖାଲି ଗରଗର ।

ଝଞ୍ଝଞ୍ଝ+ ମକୁନ୍ଦପୁର,ବାଙ୍କୀ,କଟକ
ମୋ.୮୯୧୭୩୯୭୩୪୮



## କାର୍ତ୍ତିକ ସାଇଁ

### ବିଜ୍ଞାନ ଟୁଙ୍ଗି - ୪୩

# ଆନ୍ତର୍ଜାତିକ ମହାକାଶ ଷ୍ଟେସନ (୧)




କଳିଙ୍ଗ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଚମତ୍କୃତ ହେଉଥିଲେ ପ୍ରଫେସର ଚନ୍ଦ୍ରଶେଖରଙ୍କ ମଣିଷର ମହାକାଶ ଯାତ୍ରା କଥା ଶୁଣି । ପ୍ରଫେସରଙ୍କ ସ୍ରୋତା ବହୁତ ଅଧିକ ହୋଇଯାଇଥିଲେ । ଆଜିକାଲି ଲୋକମାନଙ୍କ ମନରେ ମହାକାଶକୁ ନେଇ ଅନେକ ଆଗ୍ରହ । ବିଜ୍ଞାନର ଉନ୍ନତି ଲାଗି ଆଜିକାଲି ମହାକାଶ ସଂପର୍କରେ ଅନେକ ଖବର ଆସୁଛି । ସେ ଚନ୍ଦ୍ରଗ୍ରହଣ ହେଉ କି ସୂର୍ଯ୍ୟପରାଗ । ଲୋକଙ୍କ ମନରୁ ଧୀରେ ଧୀରେ ଅନେକ ଅନ୍ଧବିଶ୍ୱାସ ଦୂର ହେଉଛି । ଏହା ନିଶ୍ଚିତ ଆଧୁନିକ ବିଜ୍ଞାନର ଅବଦାନ ।

-ମହାକାଶରେ ମହାକାଶ ଷ୍ଟେସନ ଗଢ଼ିବା, ତାକୁ କାର୍ଯ୍ୟକାରୀ କରିବା ଓ ତାକୁ ମହାକାଶରେ ଦୀର୍ଘଦିନ ଧରି ଚଳେଇ ରଖିବା ସହଜ କାମ ନୁହେଁ । ମାତ୍ର ଏ ଦିଗରେ ଋଷିଆ ଓ ଆମେରିକା ଯଥେଷ୍ଟ ସଫଳତା ଓ ଅଭିଜ୍ଞତା ହାସଲ କରିଥିଲେ । ସେଇ ସମୟରେ ବୈଜ୍ଞାନିକ ଓ ବୁଦ୍ଧିଜୀବୀଙ୍କ ମନକୁ ଗୋଟେ କଥା ଆସିଥିଲା- "ମହାକାଶ ମଣିଷ ପାଇଁ ।" ଏଇ କଥା ପୃଥିବୀର ଅନେକ ଦେଶର ଲୋକଙ୍କୁ ଯୋଡ଼ିବାରେ ସାହାଯ୍ୟ କରିଥିଲା । ପ୍ରଫେସର ଚନ୍ଦ୍ରଶେଖର ତାଙ୍କର ବକ୍ତବ୍ୟ ଜାରି ରଖିଥିଲେ ।

**ଆର୍ନ୍ତଜାତିକ ସ୍ପେସ୍-ଷ୍ଟେସନର ପରିକଳ୍ପନା:** ମହାକାଶରେ ମଣିଷର ଜୟଯାତ୍ରା ଜାରି ରହିଥିଲା । କେବଳ ରକେଟ ଓ ଉପଗ୍ରହ ବିଜ୍ଞାନ ନୁହେଁ.. ଅନ୍ୟ କ୍ଷେତ୍ରରେ ମଧ୍ୟ ବିଜ୍ଞାନ ପ୍ରକୃତିର ରହସ୍ୟ ଉନ୍ମୋଚନ କରିବାରେ ଲାଗିଥିଲା । ସୌର ମଣ୍ଡଳର ବିଭିନ୍ନ ଭାଗକୁ ମହାକାଶ ଯାନ ପଠାଇବା କଥା ଚିନ୍ତା କରୁଥିଲେ ଆମେରିକା ଓ ଋଷିଆର ବୈଜ୍ଞାନିକମାନେ ।

ସୋଭିଏତ ଇଉନିୟନର ଭଂଗ ହେବା ପରେ ପୃଥିବୀରେ ଶୀତଳ ଯୁଦ୍ଧ ଗୋଟାଏ ପ୍ରକାର ସରି ଯାଇଥିଲା । ଋଷିଆର ଅର୍ଥନୀତି ଦୁର୍ବଳ ଥିଲା । ସେଇ ସମୟରେ ଋଷିଆ ଓ ଆମେରିକା ଭିତରେ ମହାକାଶ ବିଜ୍ଞାନ କ୍ଷେତ୍ରରେ ସହଯୋଗ କଥା ଉଠିଥିଲା । କେବଳ ସେତିକି ନୁହେଁ.. ପୃଥିବୀର ଅନ୍ୟ କିଛି ଦେଶ ମହାକାଶ କାର୍ଯ୍ୟକଳାପରେ ଅଂଶୀଦାର ହେବାକୁ ଆଗେଇ ଆସିଥିଲେ । ଜାପାନ, କାନଡ଼ା, ଇଉରୋପର କିଛି ଦେଶ ଆମେରିକା ଓ ଋଷିଆ ସହିତ ମିଶି କାମ କରିବାକୁ ଆଗ୍ରହୀ ଥିଲେ । ସମସ୍ତେ ଜାଣିଥିଲେ- "ମହାକାଶ ମଣିଷ ଲାଗି-କୌଣସି ଦେଶ ଲାଗି ନୁହେଁ ।

ସୋଭିଏତ୍ ଋଷିଆର ମହାକାଶ ଷ୍ଟେସନ୍‌କୁ ପୃଥିବୀର ଅନ୍ୟ ଦେଶର ମହାକାଶ ଯାତ୍ରୀମାନେ ଯାଇ ବହୁତ ଅଭିଜ୍ଞତା ହାସଲ କରିଥିଲେ । 'ମିର୍' ଷ୍ଟେସନକୁ ଆମେରିକାର ମହାକାଶ ଯାତ୍ରୀ ଯାଇ ମହାକାଶ ଷ୍ଟେସନର ପରିଚାଳନା ସଂପର୍କରେ ଯଥେଷ୍ଟ ଜ୍ଞାନ ହାସଲ କରିଥିଲେ ।

"ମହାକାଶ ମଣିଷ ପାଇଁ" ଏଇ କଥା ଧୀରେ ଧୀରେ ବିଶ୍ୱର ଅନେକ ଦେଶର ବୈଜ୍ଞାନିକଙ୍କୁ ପ୍ରଭାବିତ କରିଥିଲା । କେବଳ ସେତିକି ନୁହେଁ... ମହାକାଶକୁ ମହାକାଶଯାନ ପଠାଇବା, ମହାକାଶ ଷ୍ଟେସନ ନିର୍ମାଣ କରିବା ଓ ସେମାନଙ୍କୁ ପରିଚାଳନା କରିବା ଲାଗି ଯଥେଷ୍ଟ ଅର୍ଥ, ମାନବୀୟ ସମ୍ବଳ, ପରୀକ୍ଷଣ ଓ ପ୍ରୟୋଗର ଆବଶ୍ୟକ ପଡ଼େ । ଏ ସବୁ ଲାଗି ଗୋଟିଏ ଦେଶର ଅର୍ଥନୀତିରେ ଏତେ ସ୍ୱାଧୀନତା ନଥାଏ ।

ସେଇ ସମୟରେ ଆନ୍ତର୍ଜାତିକ ମହାକାଶ ଷ୍ଟେସନ ପରିକଳ୍ପନାର ଦୃଢ଼ତା ଆସିଥିଲା ।

ଆମେରିକାର ବିଭିନ୍ନ ରାଷ୍ଟ୍ରପତିଙ୍କ ସମୟରେ ବିଭିନ୍ନ ଯୋଜନା ତିଆରି ହୋଇଥିଲା ଓ ଧୀରେ ଧୀରେ ଆନ୍ତର୍ଜାତିକ ସ୍ପେସ ଷ୍ଟେସନ୍‌ର ରୂପରେଖ ପ୍ରସ୍ତୁତ ହୋଇ ଚାଲିଥିଲା । ରାଷ୍ଟ୍ରପତି ରିଗାନ୍, ରାଷ୍ଟ୍ରପତି ବୁସ୍ ଓ ରାଷ୍ଟ୍ରପତି କ୍ଲିଷ୍ଟନ୍‌ଙ୍କ ଅବଦାନ ଅତୁଳନୀୟ ।

ରାଷ୍ଟ୍ରପତି କ୍ଲିଷ୍ଟନଙ୍କ ସମୟରେ ଋଷିଆ ଓ ଆମେରିକା ମଧ୍ୟରେ ଏକ ବୁଝାମଣା ହେଲ ଜାପାନ, କାନାଡ଼ା ଓ ଇଉରୋପର ଅନେକ ଦେଶଙ୍କ ଆନ୍ତର୍ଜାତିକ ସ୍ପେସ୍‌ଷ୍ଟେସନ କାମରେ ସଂଯୋଗ କରାଗଲା । ଆମେରିକାର ମହାକାଶ ଷ୍ଟେସନ-ଫ୍ରିଡମ୍, ଋଷିଆର ମିର୍, ଜାପାନ ଓ ଇଉରୋପର ମଡ୍ୟୁଲମାନଙ୍କୁ ନେଇ ଏକ ନୂଆ ମହାକାଶ ଷ୍ଟେସନର ରୂପରେଖ ପ୍ରସ୍ତୁତ ହେଲା, ଯାହା ଶେଷକୁ ଆନ୍ତର୍ଜାତିକ ମହାକାଶ ଷ୍ଟେସନ କଳ୍ପନାକୁ ବାସ୍ତବ କଲା ।

ଆନ୍ତର୍ଜାତିକ ମହାକାଶ ଷ୍ଟେସନ ପୃଥିବୀ ଦେଶ ଓ ଲୋକଙ୍କ ସହଯୋଗର ଏକ ବଳିଷ୍ଠ ଉଦାହରଣ- ଏଥିରେ ସନ୍ଦେହ ନାହିଁ ।

(କ୍ରମଶଃ)

+ ମୋ: ୯୯୮୦୩୦୦୭୫

## କବିତା ତୁମ ପାଇଁ



### ମାଆ

**ଧ୍ରୁବ ଚରଣ ବେହେରା**



ମାଆ ନାମଟି ଲାଗେ ମଧୁର
ସେନେହ ଶାନ୍ତି ଝର
ସେ ଝରେ ମିଳେ ଅତି ଆନନ୍ଦ
ତା' କୋଳ ସରଗପୁର ।।

ମୋ ପାଇଁ ସିଏ ସହିଛି କେତେ
ଦୁଃଖ ଯାତନା କଷ୍ଟ
ଯମ ଯନ୍ତ୍ରଣା ଆଦରି ନେଇ
ମୋ ଲାଗି ଭଜେ ଇଷ୍ଟ ।।

ଅତି ଯତନେ ପାଳିଛି ମୋତେ
ଖୁଆଇ ଦୁଧ ଭାତ
ଜୀବନେ ସହି ଅନେକ ବାଧା
ମାରେନି ଟେକି ହାତ ।।

ବାହୁରେ ତା'ର ଝୁଲାଇ ମୋତେ
ଖେଳାଇ ଥିଲା ଦୋଳି
ତା' ପଦେ ମୋର କୋଟି ପ୍ରଣାମ
ଘେନ 'ମାଆ' ମୋ ଅଳି ।।

ସଞ୍ଜ ନଇଁଲେ ଆକାଶ କୋଳେ
ଜହ୍ନ ମାମୁଁକୁ ଡାକି
କହଇ ତାକୁ ହସି ହସି କା
ଆ' ରେ ଟିକେ ଖସି ।।

ମୋ କୁନା ହାତେ ପଡ ତୁ ଖସି
ଡାକେ ମୋ ସୁନା ଧନ
ତୋ ଲାଗି କୁନା ମୋ କୋଳେ ଦେଖ
ହୁଏ ଅତି ଉଛନ ।।

ଆଣିବୁ ତୁହି କୁନାର ଲାଗି
ପରୀ ରାଇଜ ଛତି
ବସି ସେଥିରେ ଝୁଲିବ ସିଏ
ତାରା ପୁଞ୍ଜଙ୍କୁ ଦେଖି ।।

ମାଆ ଠାରୁ ତ ଜଗତେ କିଏ
ଅଛି କେ ବଡ ଆଉ ?
କରୁଣା ବାରି ଆଶିଷ ତାର
ମଥାରେ ମୋର ଥାଉ ।।

+ ଭାରତୀୟ ସାମରିକ ସେବା
ଝାଡଖଣ୍ଡ
ମୋ-୮୩୨୮୯୩୦୫୫୪

### ରଜ ପାଳିବାନି ଏଥର

**ଶିଶିର କୁମାର ପଣ୍ଡା**



ରଜ ହେବନାହିଁ ପାଳନ ଏଥର
କରୋନା ମାତିଛି ଦେଶରେ
ଟିକେ ସାବଧାନ ନହେଲେ ମରିବା
ଘାଣ୍ଟି ହୋଇ ଆମେ ଶେଷରେ ।

ଚାରିଆଡ଼େ ସିଏ କାୟା ମେଲେଇଛି
କେତେ କେତେ ମୁଣ୍ଡ ନେଲାଣି
ପଛକୁ ତାହାର ଫଙ୍ଗସ ବେମାରୀ
ପାଦ ଭିଡ଼ି ଉଭା ହେଲାଣି ।

ଡାକତର ମାନେ ଲାଗିପଡ଼ିଛନ୍ତି
ଜୀବନକୁ ପାଣି ଛଡ଼େଇ
ଆମପାଇଁ ତାଙ୍କ ବିନା ବନ୍ଧୁକରେ
ରାତିଦିନ ଚାଲେ ଲଢ଼େଇ ।

ଆମେମାନେ ଟିକେ ସତରକ ହୋଇ
ନିୟମକୁ ମାନି ରହିବା
ତୁଣ୍ଡି ଭଲକରି ଯିଏ ନ ପିନ୍ଧୁଛି
ପରିଣାମ କଥା କହିବା ।

ବଞ୍ଚିଥିଲେ ଭାଇ ଆର ବରଷକୁ
ଭଲକରି ରଜ ପାଳିବା
ଏ ବରଷ ଶୁଭ ମନାସିକି ଆସ
ଦୀପ ଗୋଟେ ଗୋଟେ ଜାଳିବା ।

+ କୁଆଁସ , ମେରଦା କାଟିଆ , ଯାଜପୁର
(ମୋ) ୮୯୮୧୭୩୭୨୨୮

### ଆମ ପରିବେଶ

**ବିଜୟଲକ୍ଷ୍ମୀ ପାଣିଗ୍ରାହି**



ଚାରିପାଖେ ଆମ ଘେରି ରହି ଅଛି
ଜଳ ସ୍ଥଳ ଓ ଆକାଶ ।
ବାୟୁ ଗଛ ଲତା ଘର ଦ୍ୱାର ସାଥେ
ଶୋଭେ ଆମ ପରିବେଶ ।

ଉତ୍ତମ ଶିକ୍ଷାର ସମୃଦ୍ଧ ଆଳୟ
ଅହରହ ଶିକ୍ଷା ଦିଏ ।
ତା କୋଳରେ ବଢ଼ି ଜିଇଁବା ଶିଖିଲୁ
ଜନନୀ ଆମର ସିଏ ।

ଜୀବନ ଜୀବିକା ସାଧନା ପଥରେ
ଶ୍ରେଷ୍ଠ ସିଏ ଉପହାର ।
ବସ୍ତୁବାଦୀ ସୁଖ ପାଇଁକି ତାହାରେ
କରିବାନି ଅତ୍ୟାଚାର ।

ସ୍ୱଚ୍ଛତା ତାହାର ପ୍ରାଣର ପ୍ରତୀକ
ସବୁଜିମା ଆତ୍ମ ତାର ।
ପରିଷ୍କାର ରଖ ପରିବେଶଟିକୁ
ବୃକ୍ଷର ରୋପଣ କର ।

କୃତଘ୍ନ ସନ୍ତାନ ନ ହୋଇବା ଆମେ
ଭୁଲିବାନି ଉପକାର ।
ତାହାରି ଚରଣେ ସେବା କରୁଥିଲେ
ଲଭିବା ସୁଖ ସ୍ୱର୍ଗର ।

+ ଶିକ୍ଷୟିତ୍ରୀ, କୁନ୍ଦୁରା,ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦

### ସୁନାପିଲା

**ଆଦ୍ୟାଶା ମହାପାତ୍ର**

ଆମ ନିହାର ଭାରି ସୁଧାର
ମୁହଁ ତା' ହସ ହସ
ସବୁ କାମକୁ ସେ ଆଗଭର
ବୁଦ୍ଧିରେ ବି ସରସ ।।

ଖୁସି ମନରେ ସବୁ ସେ ଖାଏ
ମାଆ ଦିଅନ୍ତି ଯାହା
ଗୁରୁଜନଙ୍କ କଥା ସେ ଶୁଣେ
ହୁଏନି ଅମାନିଆ ।।

ପଢା ବେଳରେ ପଢଇ ପାଠ
ଖେଳ ବେଳରେ ଖେଳ
ସାଙ୍ଗଙ୍କ ସାଥେ ଖୁସିରେ ମିଶେ
କରେନା ପାଟିଗୋଳ ।।

ବଗିଚାର ସେ ଯତନ କରେ
ସଫା ତା ଜାମାପଟା
ତା କଥା ପୁଣି ଭାରି ସୁନ୍ଦର
ଲାଗଇ ପରା ମିଠା ।।

ରାସ୍ତା କଡରେ ଖାଲି ଜାଗାରେ
ଲଗାଏ କେତେ ଗଛ
ସାଥୀଙ୍କ ସହ ପରିବେଶକୁ
ରଖଇ ସଦା ସ୍ୱଚ୍ଛ ।।

ବନ୍ଧୁ ବାନ୍ଧବ ସାଇପଡିଶା
କରନ୍ତି ତାକୁ ଗେହ୍ଲା
ଗୁରୁ କହନ୍ତି ବାହାବା ଦେଇ
ନିହାର ସୁନାପିଲା ।।

+ ଶୈଳବାଳା ମହାବିଦ୍ୟାଳୟ,କଟକ

## ପିଲାଙ୍କ ଉପନ୍ୟାସ : ଭାଗ-୬

# ପାଗଳାବାବାଙ୍କ ଟାଇମ୍ ମେସିନ୍

**ପୀତାମ୍ବରୀ ଦାଶ**



ଜଳ ପ୍ରଦୂଷଣ ସମସ୍ୟା ଆଉ ସାଧାରଣ ସମସ୍ୟା ହୋଇନାହିଁ । ଏହା ଏକ ଆନ୍ତର୍ଜାତିକ ସମସ୍ୟାରେ ପରିଣତ ହେଲାଣି । ଦୂଷିତ ଜଳ ଯୋଗୁଁ ଭାରତରେ ପ୍ରାୟ ଚାରିଲକ୍ଷ ଲୋକଙ୍କର ପ୍ରାଣହାନୀ ଘଟୁଚି । ଦେଶର ଅର୍ଥନୀତିରେ ସତଚାଳିସି ହଜାର କୋଟି ଟଙ୍କାର କ୍ଷତି ହେଉଛି । ଆଉ ଜାଣିଛୁ ଦୂଷିତ ଜଳ ଯୋଗୁଁ ବର୍ଷକୁ ହାରାହାରି ୧୫ ଲକ୍ଷ ଶିଶୁଙ୍କ ଜୀବନ ଯାଉଛି ଏବଂ ୨୦ କୋଟି ଶ୍ରମ ଦିବସ କ୍ଷତିଗ୍ରସ୍ତ ହେଉଛି । ଏହା ହେଉଛି ଖୁବ୍ ନିକଟରେ ସର୍ବେ କରାଯାଇଥିବା ରିପୋର୍ଟ । ମଣିଷ ସମାଜର ବିଳାସମୟ ଜୀବନଚର୍ଯ୍ୟା,ଅନିୟନ୍ତ୍ରିତ ଶିଳ୍ପାୟନ,ସହରୀକରଣ,ଯାନବାହାନ ବ୍ୟବହାର ପ୍ରଭାବ, କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ ବହୁଳ ରାସାୟନିକ ସାର ଔଷଧର ପ୍ରୟୋଗ ଯୋଗୁଁ ଏହି ସମସ୍ୟା ଦିନ କୁ ଦିନ ବୃଦ୍ଧି ପାଉଛି । ନିତୀ ଆୟୋଗର ରିପୋର୍ଟ କହେ କ୍ରମବର୍ଦ୍ଧିଷ୍ଣୁ ପରିବେଶ ପ୍ରଦୂଷଣରେ ନିୟନ୍ତ୍ରଣ ଲାଗି ଆବଶ୍ୟକ ହେଉଥିବା ପର୍ଯ୍ୟାପ୍ତ ପରିମାଣର ବନୀକରଣ ଯୋଜନା କରାଗଲା ନାହିଁ । ଯାହା ପାଇଁ ଜଳବାୟୁ ରେ ପରିବର୍ତ୍ତନ ଘଟିଲା । ମୌସୁମୀରେ ଅସ୍ୱାଭିକତା, ଅନାବୃଷ୍ଟି, ମରୁଡିଭଳି ଗମ୍ଭୀର ପରିସ୍ଥିତି ଦେଖାଦେଇଛି ।

ମାମୁଁ ଲକ୍ଷ୍ୟ କରୁଥିଲେ ମନିଷୀ ତାଙ୍କର ପ୍ରତ୍ୟେକଟି କଥାକୁ ଧ୍ୟାନର ସହ ଶୁଣୁଛି ଆଉ ନିଜର ପ୍ରତିକ୍ରିୟା ମଧ୍ୟ ପ୍ରକାଶ କରୁଛି । ଟ୍ୟାବ୍ କଥା ପୁରା ଭୁଲିଯାଇଛି । ସେ କିଛି କ୍ଷଣ ନୀରବ ରହିଲେ । ଜାଣିବାକୁ ଚାହିଁଲେ ପ୍ରକୃତରେ ମନିଷୀର ତାଙ୍କ କଥା ଶୁଣିବାରେ ଇଚ୍ଛା ଅଛି କି ନା । ମନିଷୀ ମାମୁଁଙ୍କ ନୀରବତା ଦେଖି ନିଜେ କଥା ଆରମ୍ଭ କଲା –ଏବେ ନିୟୁଜରେ ଦେଉଥିଲା ...ପାକିସ୍ଥାନରେ ଜଳ ସଂକଟ ଅଧିକ ବଢିବ ଭାରତ ସରକାର ତାଙ୍କ ଭାଗ ସବୁ ସିନ୍ଧୁ ଜଳ ଆଉ ଛାଡିବେ ନାହିଁ । ଆମ ରାଜ୍ୟ ଓ ଛତିଶ ଗଡ ରଜ୍ୟ ମଧ୍ୟରେ ମହାନଦୀର ପାଣିକୁ ନେଇ ଗଣ୍ଡଗୋଳ ଲାଗିଛି ନା ?

ମନିଷୀର ଜିଜ୍ଞାସୁ ମନୋଭାବ ଦେଖି ସଂଗ୍ରାମ ବାବୁ ଖୁସିରେ କହିଲେ –ହଁ ତୁ ଠିକ୍ କହିଛୁ ।ଏଇ ଜଳ ସଂକଟକୁ ନେଇ ଦୂଷିତ ଜଳ ଯୋଗୁଁ ଭାରତରେ ପ୍ରାୟ ୪ ଲକ୍ଷ ଲୋକଙ୍କର ପ୍ରାଣ ହାନୀ ଘଟୁଛି । ଦୂଷିତ ଜଳପାଇଁ ଦେଶର ଅର୍ଥନୀତିରେ ୪୭,୦୦୦.୦୦ କୋଟି ଟଙ୍କାର କ୍ଷତି ହେଉଛି । ଆଉ ଜାଣିଛ ଦୂଷିତ ଜଳଯୋଗୁଁ ବର୍ଷକୁ ହାରାହାରି ୧୫ ଲକ୍ଷ ଶିଶୁଙ୍କ ଜୀବନ ଯାଉଛି ଏବଂ ୨୦ କୋଟି ଶ୍ରମ ଦିବସ କ୍ଷତିଗ୍ରସ୍ତ ହେଉଛି ଏହା ହେଉଛି ଖୁବ୍ ନିକଟରେ ସର୍ଭେ ହୋଇଥିବା ରିପୋର୍ଟ ।

ଆମେରିକାର ପ୍ରସିଦ୍ଧ ଲେଖକ ମାର୍କ ଟ୍ୟୁଇନ୍ ଲେଖିଛନ୍ତି whisky is for drinking ,water is for fighting about ଅର୍ଥାତ – 'ହୁଇସ୍କି ପିଇବାକୁ ମିଳିବ କିନ୍ତୁ ପାଣି ପାଇଁ ଯୁଦ୍ଧ ହେବ' । ତାହା ଏବେ ସତ୍ୟ ହେବାକୁ ଯାଉଛି । ଜଳ ସଙ୍କଟ ଧୀରେଧୀରେ ଗମ୍ଭୀର ହେଲାଣି । ରାଜ୍ୟ ରାଜ୍ୟ ମଧ୍ୟରେ ଓ ଦେଶ ଦେଶ ମଧ୍ୟରେ ନଦୀ ଓ ହ୍ରଦ ଜଳର ମାଲିକାନା ପାଇଁ ଉଗ୍ର ବିବାଦ ସୃଷ୍ଟି ହେଲାଣି । ଭବିଷ୍ୟତରେ ଏହା ଆହୁରି ଭୟଙ୍କର ରୂପ ଧାରଣ କରିବ । କାବେରୀ ନଦୀର ଜଳ ବଂଟନ ନେଇ କର୍ଣ୍ଣାଟକ ଏବଂ ତାମିଲନାଡୁ ମଧ୍ୟରେ ଉପୁଜୁଥିବା ବିବାଦ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ସମାଧାନର ମାର୍ଗ ଦେଖାଇଛି । ଛତିଶଗଡ – ଓଡିଶା ମଧ୍ୟରେ ମହାନଦୀ ଜଳବିବାଦର ସମାଧାନ ଏ ପର୍ଯ୍ୟନ୍ତ ସୁଦ୍ଧା ହୋଇପାରିନି ।

ସେହିପରି ଗଙ୍ଗାନଦୀର ଜଳ ଆବଂଟନକୁ ନେଇ ଭାରତ,ବଙ୍ଗଳା ଦେଶ ଓ ନେପାଳ ମଧ୍ୟରେ, ନୀଳନଦୀର ଜଳ ପାଇଁ ବୁରୁଣ୍ଡି, କଙ୍ଗୋ, ଇଜିପ୍ଟ, ଇଥିଓପିଆ, କେନିଆ, ରାଓାଣ୍ଡା, ସୁଦାନ, ତାଞ୍ଜାନିଆ ଓ ଉଗାଣ୍ଡା ମଧ୍ୟରେ ଟାଇଗ୍ରିସ୍ – ଇଉଫ୍ରେଟିସର ଜଳ ପାଇଁ ଇରାକ୍, ସିରିଆ ଓ ତୁର୍କୀ ମଧ୍ୟରେ, ଜୋର୍ଡାନ ନଦୀର ଜଳ ପାଇଁ ଗାଜା, ଇସ୍ରାଏଲ୍, ଜୋର୍ଡାନ୍, ଲେବାନନ୍, ସିରିଆ ଓ ଓେଷ୍ଟବ୍ୟାଙ୍କ୍ ମଧ୍ୟରେ ଭୟଙ୍କର ବିବାଦ ଲାଗି ରହିଛି । ଆମ ଭାରତରେ ବ୍ରହ୍ମପୁତ୍ର ନଦୀ ଜଳ ସମସ୍ୟା ଯଦିଓ ଦେଖା ଦେଇନି ଏହା ଯେ ଭବିଷ୍ୟତରେ ନିଶ୍ଚିତ ଦେଖାଦେବ ଏବେଠାରୁ ଜଳଜଳ ଦିଶୁଛି । ବ୍ରହ୍ମପୁତ୍ର ନଦୀ ହିମାଳୟରୁ ବାହାରି ତିବ୍ବତ୍ ଦେଇ ଆସିଛି । ଏହା ଆମ ଦେଶର ଅରୁଣାଚଳ ପ୍ରଦେଶ ଓ ଆସାମରେ ପ୍ରବାହିତ । ଆଉ ତୁ ତ ଜାଣୁ ତିବ୍ବତ୍ ଏକ ସ୍ୱୟଂ ଶାସିତ ଅଂଚଳ ମାତ୍ର ଚୀନ୍ ବଳ ପୂର୍ବକ ତାକୁ ମାଡିବସିଛି । ଚୀନ୍ ବର୍ତ୍ତମାନ୍ ଚାହୁଁଛି ବ୍ରହ୍ମପୁତ୍ର ନଦୀର ଗତିପଥ ପରିବର୍ତ୍ତନ କରିଦେବ । ଯାହା ଫଳରେ ଏହା ଆମ ଦେଶ ଭାରତ ଆଉ ବଙ୍ଗଳା ଦେଶରେ ପ୍ରବାହିତ ହେବ ନାହିଁ । ନିକଟରେ ଏଲଓସିରେ ଘଟିଥିବା ଗଲଓାନ୍ ଘାଟି ଗଣ୍ଡଗୋଳ ରୁ ଚୀନ୍‌ର ଏହି ଗୁମର ପଦାକୁ ଆସିଛି । ଜଳ ପାଇଁ ଏଇ ଯେଉଁସବୁ ଆନ୍ତର୍ଜାତୀୟ ବିବାଦ ଦେଖାଦେଉଛି ପୃଥିବୀର ବିଂଗ୍ୟ ବ୍ୟକ୍ତିମାନେ ଏବେଠୁ ଘୋଷଣା କଲେଣି ଭବିଷ୍ୟତରେ ଯଦି ତୃତୀୟ ବିଶ୍ୱଯୁଦ୍ଧ ହେବ ତାହା କେବଳ ଜଳ ପାଇଁ ହେବ । ମନୀଷ ଏଥର ମାମୁଙ୍କୁ ପ୍ରଶ୍ନ କଲା – କାହିଁକି ? ଅଧିକାଂଶ ଦେଶରେ ତ ନଦୀ ଅଛି । ନଦୀ ପାଣିକୁ ତ ଆମେ ବିଶୋଧନ କରି ପାନୀୟ ଜଳରେ ପରିବର୍ତ୍ତିତ କରିପାରିବା

(କ୍ରମଶଃ)

+ପୁରୋହିତପୁର,ଜଗତସିଂହପୁର
ମୋ:୯୭୭୮୫୨୦୩୭୦



**ନଗେନ୍ଦ୍ର ନାଥ ପଟ୍ଟନାୟକ**

# ମାନ ବୁଝିଗଲା



ଲିପି ସଦାବେଳେ ରିଆକୁ ଅନୁକରଣ କରିବାକୁ ଚେଷ୍ଟା କରୁଥାଏ । ଲିପି ପାଠପଢାରେ ରିଆଠାରୁ କାଇଁ କେତେ ଆଗରେ । ହେଲେ ଅନୁକରଣ କରିବା ଚକ୍କରରେ ପଡି ସେ ବେଳେବେଳେ ନିଜେ ବୋକା ବନିଯାଏ । ସେଇଥିପାଇଁ ପରୀକ୍ଷା ଖାତାରେ ତାର ମାର୍କ କଟିଯାଏ । ଏହାଛଡା ରିଆ ସଙ୍ଗ ଲାଭକରି ଲିପିର ମନ ହଟି ଯାଇଥାଏ ପାଠପଢାରୁ । ରିଆ ଥିଲାବାଲା ଘରର ଝିଅ । ବାପା ମାଆ ଦୁହେଁ ଖୁବ୍ ଧନୀ । କିନ୍ତୁ ଲିପି ଜଣେ ସଂପର୍କୀୟଙ୍କ ଘରେ ରହି ପାଠ ପଢେ । ଏଣୁ ଲିପି ଓ ତା ବାପାମାଆ ମଧ୍ୟରେ ଦୂରତ୍ୱ ବଢିବଢି ଯାଉଥାଏ । ତେଣେ ବିଦ୍ୟାଳୟର ପ୍ରଧାନଗୁରୁଜୀ ଲିପିର ଗତିବିଧିକୁ ଲକ୍ଷ୍ୟକରି ବହୁ ଆଗରୁ ତାର ଭିତିରିଆ କଥାକୁ ବେଶ୍ ଭଲ ଭାବରେ ଠଉରେଇ ନେଇଥାନ୍ତି ।

ଦିନେ ପ୍ରଧାନ ଗୁରୁଜୀ ଶ୍ରେଣୀକକ୍ଷରେ କହିଲେ-ପିଲାଏ, ଆଜି ମୁଁ ତୁମ ସମସ୍ତଙ୍କୁ କାହାଣୀଟିଏ ଶୁଣାଉଚି । ଆଫ୍ରିକାରେ ଜଣେ ଧନାଢ୍ୟ ଲୋକ ରହୁଥାନ୍ତି । ହଜାର ଏକର ଜମିର ମାଲିକ । ଦିନେ ଜଣେ ଆଗନ୍ତୁକ ତାଙ୍କ ଘରେ ପହଁଚି କହିଲେ-ଆଜ୍ଞା ! ମୁଁ ହୀରା ଖୋଜୁଛି । ଯଦି ହୀରା ମୋ ଭାଗ୍ୟକୁ ମିଳିଯାଏ ତେବେ ମୁଁ ତାକୁ ଲକ୍ଷ ଲକ୍ଷ ଟଙ୍କାରେ ବିକି ରାତାରାତି ଧନୀ ହୋଇଯିବି । ଚାଷୀ ଜଣକ ତାଙ୍କ କଥା ଶୁଣି ଭାବିଲା-ମୁଁ ଯଦି ହୀରା ଖୋଜି ପାଇଯିବି ତେବେ ମୁଁ ମଧ୍ୟ ଖୁବ୍ ଧନୀ ପାଲଟିଯିବି । ଏଇଆ ଭାବି ସେ ତାର ସବୁତକ ଜମିବାଡି ବିକିଦେଲା । ଆଉ ନିଜେ ସାରା ବିଶ୍ୱ ଭ୍ରମଣ କଲା ହୀରା ସନ୍ଧାନରେ । ଏମିତି ବହୁ ବର୍ଷ ବିତିଗଲା ପରେ ବି ତା'କପାଳକୁ ହୀରା ଜୁଟିଲା ନାହିଁ । ଶେଷରେ ତାର ଟଙ୍କା ପଇସା ସବୁ ପାଣି ଭଳି ଖର୍ଚ୍ଚ ହୋଇଗଲା । ନିରାଶ ଓ ଦୁଃଖରେ ଭାଙ୍ଗିପଡି ସେ ନଦୀକୁ କୁଦିପଡି ଆତ୍ମହତ୍ୟା କଲା । ଏଣେ ଏ ଭିତରେ କଅଣ ହୋଇଛି ନା ଯୋଗକୁ ତାର ସେଇ ଜମିର ମାଲିକ ସାଜିଥିବା ନୂଆ ଚାଷୀଭାଇ ଜଣକ ଚିକ୍‌ମିକ୍ କରୁଥିବା ଏକ ଅଦ୍ଭୁତ ପଥର ଖଣ୍ଡେ ପାଇଲା ସେଠୁ । ଝଲସୁଥିବା ପଥର ଖଣ୍ଡିକ ନେଇ ନୂଆ ଚାଷୀ ଜଣକ ହୀରା ବେପାରୀ ପାଖକୁ ଗଲା । ହୀରା ବେପାରୀ କହିଲା–ବିଶ୍ୱରେ ଯେତେସବୁ ହୀରା ମୁଁ ଦେଖିଚି ଏଟା ହେଉଚି ସବୁଠାରୁ ବଡ ହୀରା । ପରେ ଖୋଜୁ ଖୋଜୁ ଜଣାପଡିଲା, ତାର ଚାଷଜମି ତଳେ ବିଶ୍ୱର ସବୁଠୁ ବଡ ହୀରାର ସୁଡଙ୍ଗ ରହିଛି, ଯାହାର ନାଆଁ ହେଉଛି କିମ୍ବରେଲ ଖଣି ।

ଏତକ କହିସାରି ପ୍ରଧାନଗୁରୁଜୀ ବୁଝାଇଲେ –ଏଭଳି ସ୍ଥିତି ଆମ ସମସ୍ତଙ୍କ କ୍ଷେତ୍ରରେ ହିଁ ଦେଖିବାକୁ ମିଳିଥାଏ । ଅନ୍ୟମାନଙ୍କ ଫୁସୁଲାଫୁସୁଲି କଥାରେ ପଡି ଆମର ଜମିଟି କୋଉଟା ବୋଲି ଆମେ ସଂପୂର୍ଣ୍ଣ ଭୁଲିଯାଉ । ଏଇ ପଦୁଟିଏ କଥା କହି ପ୍ରଧାନଗୁରୁଜୀ ତୁନି ରହିଲେ । ଏଥର ଲିପି ତାଙ୍କ ମଂଜକଥାଟିର ଖିଅଟିକୁ ଧରି ପାରିଥିଲା ।

+ ଅତିରିକ୍ତ ଶାସନ ସଚିବ, ଓରେରା
ଭୁବନେଶ୍ୱର,(ମୋ)୯୪୩୮୩୩୨୧୩୮

# ଜୁନ ମାସ ପାଇଁ ହିତାଧିକାରୀମାନଙ୍କୁ ଶୁଖିଲା ରାସନ୍ ବଂଟନ

## ରାଜ୍ୟର ପ୍ରାୟ ୪୧ ଲକ୍ଷ ହିତାଧିକାରୀଙ୍କ ସମେତ ୨୧୧୮ ଜଣ ପ୍ରବାସୀ ମହିଳା ଓ ଶିଶୁ ଉପକୃତ

ଭୁବନେଶ୍ୱର,୪/୬ (ନି.ପ୍ର): କୋଭିଡ୍ ମହାମାରୀର ଦ୍ୱିତୀୟ ଲହର ପରିପ୍ରେକ୍ଷୀରେ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପରିଚାଳିତ ସମନ୍ୱିତ ଶିଶୁବିକାଶ ଯୋଜନା ଅଧୀନରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ବନ୍ଦ ରଖାଯାଇଛି। ଏହାସତ୍ତ୍ୱେ ଗର୍ଭବତୀ ଓ ପ୍ରସୂତୀ ମହିଳା ତଥା ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କ ପୁଷ୍ଟିସାଧନ ଯେଭଳି ବାଧାପ୍ରାପ୍ତ ନହୁଏ, ସେଥିପାଇଁ ହିତାଧିକାରୀମାନଙ୍କ ଘରେ ଟେକ୍ ହୋମ୍ ରାସନ ପହଂଚାଇ ଦିଆଯାଉଛି। ଚଳିତ ଜୁନ୍ ମାସ ପାଇଁ ରାଜ୍ୟର ସମସ୍ତ ପ୍ରକଳ୍ପରେ ଶୁଖିଲା ରାସନ ବଂଟନ କରାଯାଇଛି । ଅଙ୍ଗନବାଡ଼ି କର୍ମୀମାନେ କୋଭିଡ୍ ପ୍ରୋଟୋକଲ ପାଳନପୂର୍ବକ ହିତାଧିକାରୀମାନଙ୍କ ଘରେ ଏହି ରାସନ ବଂଟନ କରିଛନ୍ତି। ଅଙ୍ଗନବାଡ଼ିକୁ ଆସୁଥିବା ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ଅଙ୍ଗନବାଡ଼ିରେ ଦିଆଯାଉଥିବା ରନ୍ଧାଖାଦ୍ୟ ପରିବର୍ତ୍ତେ ଶୁଖିଲା ରାସନ ମଧ ଘରେ ଯୋଗାଇ ଦିଆଯାଇଛି। ଗୁରୁତର ପୁଷ୍ଟିହୀନ ଶିଶୁ(ସାମ୍) ଏବଂ ଅତିଶୟ ପୁଷ୍ଟିହୀନ ଶିଶୁ(ମାମ୍)ମାନଙ୍କ ପୁଷ୍ଟିସାଧନ ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏହି ଶୁଖିଲା ରାସନ୍‌ରେ ପୁଷ୍ଟିସାଧନର ସନ୍ତୁଳନ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଛତୁଆ, ପନିପରିବା, ଅଣ୍ଡା, ବାଦାମ ଲଡୁ ଓ ଚିକି ଆଦି ସମନ୍ୱିତ ପରିମାଣରେ ଦିଆଯାଉଛି। ହିତାଧିକାରୀମାନେ ଯେଭଳି ସେସବୁ ଜିନିଷ ନିଜ ଖାଦ୍ୟ ପାଇଁ ବ୍ୟବହାର କରିପାରିବେ ସେ ସଂପର୍କରେ ଅଙ୍ଗନବାଡ଼ି କର୍ମୀମାନେ ପରାମର୍ଶ ଦେଉଛନ୍ତି। ଏହି ଯୋଜନାରେ ରାଜ୍ୟର ୬, ୮୯, ୬୩୯ ଗର୍ଭବତୀ ଓ ପ୍ରସୂତୀ ମହିଳା, ୬ ମାସରୁ ୩ ବର୍ଷ ବୟସର ୧୭, ୧୬, ୫୦୭ ଶିଶୁ ଏବଂ ୩ ବର୍ଷରୁ ୬ ବର୍ଷ ବୟସର ୧୬, ୭୭,୨ ୨୬ ଜଣ ଶିଶୁଙ୍କ ସମେତ ୪୦, ୮୩, ୩୭୨ ଜଣ ହିତାଧିକାରୀ ଉପକୃତ ହେଉଛନ୍ତି। ଓଡ଼ିଶାକୁ ଫେରିଥିବା ପ୍ରବାସୀମାନଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀ ମାନଙ୍କୁ ଅଙ୍ଗନବାଡ଼ିରେ ପଂଜୀକରଣ ମାଧ୍ୟମରେ ଶୁଖିଲା ରାସନ ବଣ୍ଟନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯାହାଫଳରେ ୮୪୪ ଜଣ ଗର୍ଭବତୀ ଓ ପ୍ରସୂତୀ ମହିଳା, ୬ ମାସରୁ ୩ ବର୍ଷ ବୟସର ୫୧୯ ଏବଂ ୩ରୁ ୬ ବର୍ଷ ବୟସର ୭୫୫ ଶିଶୁଙ୍କ ସମେତ ୨୧୧୮ ପ୍ରବାସୀ ମହିଳା ଓ ଶିଶୁଙ୍କୁ ଏ ପର୍ଯ୍ୟନ୍ତ ଟେକ୍‌ହୋମ୍ ରାସନ୍ ବଂଟନ କରାଯାଇଛି। ପ୍ରକାଶ ଥାଉ କି, ପ୍ରତି ମାସର ୧ ତାରିଖରେ ହିତାଧିକାରୀମାନଙ୍କୁ ଶୁଖିଲା ରାସନ ବଂଟନ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଏହି ବ୍ୟବସ୍ଥା ଅନୁଯାୟୀ ମହାମାରୀର କଠିନ ପରିସ୍ଥିତି ଜାରି ରହିଥିଲେ ମଧ ଅଙ୍ଗନବାଡ଼ି କର୍ମୀମାନେ ହିତାଧିକାରୀମାନଙ୍କ ଘରେ ଏହି ରାସନ ବଣ୍ଟନ କରୁଛନ୍ତି, ଯାହାଦ୍ୱାରା "ପରିପୂରକ ପୁଷ୍ଟିସାଧନ କାର୍ଯ୍ୟକ୍ରମ ରାଜ୍ୟରେ ସଫଳତାର ସହ କାର୍ଯ୍ୟକାରୀ ହୋଇପାରିଛି ।

# ଯାସ ବାତ୍ୟା କ୍ଷତିଗ୍ରସ୍ତ ଜନସାଧାରଣଙ୍କୁ ବିଜେଡ଼ିର ଓଡ଼ିଶା ମୋ ପରିବାର ପକ୍ଷରୁ ସହାୟତା

ବାରିପଦା,୪/୬ (ନି.ପ୍ର): ଗତ ମେ ମାସରେ ଆସିଥିବା ଯାସ ବାତ୍ୟା ପିଡ଼ିତମାନଙ୍କ ନିକଟରେ ପହଞ୍ଚିଛି ବିଜେଡ଼ିର 'ଓଡ଼ିଶା ମୋ ପରିବାର'। ମୁଖ୍ୟମନ୍ତ୍ରୀ ନବୀନଙ୍କ ନିର୍ଦ୍ଦେଶ କ୍ରମେ ଏବଂ ବିଜେଡ଼ିର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜି ରିଲିଫ ସାମଗ୍ରୀ ଜିଲ୍ଲାରବିଭିନ୍ନ ବ୍ଲକ, ଏନଏସି ଓ ପୌରପରିଷଦକୁ ପଠାଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ବାରିପଦା ପୌରପରିଷଦର ୱାର୍ଡ଼ ନମ୍ବର ୯, ମଧୁବନ ଦୁର୍ଗା ମଣ୍ଡପ ସମ୍ମୁଖରୁ ବାହାରିଥିବା ରିଲିଫ ଗାଡ଼ିଗୁଡ଼ିକୁ ମୁଖ୍ୟମନ୍ତ୍ରୀ ନବୀନଙ୍କ ଦ୍ୱାରା ଯସ ବାତ୍ୟା କ୍ଷୟକ୍ଷତି ଆକଳନ ନିମନ୍ତେ ନିଯୁକ୍ତ ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କାଙ୍କ ସଂଯୋଜନାରେ ରାଜ୍ୟ ସଭା ସାଂସଦ ମମତା ମହାନ୍ତ, ମୋରଡ଼ା ବିଧାୟକ ରାଜ କିଶୋର ଦାସ, ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ଦେବାଶିଷ ମାର୍ଣ୍ଡି ମିଳିତ ଭାବେ ପତକା ଦେଖାଇ ଶୁଭାରମ୍ଭ କରାଇବା ପରେ ରିଲିଫ ଗାଡ଼ିଗୁଡ଼ିକ ନିଜ ନିଜର ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା । ଏଥି ସହିତ ଆଗାମୀ ଦିନରେ ପର୍ଯ୍ୟାୟ କ୍ରମେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବ୍ଲକଗୁଡ଼ିକରେ କ୍ଷତିଗ୍ରସ୍ତ ଜନସାଧାରଣଙ୍କ ମଧ୍ୟରେ ଓଡ଼ିଶା ମୋ ପରିବାର ପକ୍ଷରୁ ରିଲିଫ ସାମଗ୍ରୀ ବଣ୍ଟନ କରାଯିବ ବୋଲି ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ଶ୍ରୀଲେଙ୍କା ସୂଚନା ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ତଥା ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ସଂଯୋଜକ ଦେବାଶିଷ ମହାନ୍ତି, ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ଜିଲ୍ଲା ବିଜେଡ଼ି ସମ୍ପାଦକ ପ୍ରଭାତ ନାୟକ, ରାଜ୍ୟ ବିଜେଡ଼ି ସମ୍ପାଦକ କୃଷ୍ଣଚନ୍ଦ୍ର ଦାସ, ଯୁବ ବିଜେଡ଼ି ସଭାପତି ଅରୁଣ ବରାଡ଼, ମହିଳା ବିଜେଡ଼ି ସଭାପତି ବୀଣାପାଣି ସାହୁ, ମହିଳା ନେତ୍ରୀ ଭାରତୀ ହାଁସଦାଃ, ରାଜ୍ୟ ଛାତ୍ର ବିଜେଡ଼ି ସମ୍ପାଦକ ଅଭୟ ସିଂ, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସୁନୀଲ ନାୟକ, ପୂର୍ବତନ କାଉନସିଲର ପ୍ରଭାତ ମହାନ୍ତି, ନୀରୋଜ ସାହୁ, ଅନନ୍ତ ଦାସ, ରାଜ୍ୟ ଖଦୀ ବୋର୍ଡ଼ର ନିର୍ଦ୍ଦେଶକ ସରୋଜ ବୋଷ, ପୂର୍ଣ୍ଣାନନ୍ଦ ପରିଡ଼ା, ପ୍ରଭାତୀ ପୃଷ୍ଟି, ଆର୍ଶୀବାଦ ଦାସ, ଅଜିତ ଭକ୍ତା, ଏସକେ ରାଜା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଓଟିପିସିଏଲ୍‌ର ପ୍ରକଳ୍ପ ଦ୍ୱାରା ବିସ୍ଥାପିତମାନଙ୍କର ଦାବିଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଲେ ଏନ୍‌ଏଚ୍‌ଆର୍‌ସି

ଢେଙ୍କାନାଳ,୪/୬ (ନି.ପ୍ର): ଓଟିପିସିଏଲ୍‌ର କାମାକ୍ଷାନଗର ଠାରେ ହେବାକୁ ଥିବା ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେଉଥିବା ଓଟିପିସିଏଲ୍ ମରିଚାକଣ ନୂଆଗାଁବିଲ ବିସ୍ଥାପିତ ଟ୍ରେଡ୍ ୟୁନିଅନ୍‌ର ୧୧୨ ଜଣ ଗରିବ ବିସ୍ଥାପିତ ପରିବାର ସଦସ୍ୟଙ୍କ ଦାବିଗୁଡିକ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଡିଶାର ମୁଖ୍ୟ ଶାସନ ସଚିବଙ୍କୁ ଆଜି ପୁଣିଥରେ ମାନ୍ୟବର ଜାତୀୟ ମାନବିକ ଅଧିକାର କମିଶନ୍ (ଏନ୍‌ଏଚ୍‌ଆର୍‌ସି) ନିର୍ଦ୍ଦେଶ ଦେଇଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ, ଗତ ୩ ମାର୍ଚ୍ଚ ୨୦୨୧ ଦିନ ଏନ୍‌ଏଚ୍‌ଆର୍‌ସି ଏକ ମାମଲାର ଶୁଣାଣୀ କରି ଉପରୋକ୍ତ ବିସ୍ଥାପିତମାନଙ୍କର ଦାବିଗୁଡିକ ଉପରେ ବିସ୍ଥାପିତଙ୍କ ନେତା ଇଂ. ଦେବାଶିଷ ହୋତାଙ୍କ ସହିତ ବିଚାର ବିମର୍ଶ କରି ୮ ସପ୍ତାହ ମଧ୍ୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଏନ୍‌ଏଚ୍‌ଆର୍‌ସିଙ୍କର ଏହି ନିର୍ଦ୍ଦେଶକୁ ମୁଖ୍ୟ ଶାସନ ସଚିବ ପାଳନ କରି ନ ଥିବାରୁ ବାଧ ହୋଇ ଇଂ. ହୋତା ଏନ୍‌ଏଚ୍‌ଆର୍‌ସି - ନୂଆଦିଲ୍ଲୀଙ୍କ ପାଖରେ ୨ ମଇ ଦିନ ଆଉ ଏକ କେସ୍ ଦାୟାର କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଏହି ସରକାରୀ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେଉଥିବା ମରିଚାକଣ ଏବଂ ନୂଆଗାଁବିଲ ଗ୍ରାମର ୧୧୨ ଜଣ ଗରିବ ବିସ୍ଥାପିତ ସଦସ୍ୟଙ୍କୁ ମୂଳ ପରିବାରର ମାନ୍ୟତା ଦେଇ ବିସ୍ଥାପିତ ତାଲିକା ପ୍ରକାଶ କରାଯିବା ଏବଂ ସେମାନଙ୍କୁ ସ୍ଥାନାନ୍ତରଣ କରାଯିବା ପୂର୍ବରୁ ସମସ୍ତ ବିସ୍ଥାପିତ ବ୍ୟକ୍ତିଙ୍କ ସହିତ ସ୍ଥାୟୀ ଚାକିରି ଏଗ୍ରିମେଂଟ କରାଯିବା ତଥା ସ୍ଥାୟୀ ନିଯୁକ୍ତି ଦେବା ଯାଏଁ ଭରଣପୋଷଣ ପ୍ରଦାନ କରାଯିବା ଇତ୍ୟାଦି ଦାବିଗୁଡିକ ସମ୍ବନ୍ଧରେ ଇଂ. ହୋତା ୨୦ ଜାନୁୟାରୀ ୨୦୨୧ ଦିନ ୨ୟ ଆରପିଡିଏସି ମିଟିଙ୍ଗ୍ ପୂର୍ବରୁ ତତ୍କାଳୀନ ଆରଡିସି ଶ୍ରୀଯୁକ୍ତ ନିରଂଜନ ସାହୁଙ୍କ ସହିତ ଢେଙ୍କାନାଳ ଜିଲ୍ଲାପାଳ ଶ୍ରୀଯୁକ୍ତ ଭୁମେଶ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଆଲୋଚନା କରିଥିଲେ ମଧ ସେଗୁଡିକ ଆରପିଡିଏସି ମିଟିଙ୍ଗ୍‌ର ପ୍ରୋସିଡିଙ୍ଗ୍‌ରେ ସ୍ଥାନ ନ ପାଉବାରୁ ବାଧ ହୋଇ ଇଂ. ହୋତା ଏନ୍‌ଏଚ୍‌ଆର୍‌ସି - ନୂଆଦିଲ୍ଲୀଙ୍କ ପାଖରେ ୨୬ ଫେବୃୟାରୀ ୨୦୨୧ ଦିନ ପ୍ରଥମ କେସ୍ ଦାୟାର କରିଥିଲେ। ୨୯ ଜାନୁୟାରୀ ୨୦୦୭ ରେ ପଂଜିକୃତ ହୋଇଥିବା ଓଟିପିସିଏଲ୍ କଂପାନୀର ସୋସିଓ-ଇକୋନୋମିକ୍ ସର୍ଭେ ଆଜକୁ ଦୀର୍ଘ ୮ ବର୍ଷ ପୂର୍ବରୁ ଭୁବନେଶ୍ୱର ଜାଭିୟର ମ୍ୟାନେଜ୍‌ମେଂଟ ସଂସ୍ଥା ଦ୍ୱାରା ପ୍ରକାଶ କରାଯାଇଥିଲା । ସରକାର "ବେଟି ବଚାଓ-ବେଟି ପଢାଓ" କଥା କହୁଥିଲେ ମଧ ବିସ୍ଥାପିତ ତାଲିକାରେ ସାବାଳିକାମାନଙ୍କୁ ସ୍ଥାନ ଦିଆଯାଇ ନ ଥିଲା ।

## ବ୍ରହ୍ମପୁରରେ ଗତ ୨୪ ଘଂଟାରେ ୨୫୨ ବାହନରୁ ୧ଲକ୍ଷ ୨୬ହଜାର ଟଙ୍କା ଚାଲାଣ ଆଦାୟ

ବ୍ରହ୍ମପୁର,୪/୬ (ନି.ପ୍ର): ଗତ ୨୪ଘଂଟା ମଧ୍ୟରେ ବ୍ରହ୍ମପୁର ପୋଲିସ୍ ୨୫୨ଟି ବିଭିନ୍ନ ଯାନବାହନ ଚାଳକଙ୍କ ଠାରୁ ୧ଲକ୍ଷ ୨୬ହଜାର ଟଙ୍କା ଚାଲାଣ ଆଦାୟ କରିଛି। ବ୍ରହ୍ମପୁର ଏସ୍‌ପିଙ୍କ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି।

ଏହି ସମୟ ମଧ୍ୟରେ ନାଇଟ୍ କର୍ଫ୍ୟୁ ଉଲ୍ଲଂଘନ ୫ଟି କେଶରୁ ୨୪୦୦, ସାମାଜିକ ଦୂରତା ନରଖିବା ୧୯ଜଣ ବ୍ୟକ୍ତିଙ୍କ ଠାରୁ ୯୪୦୦, ୧୫ଟି ଦୋକାନ ସିଲ୍ କରାଯାଇ ୭୨୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ସୂଚନା ଦିଆଯାଇଛି। ଏହି ଅବଧି ମଧ୍ୟରେ ମାକ୍ସ ନପିନ୍ଧିବା ଅଭିଯୋଗରେ ୨୯,୪୦୦ଟଙ୍କା ଆଦାୟ କରାଯାଇଛି। ଏହାବ୍ୟତୀତ ୫ଟି ଅବକାରୀ ମାମଲାରେ ୫ଜଣଙ୍କୁ ଗିରଫ କରାଯାଇଛି।

## ଦୁଇ ଶ୍ରମିକ ଦଲାଲ ଗିରଫ

ମାଲକାନଗିରି,୪/୬ (ନି.ପ୍ର): ମାଲକାନଗିରି ଜିଲ୍ଲା କାଳିମେଳା ଥାନା ଅନ୍ତର୍ଗତ ଭେଜାଙ୍ଗିବାଡା ଗ୍ରାମରେ ଶ୍ରମିକ ଚାଲାଣ କୁ ନେଇ ଥାନାରେ ୧ ୫/୩ ତାରିଖ ରେ ଶ୍ରମିକ ଙ୍କ ପରିବାର ଲୋକ ଦଲାଲ ଙ୍କ ନାମରେ ଏତଲା ଦେଇଥିଲୋପୋଲିସ ଘଟଣାର ତଦନ୍ତ କରି ୨ ୩ /୫ ତାରିଖ ରେ ଦେବରାଜ ପାତ୍ର ନାମକ ଦଲାଲ କୁ ଗିରଫ କରି କୋର୍ଟ ଚାଲାଣ କରିଥିଲୋଏହି ଘଟଣାରେ ଅନ୍ୟ ୨ ଦଲାଲ ଫେରାର ହୋଇ ଯାଇଥିଲୋପୋଲିସ ଫେରାର ଥିବା ଭେଜାଙ୍ଗିବାଡା ଗ୍ରାମର ଶ୍ରମିକ ଦଲାଲ ଅଜିତ ମଣ୍ଡଳ ଓ ଆନ୍ଧ୍ର ପ୍ରଦେଶ ସିଲେରୁ ଗ୍ରାମର ଚିଂଟୁ କ୍ରିଷ୍ଣା ଦୋରା ଙ୍କୁ ଗିରଫ କରିଆଜି କୋର୍ଟ ଚାଲାଣ କରିଛନ୍ତିପ୍ରକାଶ ଥାଉକି ଏହି ୩ ଜଣ ଦଲାଲ ୬ ମାସ ତଳେ ଭେଜାଙ୍ଗିବାଡା ଗ୍ରାମର ୮ ଜଣ ଶ୍ରମିକ ଙ୍କୁ ଆନ୍ଧ୍ରରେ କାମ କରିବାକୁ ନେଇଥିଲୋପରିବାର ଲୋକ ସେମାନଙ୍କ ସହ କଥା ହେବାକୁ କହିବାରୁ ଦଲାଲ ମାନେ କିଛି ନିର୍ଦ୍ଦିଷ୍ଟ ଉତ୍ତର ନଦେବାରୁ ଶେଷରେ ଶ୍ରମିକ ଙ୍କ ପରିବାର ମଧ୍ୟରୁ ଖଗପତି ଧାକଡ଼ ଥାନାରେ ଅଭିଯୋଗ କରିଥିଲୋ

# କ୍ରମାଗତ ଦ୍ୱିତୀୟ ଦିନ ପାଇଁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ସ୍ଥିର: ଅଶୋଧିତ ତୈଳ ୭୧ ଡଲାର ଅତିକ୍ରମ କରିଛି

ନୂଆଦିଲ୍ଲୀ,୪/୬ (ନି.ପ୍ର): ଅନ୍ତରାଷ୍ଟ୍ରୀୟ ବଜାରେ ଅଶୋଧିତ ତୈଳର ମୂଲ୍ୟ ବ୍ୟାପକ ବୃଦ୍ଧି ଘଟିବା ସତ୍ତ୍ୱେ ଘରୋଇ ବଜାରରେ ପେଟ୍ରୋଲ-ଡିଜେଲର ଦାମ ସ୍ଥିର ରହିଛି । ସାର୍ବଜନିକ କ୍ଷେତ୍ରରେ ତୈଳ ମାର୍କେଟିଂ କମ୍ପାନୀ ଗୁଡ଼ିକ କ୍ରମାଗତ ଦ୍ୱିତୀୟ ଦିନ ପାଇଁ ଉଭୟ ଇନ୍ଧନର ମୂଲ୍ୟ ପରିବର୍ତ୍ତନ କରି ନାହାନ୍ତି । ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪.୪୯ ଟଙ୍କା ଏବଂ ଡିଜେଲ ଗୁରୁବାର ଦିନ ଲିଟର ପିଛା ୮୫.୩୮ ଟଙ୍କା ରହିଛି । ଇଣ୍ଡିଆନ ଅଏଲ ୱେବ୍‌ସାଇଟ୍ ମୁତାବିକ ଦେଶରେ ଅନ୍ୟ ମହାନଗରୀ ମୁମ୍ବାଇ, ଚେନ୍ନାଇ ଏବଂ କଲିକତାରେ ପେଟ୍ରୋଲର ଦାମ କ୍ରମଶଃ ଲିଟର ପ୍ରତି ୧୦୦.୭୨ ଟଙ୍କା, ୯୫.୯୯ ଟଙ୍କା ଏବଂ ୯୪.୫୦ ଟଙ୍କା ରହିଛି । ଏହି ମହାନଗରୀରେ ଡିଜେଲ ମଧ୍ୟ ପ୍ରତି ଲିଟର ପିଛା ୯୨.୬୯ ଟଙ୍କା, ୯୦.୧୨ ଟଙ୍କା ଏବଂ ୮୮.୨୩ ଟଙ୍କାରେ ବିକ୍ରି କରାଯାଉଛି । ସୂଚନାଯୋଗ୍ୟ ଯେ, ଆମେରିକୀୟ ଏବଂ ୟୁରୋପୀୟ ଅର୍ଥନୀତିର ଉଦଘାଟନ ହେତୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବ୍ୟାରେଲ ପିଚା ୭୧ ଡଲାରରୁ ଅଧିକ ହୋଇଛି । ଅଶୋଧିତ ବ୍ୟାରେଲ ପିଛା ୭୧.୩୫ ଡଲାରରେ ପହଂଚିଛି ଏବଂ ଗୋଟିଏ ଦିନ ପୂର୍ବରୁ ଆମେରିକାରେ ଡବ୍ଲୁଟିଆଇ ଅଶୋଧିତ ବ୍ୟାରେଲ ପିଛା ୬୮.୬୩ ଡଲାରରେ ପହଂଚିଛି । ସୂଚନାଯୋଗ୍ୟ ଯେ, ଗତ ୧୩ ଦିନ ମଧ୍ୟରେ ପେଟ୍ରୋଲ ଲିଟର ପିଛା ୪.୧୭ ଟଙ୍କା ଏବଂ ଘରୋଇ ବଜାରରେ ଡିଜେଲ ଲିଟର ପିଛା ୪.୬୦ ଟଙ୍କା ମହଙ୍ଗା ହୋଇଛି ।

# ଶିକ୍ଷକ ଯୋଗ୍ୟତା ପରୀକ୍ଷା ପ୍ରମାଣପତ୍ରର ବୈଧତା ୭ବର୍ଷରୁ ଆଜୀବନ ପର୍ଯ୍ୟନ୍ତ ବୃଦ୍ଧି : ଶ୍ରୀ ରମେଶ ପୋଖରିୟାଲ ନିଶଙ୍କ

ନୂଆଦିଲ୍ଲୀ,୪/୬ (ନି.ପ୍ର): କେନ୍ଦ୍ର ସରକାର ଶିକ୍ଷକ ଯୋଗ୍ୟତା ପରୀକ୍ଷା ପ୍ରମାଣପତ୍ରର ବୈଧତାକୁ ୭ ବର୍ଷରୁ ଆଜୀବନ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ରମେଶ ପୋଖରିୟାଲ ନିଶଙ୍କ ଘୋଷଣା କରିଛନ୍ତି । ସରକାରଙ୍କ ଏହି ନିଷ୍ପତ୍ତି ପିଛିଲା ଭାବେ ୨୦୧୧ ଠାରୁ ଲାଗୁ ହେବ ବୋଲି ସେ ସୂଚନା ଦେଇଛନ୍ତି । ଯେଉଁ ପ୍ରାର୍ଥୀମାନଙ୍କର ଶିକ୍ଷକ ଯୋଗ୍ୟତା ପରୀକ୍ଷା ସାର୍ଟିଫିକେଟର ବୈଧତା ସାତ ବର୍ଷର ଅବଧି ପରେ ଶେଷ ହୋଇଯାଇଛି ଏହାକୁ ପୁନଃ ଆଜୀବନ ବୈଧ କରିବା ନିମନ୍ତେ ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ସୂଚନା ଦେଇଛନ୍ତି । ଶ୍ରୀ ପୋଖରିୟାଲ କହିଛନ୍ତି ଯେ ଶିକ୍ଷା କ୍ଷେତ୍ରରେ କ୍ୟାରିଅର ଗଢ଼ିବା ଲାଗି ଚାହୁଁଥିବା ପ୍ରାର୍ଥୀମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ବୃଦ୍ଧି ଦିଗରେ ଏହା ଏକ ସକାରାତ୍ମକ ପଦକ୍ଷେପ ହେବ । ବିଦ୍ୟାଳୟରେ ଶିକ୍ଷକ ଭାବେ ନିଯୁକ୍ତି ପାଇବା ପାଇଁ ଶିକ୍ଷକ ଯୋଗ୍ୟତା ପରୀକ୍ଷା ହେଉଛି ଏକ ଜରୁରି ଯୋଗ୍ୟତା । ୨୦୧୧ ରେ ଜାତୀୟ ଶିକ୍ଷକ ପ୍ରଶିକ୍ଷଣ ପରିଷଦ ପକ୍ଷରେ ଏକ ମାର୍ଗଦର୍ଶିକା ଜାରି କରି କୁହାଯାଇଥିଲା ଯେ ରାଜ୍ୟ ସରକାରଙ୍କ ଦ୍ୱାରା ଶିକ୍ଷକ ଯୋଗ୍ୟତା ପରୀକ୍ଷା ଆୟୋଜନ କରାଯିବ ଏବଂ ଏହାର ବୈଧତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ତାରିଖ ଠାରୁ ପାଂଚ ବର୍ଷ ପର୍ଯ୍ୟନ୍ତ ରହିବ ।

# ଜାତୀୟ ହେଲ୍ପଲାଇନ ନମ୍ବରଗୁଡ଼ିକର ପ୍ରଚାର ପାଇଁ ସାଧାରଣ ମନୋରଞ୍ଜନ ଚ୍ୟାନେଲଗୁଡ଼ିକ ପାଇଁ ମାର୍ଗଦର୍ଶିକା

ନୂଆଦିଲ୍ଲୀ,୪/୬ (ନି.ପ୍ର): ରାଷ୍ଟ୍ରୀୟ ହେଲ୍ପଲାଇନ ନମ୍ବରଗୁଡ଼ିକୁ ପ୍ରଚାର କରିବା ଲାଗି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ଘରୋଇ ସାଧାରଣ ମନୋରଞ୍ଜନ ଟିଭି ଚ୍ୟାନେଲ (ଅଣ-ନ୍ୟୁଜ)ଗୁଡ଼ିକ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। ବିଶେଷ କରି ପ୍ରାଇମ ଟାଇମ ସମୟରେ, ଟିକର୍ ମାଧ୍ୟମରେ କିମ୍ବା ଏପରି କୌଣସି ଉପଯୁକ୍ତ ମାର୍ଗରେ, ଏପରିକି ବିରତି ସମୟରେ ମଧ ଏହି ନମ୍ବରଗୁଡ଼ିକୁ ପ୍ରଦର୍ଶିତ କରିବା ନିମନ୍ତେ ମାର୍ଗଦର୍ଶିକାରେ କୁହାଯାଇଛି। ନାଗରିକମାନଙ୍କର ଲାଭ ପାଇଁ ଭାରତ ସରକାରଙ୍କ ଦ୍ୱାରା ଏସବୁ ହେଲ୍ପଲାଇନ ନମ୍ବର ସୃଷ୍ଟି କରାଯାଇଛି ଓ ପ୍ରଚାର କରାଯାଉଛି। ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି ଯେ ବିଗତ କିଛି ମାସ ଧରି, ସରକାରଙ୍କ ପକ୍ଷରୁ ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ-କୋଭିଡ ଚିକିତ୍ସା ପ୍ରୋଟୋକଲ, କୋଭିଡ ଉପଯୁକ୍ତ ବ୍ୟବହାର ଓ ଟିକାକରଣ ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ସମ୍ବାଦପତ୍ର, ଟିଭି, ରେଡିଓ, ସାମାଜିକ ଗଣମାଧ୍ୟମ ଆଦି ଗଣମାଧ୍ୟମ ମଂଚ ଏବଂ ଅନ୍ୟାନ୍ୟ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଛି। ଉପରୋକ୍ତ ତିନୋଟି ପ୍ରସଙ୍ଗରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ ସୂଚୀତ କରିବା କ୍ଷେତ୍ରରେ ସରକାରଙ୍କ ପ୍ରୟାସରେ ଘରୋଇ ଟିଭି ଚ୍ୟାନେଲଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବାରୁ ମାର୍ଗଦର୍ଶିକାରେ ସେମାନଙ୍କୁ ପ୍ରଶଂସା କରାଯାଇଛି। ଏହି ଉଦ୍ଦେଶ୍ୟ ଲାଗି ଆହୁରି ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ରାଷ୍ଟ୍ରୀୟ ହେଲ୍ପଲାଇନ ନମ୍ବର ସମ୍ପର୍କରେ ପ୍ରଚାର ଓ ସଚେତନତା କରିବା ଲାଗି ଘରୋଇ ସାଧାରଣ ମନୋରଞ୍ଜନ ଟିଭି ଚ୍ୟାନେଲଗୁଡ଼ିକୁ ପରାମର୍ଶ ଦିଆଯାଇଛି।

# ରାଜ୍ୟ ସରକାରଙ୍କ ଯଶ୍ ବାତ୍ୟା ପରିଚାଳନା କେବଳ ପ୍ରଚାର ସର୍ବସ୍ୱ ଥିଲା : ମନମୋହନ ସାମଲ

ଭୁବନେଶ୍ୱର,୪/୬ (ନି.ପ୍ର): ୨୦୦୮ ମସିହାରେ ବିଧାନସଭାରେ ଗୃହ ବିଭାଗ କମିଟି ଦେଇଥିବା ରିପୋର୍ଟ ଆଧାରରେ ରାଜ୍ୟ ସରକାର ବାତ୍ୟା ଯଶ୍ ମୁକାବିଲା କୌଣସି ପ୍ରାକ ପ୍ରସ୍ତୁତି କରିନଥିଲେ ବୋଲି ପୂର୍ବତନ ରାଜସ୍ୱ ମନ୍ତ୍ରୀ ତଥା ଯଶ୍ ବାତ୍ୟା ପାଇଁ ଗଠିତ ପାର୍ଟି ତରଫରୁ ରାଜ୍ୟ ସଂଯୋଜକ ମନମୋହନ ସାମଲ ଅଭିଯୋଗ କରିଛନ୍ତି। ବାତ୍ୟା ଯଶ୍ ଓଡିଶାରେ ତାଣ୍ଡବ ରଚିବ ବୋଲି ବହୁ ପୂର୍ବରୁ ଭାରତୀୟ ପାଣିପାଗ ରାଜ୍ୟ ସରକାରଙ୍କୁ ସୂଚନା ଦେଇଥିଲା । ବାତ୍ୟା ପୂର୍ବ ଓ ପରବର୍ତ୍ତୀ ସହାୟତା ପାଇଁ ଏନଡିଆରଏଫ ସମସ୍ତ ପ୍ରକାରର ସହଯୋଗ କରିଥିଲା । ବାତ୍ୟା ହେବା ପୂର୍ବରୁ ଏନଡିଆରଏଫ ଯବାନମାନେ ପ୍ରଭାବିତ ହେବାକୁ ଥିବା ଅଂଚଳକୁ ଯାଇ ପ୍ରସ୍ତୁତ ରହିଲେ । ବାତ୍ୟା ପ୍ରଭାବିତ ଆଂଶକା ଥିବା ସମସ୍ତ ଜିଲ୍ଲା ପାଇଁ ଅତିରିକ୍ତ ଭାବେ ଜଣେ ଲେଖାଏଁ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ଦାୟୀତ୍ୱ ପ୍ରଦାନ କଲେ । ବାତ୍ୟା ପୂର୍ବ ଓ ପରବର୍ତ୍ତୀ ପରିସ୍ଥିତିକୁ ମୁକାବିଲା ପାଇଁ ପ୍ରସ୍ତୁତ ଅଛୁ ବୋଲି ଗଣମାଧ୍ୟମ ଜରିଆରେ ଘୋଷଣା କଲେ। ମାତ୍ର ଏହା କେବଳ ପ୍ରଚାର ସର୍ବସ୍ୱ ଥିବାବେଳେ ବାସ୍ତବ ସ୍ଥିତି ସଂପୂର୍ଣ୍ଣ ଭିନ୍ନ ଅଟେ ବୋଲି ଶ୍ରୀ ସାମଲ କହିଛନ୍ତି। ବାତ୍ୟା ପୂର୍ବରୁ ପ୍ରଭାବିତ ଅଂଚଳବାସୀଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି ବୋଲି ବାରମ୍ବାର କହିବା କେବଳ ପ୍ରହସନ/ ଡ୍ରାମା ଥିଲା। ଅଳ୍ପ କିଛି ଲୋକଙ୍କୁ ସ୍ଥାନାନ୍ତରିତ କରି ପ୍ରଭାବିତ ସମଗ୍ର ଅଂଚଳବାସିଙ୍କୁ ସ୍ଥାନାନ୍ତରିତ କରାଯାଇଛି ବୋଲି କହିଲେ। ୫୦ ଜଣଙ୍କୁ ସ୍ଥାନାନ୍ତରିତ କରାଯାଇ ୩୦୦ ବୋଲି ଉଲ୍ଲେଖ କରାଯାଇଛି ବୋଲି ଶ୍ରୀ ସାମଲ ଅଭିଯୋଗ କରିଛନ୍ତି । ବାତ୍ୟା ଆଶ୍ରୟସ୍ଥଳୀରେ କୌଣସି ବ୍ୟବସ୍ଥା କରାଯାଇ ନଥିଲା। ବାତ୍ୟାଶ୍ରୟସ୍ଥଳୀର ମରାମତି କରାଯାଇନଥିଲା। ପାନୀୟ ଜଳ, ବିଜୁଳି, କିରୋସିନି, ଖାଦ୍ୟ ଆଦିର ବ୍ୟବସ୍ଥା ନଥିଲା। ୧-୨ ପ୍ୟାକେଟ ବିସ୍କୁଟ, ୫୦ ଗ୍ରାମ ଚୁଡା ଦେଇ ରିଲିଫ କାର୍ଯ୍ୟର କେବଳ ଔପଚାରିକତା ପୂରଣ କରାଯାଇଥିଲା । କୋଭିଡ୍ ଗାଇଡଲାଇନ ଅନୁଯାୟୀ ବାତ୍ୟାଶ୍ରୟ ପରିଚାଳନା ହେଉଥିବା କହି ମିଥ୍ୟା ପ୍ରଚାର କଲେ । ଏହି କାରଣରୁ ବହୁ ପ୍ରଭାବିତ ବାତ୍ୟାଶ୍ରୟକୁ ଯାଇନଥିଲେ । ବାତ୍ୟା ଯିବାର ଆଜିକୁ ୯ ଦିନ ବିତି ଯାଇଥିଲେ ସୁଦ୍ଧା ବହୁ ଘରେ ଓ ରାସ୍ତାରେ ଗଛ ପଡି ରହି ଗମନାଗମନ ବ୍ୟାହତ ହୋଇରହିଛି । ବାତ୍ୟା ଓ ବନ୍ୟା ପ୍ରଭାବିତଙ୍କୁ କେବଳ ଶୁଖିଲା ଖାଦ୍ୟ ବଂଟନ କରାଯାଉଛି । ତାହା ପୁଣି ସମୁଦ୍ରକୁ ଶଙ୍ଖେ ସଦୃଶ । ରିଲିଫ ସାମଗ୍ରୀ ବଂଟନରେ ବ୍ୟାପକ ଅନୀୟମିତତା ହୋଇଛି । ଗାଡି ଭଡାର ଆଳ ଦେଖାଇ ପ୍ରଭାବିତ ଅସହାୟମାନଙ୍କୁ କମ୍ ପରିମାଣରେ ରିଲିଫ ସାମଗ୍ରୀ ପ୍ରଦାନ କରାଯିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଶ୍ରୀ ସାମଲ କହିଛନ୍ତି। ବିଜୁଳି ବ୍ୟବସ୍ଥା ପୁନଃସ୍ଥାପିତ କରାଯାଇଥିବା କହି ବିଭ୍ରାନ୍ତ ସୃଷ୍ଟି କରାଯାଉଛି । ଆଜି ମଧ ଏ ସମସ୍ତ ଅଂଚଳ ଅନ୍ଧକାର ଭିତରେ ରହିଛି। ପଶୁ ସଂପଦ ଆଜି ସଂକଟମୟ ପରିସ୍ଥିତିରେ । ଗୃହପାଳିତ ପଶୁ ଖାଦ୍ୟ ଅଭାବର ଶିକାର ହେଉଛନ୍ତି । ବାତ୍ୟା ଓ ବନ୍ୟା ପରବର୍ତ୍ତୀ ମୁକାବିଲାରେ ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଲା ସ୍ୱାସ୍ଥ୍ୟ ସମସ୍ୟା । ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପୁନରୁଦ୍ଧାର ହୋଇପାରିନାହିଁ । ଝାଡା, ବାନ୍ତି ବ୍ୟାପିବାର ବହୁ ସମ୍ଭାବନା ରହିଥିବାବେଳେ ପ୍ରଶାସନ ସଂପୂର୍ଣ୍ଣ ସ୍ଥାଣୁ ପାଲଟିଛି ବୋଲି ଶ୍ରୀ ସାମଲ କହିଛନ୍ତି । ବାତ୍ୟା ଓ ବନ୍ୟା ପରିଚାଳନରେ ଅବ୍ୟବସ୍ଥା ପ୍ରସଙ୍ଗରେ ରାଜ୍ୟ ସରକାର ସ୍ୱଷ୍ଟୀକରଣ ଦେବାକୁ ଶ୍ରୀ ସାମଲ ଦାବୀ କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟକୁ ୮.୧୫ ଲକ୍ଷ ଗୃହ ଆବଂଟନ ହୋଇଛି । ବାତ୍ୟାଂଚଳରେ ଥିବା ସମସ୍ତ କଚାଘରକୁ ପକ୍କାଘରରେ ପରିଣତ କରାଯାଉ । ନଷ୍ଟ ହୋଇଯାଇଥିବା ଫସଲ ପାଇଁ ଚାଷୀମାନଙ୍କୁ ତୁରନ୍ତ କ୍ଷତିପୂରଣ ଦିଆଯାଉ । ବାତ୍ୟା ଓ ବନ୍ୟାଂଚଳରେ କୃଷକଙ୍କ ପାଇଁ ଋଣ ଛାଡ କରାଯାଉ । ଚିଙ୍ଗୁଡି ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଉ । ଘରଭଙ୍ଗା କ୍ଷତିପୂରଣ ରାଶି ୧୪ ଦିନ ଭିତରେ ପ୍ରଦାନ କରାଯାଉ । ୨୦୦୮ ଗୃହ କମିଟି ସୁପାରିଶ ଆଧାରରେ ସ୍ଲିସ୍ ଗେଟ୍ ଓ ନାଳ ପୁନରୁଦ୍ଧାର କାର୍ଯ୍ୟ ତଥା ନିର୍ମାଣ କରାଯିବାକୁ ଶ୍ରୀ ସାମଲ ଦାବୀ କରିଛନ୍ତି। ୨୦୧୯ ଫନୀ, ୨୦୨୦ ଅଂଫାନ ବାତ୍ୟାର କ୍ଷତିପୂରଣ ରାଶି ଆଜି ଯାଏଁ ଲୋକଙ୍କ ପାଖରେ ପହଂଚିନାହିଁ । ବାତ୍ୟା ଯଶ୍ ପାଇଁ କେନ୍ଦ୍ର ସରକାର ପ୍ରଦାନ କରିଥିବା ଅର୍ଥ କେବେ ସୁଦ୍ଧା ପ୍ରଭାବିତ ଲୋକମାନେ ପାଇବେ, ତାହା ରାଜ୍ୟ ସରକାର ସ୍ୱଷ୍ଟୀକରଣ ଦେବାକୁ ଶ୍ରୀ ସାମଲ ଦାବୀ ଜଣାଇଛନ୍ତି । ଏହି ଅବସରରେ ରାଜ୍ୟ ସଂପାଦକ ଅଭିମନ୍ୟୁ ସେଠୀ, ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟ/ କେନ୍ଦ୍ରଶାସିତ ଅଂଚଳ ଗୁଡ଼ିକୁ ୨୪ କୋଟି ଡୋଜରୁ ଅଧିକ ଟିକା ଦିଆଯାଇଛି

## ଏବେ ରାଜ୍ୟ/ କେନ୍ଦ୍ରଶାସିତ ଅଂଚଳ ଗୁଡ଼ିକରେ ୨ କୋଟି ଡୋଜରୁ ଅଧିକ ଟିକା ଉପଲବ୍ଧ ରହିଛି

ନୂଆଦିଲ୍ଲୀ,୪/୬ (ନି.ପ୍ର): ଦେଶବ୍ୟାପୀ ଟିକାକରଣ ଅଭିଯାନର ଅଂଶସ୍ୱରୂପ ଭାରତ ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ଗୁଡ଼ିକୁ ସହାୟତା ଭାବେ ମାଗଣାରେ କୋଭିଡ ଟିକା ଉପଲବ୍ଧ କରାଉଛନ୍ତି । ଏଥିସହ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ଗୁଡ଼ିକ ସିଧାସଳଖ ଟିକା ଖରିଦ କରିବା ନେଇ ମଧ ଭାରତ ସରକାର ସୁବିଧା କରାଇଛନ୍ତି । ପରୀକ୍ଷଣ, ଟ୍ରେସିଂ, ଚିକିତ୍ସା ଓ କୋଭିଡ ନିୟମାବଳୀ ପାଳନ ସହ ଟିକାକରଣ ମହାମାରୀ ନିୟନ୍ତ୍ରଣ ଓ ପ୍ରବନ୍ଧନ ପାଇଁ ଭାରତ ସରକାରଙ୍କ ବିସ୍ତୃତ ରଣନୀତିର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ମେ ୧, ୨୦୨୧ରୁ କୋଭିଡ-୧୯ ଟିକାକରଣର ଉଦାର ଓ ତ୍ୱରିତ ପର୍ଯ୍ୟାୟ-୩ ଆରମ୍ଭ ହୋଇଛି । ଏହି ରଣନୀତି ଅନୁଯାୟୀ ପ୍ରତି ମାସରେ ଭାରତ ସରକାର କେନ୍ଦ୍ରୀୟ ଔଷଧ ଗବେଷଣାଗାର (ସିଡିଏଲ) ମଂଜୁରିପ୍ରାପ୍ତ ଯେକୌଣସି ନିର୍ମାତାଙ୍କ ଦ୍ୱାରା ପ୍ରସ୍ତୁତ ଟିକାର ୫୦% କ୍ରୟ କରିବେ । ଭାରତ ସରକାର ପୂର୍ବଭଳି ଏହି ଟିକା ଡୋଜ ଗୁଡ଼ିକୁ ବିନା ମୂଲ୍ୟରେ ରାଜ୍ୟ ସରକାରମାନଙ୍କୁ ଯୋଗାଇ ଦେବେ । ଭାରତ ସରକାର ଉଭୟ ବିନା ମୂଲ୍ୟରେ ଏବଂ ସିଧାସଳଖ ରାଜ୍ୟ ଗୁଡ଼ିକ ଦ୍ୱାରା ଖରିଦ ପ୍ରକ୍ରିୟାରେ ଏ ପର୍ଯ୍ୟନ୍ତ ୨୪ କୋଟି ଡୋଜରୁ ଅଧିକ ଟିକା (୨୪,୧୭,୧୧,୭୫୦) ରାଜ୍ୟ/ କେନ୍ଦ୍ରଶାସିତ ଅଂଚଳ ଗୁଡ଼ିକୁ ଉପଲବ୍ଧ କରାଇଛନ୍ତି । ଏଥିରୁ ନଷ୍ଟ ହୋଇଥିବା ଡୋଜକୁ ମିଶାଇ ୨୧,୯୬,୪୯,୨୮୦ ଡୋଜ୍ ଟିକା ବିନିଯୋଗ କରାଯାଇପାରିଛି ।

# ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ

ନୂଆଦିଲ୍ଲୀ,୪/୬ (ନି.ପ୍ର): ଟୋକିଓ ଅଲିମ୍ପିକ୍ସକୁ ଆଉ ୫୦ ଦିନ ବାକି ରହିଛି। ଏହି ଅବସରରେ ଭାରତର ଅଲିମ୍ପିକ୍ସ ପ୍ରସ୍ତୁତି ସମୀକ୍ଷା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆଗାମୀ ଟୋକିଓ ଅଲିମ୍ପିକ୍ସ ପାଇଁ କାର୍ଯ୍ୟକାରୀ ପ୍ରସ୍ତୁତିର ବିଭିନ୍ନ ଦିଗ ଉପରେ ଅଧିକାରୀମାନେ ଏକ ଉପସ୍ଥାପନା ରଖିଥିଲେ। ସମୀକ୍ଷା କରାଯିବା ସମୟରେ, ମାନନୀୟ ପ୍ରଧାନମନ୍ତ୍ରୀଙ୍କୁ ମହାମାରୀ ସମୟରେ କ୍ରୀଡ଼ାବିତମାନଙ୍କ ବାଧାମୁକ୍ତ ପ୍ରଶିକ୍ଷଣ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ, ଅଲିମ୍ପିକ୍ସ କୋଟା ଜିତିବା ପାଇଁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ, କ୍ରୀଡ଼ାବିତମାନଙ୍କ ଟିକାକରଣ ଏବଂ ସେମାନଙ୍କୁ ଯୋଗାଇ ଦିଆଯାଇଥିବା ଇଚ୍ଛାମୁତାବକ ସହାୟତା ସମ୍ପର୍କରେ ଅବଗତ କରାଯାଇଥିଲା। ଅଧିକାରୀମାନେ କ୍ରୀଡ଼ାବିତ୍ ଓ ସହାୟକ କର୍ମଚାରୀଙ୍କ ଟିକାକରଣ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଟୋକିଓ ଅଲିମ୍ପିକ୍ସକୁ ଯାଉଥିବା ପ୍ରତ୍ୟେକ ଯୋଗ୍ୟତା ଅର୍ଜନକାରୀ/ସମ୍ଭାବ୍ୟ କ୍ରୀଡ଼ାବିତ, ସହାୟକ କର୍ମଚାରୀ ଓ ଅଧିକାରୀଙ୍କୁ ଯଥାଶୀଘ୍ର ଟିକାକରଣ କରାଇବା ଲାଗି ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଜୁଲାଇରେ ଭିଡିଓ କନଫରେନ୍ସ ଜରିଆରେ ଆମର ଅଲିମ୍ପିକ୍ସ ଦଳ ସହିତ ସେ ଯୋଡ଼ି ହୋଇ ସେମାନଙ୍କୁ ଉତ୍ସାହିତ କରିବେ ଓ ସମସ୍ତ ଦେଶବାସୀଙ୍କ ପକ୍ଷରୁ ସେମାନଙ୍କୁ ଶୁଭକାମନା ଜଣାଇବେ। କ୍ରୀଡ଼ା ଆମ ଜାତୀୟ ଚରିତ୍ରର କେନ୍ଦ୍ରରେ ରହିଛି ଏବଂ ଆମର ଯୁବପିଢ଼ି ଏକ ଦୃଢ଼ ଓ ଉଜ୍ଜ୍ୱଳ କ୍ରୀଡ଼ା ସଂସ୍କୃତି ବିକଶିତ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରୁଥିବା ଆମର ଯୁବତାରକାଙ୍କ ସହିତ ୧୩୫ କୋଟି ଭାରତୀୟଙ୍କ ଶୁଭକାମନା ରହିବ । ବିଶ୍ୱସ୍ତରରେ ଚମକୁ ଥିବା ପ୍ରତ୍ୟେକ ଯୁବ କ୍ରୀଡ଼ାବିତଙ୍କ ଦ୍ୱାରା ଆହୁରି ହଜାରରୁ ଅଧିକ କ୍ରୀଡ଼ାବିତ୍ ଅନୁପ୍ରାଣିତ ହେବେ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ଅଧିକାରୀମାନେ କହିଥିଲେ ଯେ କ୍ରୀଡ଼ାବିତ୍ ମାନଙ୍କୁ ଅନୁପ୍ରାଣିତ କରିବା ଏବଂ ଅଲିମ୍ପିକ୍ସରେ ଅଂଶଗ୍ରହଣ ଲାଗି ସେମାନଙ୍କର ମନୋବଳ ବଢ଼ାଇବା ପ୍ରତି ବିଶେଷ ଧ୍ୟାନ ଦିଆଯିବ। ତେଣୁ, ପ୍ରତିଯୋଗିତା ଚାଲିଥିବା ସମୟରେ ଭାରତରେ ରହିଥିବା ସେମାନଙ୍କର ମାତାପିତା ଓ ପରିବାର ସଦସ୍ୟଙ୍କ ପାଇଁ ନିୟମିତ ଭିଡିଓ କନଫରେନ୍ସ ଆୟୋଜନ କରାଯିବ। ପ୍ରଧାନମନ୍ତ୍ରୀଙ୍କୁ ସୂଚନା ଦେଇ କୁହାଯାଇଥିଲା ଯେ ୧୧ଟି କ୍ରୀଡ଼ା ବର୍ଗରେ ୧୦୦ ଜଣ କ୍ରୀଡ଼ାବିତ୍ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି ଏବଂ ଆହୁରି ୨୫ ଜଣ କ୍ରୀଡ଼ାବିତ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ ବୋଲି ଆଶା କରାଯାଉଛି ଯାହାର ବିବରଣୀ ଜୁନ ୨୦୨୧ ଶେଷ ସୁଦ୍ଧା ପ୍ରକାଶ ପାଇବ। ୨୦୧୬ରେ ରିଓ ଡି ଜେନେରିଓରେ ଅନୁଷ୍ଠିତ ପୂର୍ବ ବର୍ଷର ପାରା ଅଲିମ୍ପିକ୍ସରେ ମୋଟ୍ ୧୯ ଜଣ ଭାରତୀୟ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ଟୋକିଓ ଅଲିମ୍ପିକ୍ସ ପାଇଁ ୨୬ ଜଣ ପାରା ଆଥଲେଟ୍ ଯୋଗ୍ୟତା ହାସଲ କରିଥିବା ବେଳେ ଆହୁରି ୧୬ ଜଣ ଏଥିପାଇଁ ଯୋଗ୍ୟତା ଅର୍ଜନ କରିବେ ବୋଲି ଆଶା କରାଯାଉଛି।

# ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ସାର୍ବଜନୀନ ଦେୟମୁକ୍ତ ଟିକାକରଣ ସହ ପ୍ରତ୍ୟେକ ଦିନ ୧ କୋଟି ଟିକାକରଣ କରିବା ନେଇ ରାଷ୍ଟ୍ରପତିଙ୍କୁ ସ୍ମାରକ ପତ୍ର ପ୍ରଦାନ କଲା କଂଗ୍ରେସ



ବାଲେଶ୍ୱର,୦୪/୦୬ (ନି.ପ୍ର): ମୋଦୀ ସରକାରଙ୍କ ଖାମଖିଆଲି ମନୋଭାବ ସ ଦୁରଦୃଷ୍ଟିର ଘୋର ଅଭାବ ଯୋଗୁଁ ସମଗ୍ର ଭାରତ ବର୍ଷରେ ନାଗରିକ ମାନେ କରୋନା ମହାମାରୀରେ ଛଟପଟ ହେଉଥିବା ବେଳେ କେନ୍ଦ୍ର ସରକାରଙ୍କର ଟୀକାକରଣ ନୀତି ଫେଲ ମାରିଛି। ଟୀକାକରଣ ବ୍ୟବସ୍ଥାର ଭିନ୍ନ ଭିନ୍ନ କମ୍ପାନୀର ଟୀକା ଯଥା ସେରମ ଇନଷ୍ଟିଚୁଟର କୋଭିସିଲଡ୍ ଏବଂ ଭାରତ ବାୟୋଟେକର ଟୀକା କୋଭାକ୍ସିନର ଏକ ଡୋଜର ଦାମ କେନ୍ଦ୍ର ସରକାର ୧୫୦ ଟଙ୍କାରେ କିଣୁ ଥିବା ବେଳେ ରାଜ୍ୟ ସରକାର ସେହି ଟୀକାର ଡୋଜ ପ୍ରତି ୩୦୦ ଟଙ୍କାରେ ଓ ବେସରକାରୀ ହସ୍ପିଟାଲରେ ଡୋଜ ପ୍ରତି ୬୦୦ ଟଙ୍କାରେ କିଣିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଅଟେ। ଏପରିକି କେନ୍ଦ୍ର ସରକାର ଲୋକଙ୍କୁ ମାଗଣାରେ ଟୀକା ଦେବାର ବ୍ୟବସ୍ଥା କରିବା ପରିବର୍ତ୍ତେ ଟୀକାର ବ୍ୟବସାୟୀକରଣ କରିବା ଅତ୍ୟନ୍ତ ପୀଡାଦାୟକ ଅଟେ। ୨୦୨୦ ମେ ମାସରେ ଅନ୍ୟ ଦେଶମାନେ ଟୀକା କିଣିବାର ବ୍ୟବସ୍ଥା କରିଥିବା ବେଳେ ମୋଦି ସରକାର ୨୦୨୧ ଜାନୁଆରୀରେ ଟୀକା କିଣିବାର ପ୍ରଥମ ପୟାସ କରିବା ମୋଦୀ ସରକାରଙ୍କ ଖାମଖିଆଲି ମନୋଭାବର ଜ୍ୱଳନ୍ତ ଉଦାହରଣ। ୧୪୦ କୋଟି ଭାରତୀୟ ମାନଙ୍କ ଲାଗି ଆଜିସୁଦ୍ଧା କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ରୂପେ ୩୯ କୋଟି ଟୀକାର ବରାଦ କରିବା ଉଭୟ ସରକାରଙ୍କ ପାରିବାପଣିଆ ପ୍ରତି ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ୩୧ ମେ ୨୦୨୧ ପର୍ଯ୍ୟନ୍ତ ସମଗ୍ର ଦେଶରେ ୩୧ କୋଟି ୨୧ ଲକ୍ଷ ଲୋକ ଟୀକା ନେଇଥିବା ବେଳେ ୪ କୋଟି ୪୫ ଲକ୍ଷ ଲୋକ ମାତ୍ର ୨ଟି ଡୋଜ ଟୀକା ନେଇପାରିଛନ୍ତି ଯାହାକି ସାରା ଦେଶରେ ଜନସଂଖ୍ୟାର ମାତ୍ର ୩.୧୭% ଅଟେ। ଦୈନିକ ୧୬ ଲକ୍ଷ ଲୋକ ଟୀକାକରଣ ନେଉଥିବା ବେଳେ ଯଦି ଏପରି ଅବସ୍ଥା ସମଗ୍ର ଦେଶରେ ଜାରି ରହେ ତେବେ ୧୪୦ କୋଟି ଲୋକଙ୍କୁ ଟୀକାକରଣ କରିବା ପାଇଁ ପ୍ରାୟ ୩ ବର୍ଷ ଲାଗିଯିବ। ଏହି ସମୟ ଅବଧିରେ ଆମେ ଆମ୍ଭର ଲକ୍ଷ ଲକ୍ଷ ନାଗରିକଙ୍କୁ ହରାଇବା ସହ ଆହୁରି କୋଟି କୋଟି ଲୋକଙ୍କୁ କରୋନା କବଳିତ କରିସାରିଥିବ ଓ ଦେଶର ପରିଣତ ଆହୁରି ଭୟାବହ ହେବା ସଙ୍ଗେସଙ୍ଗେ ଦେଶ ଓ ରାଜ୍ୟର ଅବସ୍ଥା ଅନିୟନ୍ତ୍ରିତ ହୋଇପଡ଼ିଥିବ। କେନ୍ଦ୍ରର ବିଜେପି ସରକାର ଅବିଳମ୍ବେ ଟୀକା କିଣି ଦେୟମୁକ୍ତରେ ରାଜ୍ୟ ଓ ବେସରକାରୀ ହସ୍ପିଟାଲକୁ ଦେଲେ ଜନସାଧାରଣ ଉପକୃତ ହୋଇପାରିବେ। ଏପରିକି ଚଳିତବର୍ଷ ୩୧ ଡିସେମ୍ବର ୨୦୨୧ ପୂର୍ବରୁ ୧୮ ବର୍ଷରୁ ଉର୍ଦ୍ଧ୍ୱ ପ୍ରାପ୍ତ ବୟସ୍କ ମାନଙ୍କୁ ଟୀକାକରଣ କରିବାକୁ ହେବ। ଏହି ପରିପ୍ରେକ୍ଷୀରେ ଅଖିଳ ଭାରତୀୟ କଂଗ୍ରେସ କମିଟି ଓ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନିଷ୍ପତ୍ତି ଅନୁଯାୟୀ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଦସ୍ୟ ନେତୃମଣ୍ଡଳୀଙ୍କ ଦ୍ୱାରା ଦାବି ଉପସ୍ଥାପନା କରାଯିବା ସହ କେନ୍ଦ୍ର ସରାକର ସମସ୍ତ ନାଗରିକଙ୍କୁ ଦେୟମୁକ୍ତ ସାର୍ବଜନୀନ ଟୀକାକରଣ ବ୍ୟବସ୍ଥା ଅବିଳମ୍ବେ କରି କରୋନା ମହାମାରୀକୁ ଜବଦ କରିବା ପାଇଁ ଏହାହିଁ ଏକ ମାତ୍ର ରାସ୍ତା ଯାହାଦ୍ୱାରା ଆମେ କରୋନା ଉପରେ ବିଜୟ ଲାଭ କରିପାରିବା। ସେ ନେଇ ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମହାମହିମ ରାଷ୍ଟ୍ରପତିଙ୍କୁ ନିକଟକୁ ଏକ ସ୍ମାରକ ପତ୍ର ପ୍ରେରିତ କରାଯାଇଅଛି। ଉକ୍ତ ଦାବି ପତ୍ର ପ୍ରଦାନରେ ବାଲେଶ୍ୱର କଂଗ୍ରେସ ଜିଲ୍ଲା ସଭାପତି ସଜିବ ଗିରି, ଅର୍ଚ୍ଚନା ନନ୍ଦୀ, ପ୍ରଜ୍ଞାପରମିତା ମହାନ୍ତି, ଯୁବ ସଭାପତି ରଞ୍ଜନ ଦାସ, ଛାତ୍ର ସଭାପତି ଗୌତମ ସାହୁଙ୍କ ସମେତ ବହୁ ସଂଖ୍ୟାରେ କ୍ରମକର୍ତ୍ତାମାନେ ଉପସ୍ଥିତ ରହିଥିଲେ।

## ରେସନ କାର୍ଡ଼ଧାରୀଙ୍କୁ ଚାଉଳ ନ ମିଳିବା ଅଭିଯୋଗ

ବାଲେଶ୍ୱର,୦୪/୦୬ (ନି.ପ୍ର): କରୋନା ଜନିତ ତାଲାବନ୍ଦ ପ୍ରଭାବରେ ସାଧାରଣ ଲୋକେ ଦୟନୀୟ ଭାବେ ଜୀବନ ବିତାଉଥିବା ବେଳେ ରସାଳପୁର ପଞ୍ଚାୟତର ଗରିବ ଅସହାୟଙ୍କ ସୁଲଭ ଖାଉଟି ସାମଗ୍ରୀ ହଡ଼ପ ହୋଇଥିବା ଅଭିଯୋଗ ଉଠିଛି। ରାସନକାର୍ଡ଼ ଥାଇ ମଧ୍ୟ ଚାଉଳ ଓ ଗହମ ପ୍ରଭୃତି ସାମଗ୍ରୀ ପାଇବାରୁ ବଞ୍ଚିତ ପରିବାରମାନେ ଶୁକ୍ରବାର ଉପ-ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ରାସନ ସାମଗ୍ରୀ ବଣ୍ଟନର ଦାୟିତ୍ୱ ନେଇଥିବା ରସାଳପୁର ପଞ୍ଚାୟତ ଭୀମପୁର ଗ୍ରାମର 'ଜୟ ଶ୍ରୀରାମ ସ୍ୱୟଂ ସହାୟିକା ଗୋଷ୍ଠୀ' କାର୍ଡ଼ଧାରୀଙ୍କୁ ସେମାନଙ୍କ ଧାର୍ଯ୍ୟ ପରିମାଣର ଚାଉଳ ଦେଉନଥିବା ସେମାନେ ଅଭିଯୋଗ କରିଛନ୍ତି। ପୂର୍ବରୁ କଂଟ୍ରୋଲ ଦୋକାନ କରୁଥିବା ବର୍ତ୍ତମାନର ସମିତି ସଭ୍ୟଙ୍କ ଅମଳରୁ ସାମଗ୍ରୀ ବାଟମାରଣା ହୋଇ ଆସୁଥିବା ଏହି ଧାରା ଏବେ ଗୋଷ୍ଠୀର କର୍ମକର୍ତ୍ତାମାନେ ଜାରି ରଖିଥିବା ସେମାନେ କହିଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ସେମାନଙ୍କ ଧାର୍ଯ୍ୟ ରାସନ ପ୍ରଦାନ ପାଇଁ ସେମାନେ ବାଲେଶ୍ୱର ଉପ-ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ଏକ ଦାବିପତ୍ର ଉପ-ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

## ଦି ଡ୍ରିମର୍ସ କ୍ଲବ ପକ୍ଷରୁ ଅସହାୟ ମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ଜଳେଶ୍ୱର,୪/୬ (ନି.ପ୍ର) : କରୋନାର ୨ୟ ଲହର ଚାଲିଥିବା ବେଳେ ଲୋକଙ୍କ ଆର୍ଥୀକ ମାନଦଣ୍ଡ ଦୁର୍ବଳ ହେବାରେ ଲାଗିଛି । ସାଧାରଣ ଖଟିଖିଆ ଲୋକମାନେ ନାହିଁ ନଥିବା ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି । ଦୋକାନ ବଜାର ବନ୍ଦ ରହୁଥିବାରୁ ମାଗି ଜାଚି ଚଳୁଥିବା ଲୋକଙ୍କ ଘରେ ଚୁଲି ଜଳୁନାହିଁ । ଛୋଟ ଛୋଟ ପିଲାମାନେ ଉପାସରେ ଦିନ କାଟୁଥିବା ବେଳେ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ଥିବା ଦି ଡ୍ରିମର୍ସ୍ କ୍ଲବ ପକ୍ଷରୁ ସହାୟତାର ହାତ ବଢାଯାଇଛି । ସଭାପତି ଆନନ୍ଦ କର, ସଂପାଦକ ସୁବ୍ରତ କର, ନରହରି ବେହେରା, ସୁମିତ ରଣା, ପବନ ସାହୁ, ନିହାର ଖୁଣ୍ଟିଆ, ନିମାଇଁ କର, ରାଜେଶ ଜେନା, ଦିନେଶ ପାତ୍ର, ସତ୍ୟ ପ୍ରକାଶ ମହାନ୍ତି, ଗୋପାଳ କର୍ମକାର ପ୍ରମୁଖ ପ୍ରତ୍ୟେହ ବଡବଜାର ପୁରୁଣା ଟାଉନ୍‌ହଲ ନିକଟରେ ରହୁଥିବା ଗରିବ ପରିବାରକୁ ଶୁଖିଲା ଖାଦ୍ୟା ବଣ୍ଟନ କରି ଆସୁଛନ୍ତି । ଫଳରେ ଉପବାସରେ ରହୁଥିବା ଲୋକଙ୍କ ଆଖିରେ ହସ ଫେରିଥିବା ଜଣାଯାଇଛି । ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି କାର୍ଯ୍ୟକୁ ସାଧୁବାଦ ଜଣାଇଛନ୍ତି ।

### ଜୋର ଧରିଲା କୋଭିଡ ହସ୍ପିଟାଲ ସୁପରିଚାଳନା ଓ ଅକ୍ସିଜେନ ପ୍ଲାଂଟ ସ୍ଥାପନ ଦାବି

## ୨୪ ଘଂଟିଆ ଅନଶନରେ ବସିଲେ ଭଞ୍ଜସେନାର ପ୍ରତିଷ୍ଠାତା




ବାରିପଦା,୦୪/୦୬ (ନି.ପ୍ର): ବାଙ୍କିଶୋଳ କୋଭିଡ ହସପିଟାଲରେ ରହିଥିବା ବିଭିନ୍ନ ସମସ୍ୟା ନେଇ ଭଞ୍ଜସେନା ପକ୍ଷରୁ ପୂର୍ବରୁ ଆନ୍ଦୋଳନ ଚାଲି ଆସିଥିବା ବେଳେ, ବିଗତ କିଛି ଦିନ ଧରି ହସପିଟାଲରେ ଅବ୍ୟବସ୍ଥା ନେଇ କିଛି ଫୋଟ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏବଂ ଗଣ ମାଧ୍ୟମରେ ଏନେଇ ଖବର ପ୍ରକାଶନ ପରେ ଏହି ଘଟନା ରାଜ୍ୟ ତମାମ ଆଲୋଚନାର ବିଷୟ ପାଲଟିଥିଲା । ତେବେ ଜିଲ୍ଲା ପ୍ରସାଶନକୁ ଏହି ଘଟଣାରେ ଘେରଥିଲା ଭଞ୍ଜସେନା । ତେବେ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ୩ ତାରିଖ ସଂଧ୍ୟାରୁ ୨୪ ଘଂଟା ପାଇଁ ଅନଶନରେ ବସିବେ ବୋଲି ପୂର୍ବରୁ ଘୋଣା କରିଥିବା ବେଳେ, ଆଜି ସଂଧ୍ୟାଠାରୁ ସେ ନିଜ ବାସଗୃହ ଠାରେ ବାଙ୍କୀଶୋଳ କୋଭିଡ ହସ୍ପିଟାଲରେ ରୋଗୀଙ୍କୁ ଗୁଣାତ୍ମକ ଚିକିତ୍ସା ପ୍ରଦାନ କରାଯିବା, ରୋଗୀଙ୍କ ଚିକିତ୍ସାକୁ ନେଇ ମିଥ୍ୟା ତଥ୍ୟ ପ୍ରଦାନ କରୁଥିବା ଜିଲ୍ଲାପାଳ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହୋଇ ରୋଗୀଙ୍କ ପ୍ରତି ସମ୍ବେଦନଶୀଳ ମନୋଭାବ ପୋଷଣ କରିବା, ବାମନଘାଟି ଓ ପାଂଚପିଢ ଉପଖଣ୍ଡରେ ତୁରନ୍ତ ଅକ୍ସିଜେନ ପ୍ଲାଂଟ ପ୍ରତିଷ୍ଠା କରାଯିବା, ୧୮ ରୁ ୪୪ବର୍ଷ ମଧ୍ୟରେ ଥିବା ଯୁବବର୍ଗଙ୍କ ପାଇଁ ଯଥାଶୀଘ୍ର ଟୀକାକରଣ ବ୍ୟବସ୍ଥା ଆରମ୍ଭ କରାଯିବା ପ୍ରଭୃତି ଦାବୀରେ ସଂଧ୍ୟା ୬ଘଟିକା ଠାରୁ ୪ତାରିଖ ଶୁକ୍ରବାର ସଂଧ୍ୟା ୬ଘଟିକା ପର୍ଯ୍ୟନ୍ତ ସମ୍ପୂର୍ଣ କୋଭିଡ କଟକଣା ମାନି ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କୌଣସି ଖାଦ୍ୟେ ଆହରଣ ବିନା ୨୪ ଘଂଟିଆ ଅନଶନରେ ବସି ଥିବାର ଦେଖାଯାଇଛି ।

## ରାଜଧାନୀରେ ୨୪ ଘଂଟାରେ ୭୫୩ ପଜିଟିଭ୍, ୧୨୭୫ ସୁସ୍ଥ

ଭୁବନେଶ୍ୱର,୦୪/୦୬ (ନି.ପ୍ର): ଭୁବନେଶ୍ୱରରେ ଆଜି ମଧ୍ୟ ଆକ୍ରାନ୍ତଙ୍କ ଠାରୁ ସୁସ୍ଥଙ୍କ ସଂଖ୍ୟା ଅଧିକ ରହିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଶୁକ୍ରବାର ଆଉ ୭୫୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୧୨୬ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୬୨୨ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୨୭୫ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୪୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ନୟାପଲ୍ଲୀରୁ ୪୨ ଜଣ , ଚନ୍ଦ୍ରଶେଖରପୁରରୁ ୨୮ ଜଣ , ଶୈଳଶ୍ରୀବିହାରରୁ ୨୭ ଜଣ, ଓଲ୍ଡ ଟାଉନ୍ ରୁ ୨୩ ଜଣ, ଝାରପଡାରୁ ୨୨ ଜଣ, ଲକ୍ଷ୍ମୀସାଗରରୁ ୨୦ ଜଣ, ବଡଗଡରୁ ୧୯ ଜଣ , ଖଣ୍ଡଗିରିରୁ ୧୮ ଜଣ ଆକ୍ରାନ୍ତ ରହିଛନ୍ତି। ସେହିପରି ଝାରପଡାରୁ ୧୫ ଜଣ, ଲକ୍ଷ୍ମୀସାଗରରୁ ୧୪ ଜଣ, ନୟାପଲ୍ଲୀ ୮ ଜଣ, ଚନ୍ଦ୍ରଶେଖରପୁରରୁ ୭ ଜଣ, ପଟିଆ ଓ ଖଣ୍ଡଗିରିରୁ ୬ ଜଣ ଲେଖାଏଁ ଆକ୍ରାନ୍ତ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭୯୩୨୭ କୁ ବୃଦ୍ଧି ପାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ....

ସିଷ୍ଟମ୍ ଓ ଇଷ୍ଟେଟସ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର କଲ୍ୟାଣ ବିହାର, କଲ୍ୟାଣ ବିହାର ଫେଜ-୨, ଭାଗ୍ୟନଗର, କୁଞ୍ଜବିହାର ଓ ପୁଷ୍ପାଞ୍ଜଳି ଏନ୍‌କ୍ଲେଭ୍ ଯୋଜନାରେ ବସୋପଯୋଗୀ ଜମି (ପ୍ଲଟ୍) ପାଇଁ ଟଙ୍କା ଜମା ଦେଇ କୌଣସି ଜମି(ପ୍ଲଟ୍) ନପାଇ କିମ୍ବା ଜମାରାଶି ଫେରସ୍ତ ନପାଇ କ୍ଷତିଗ୍ରସ୍ତ ହୋଇଥିବା ପ୍ରକୃତ ଜମାକାରୀଙ୍କୁ ଚିହ୍ନଟ ଓ ସେମାନଙ୍କର ବାସ୍ତବ ଜମାରାଶିର ପରିମାଣ ନିରୁପଣ ନିମନ୍ତେ ସଂପୃକ୍ତ ଜମାକାରୀମାନଙ୍କଠାରୁ ଅନ୍‌ଲାଇନ୍ ମାଧ୍ୟମରେ ଜୁନ ୪ରୁ ୧୯ ତାରିଖ ପର୍ଯ୍ୟନ୍ତ ଦାବି ଦରଖାସ୍ତ ଆହ୍ୱାନ କରାଯାଉଛି। ଜମାକାରୀମାନେ ଅନ୍‌ଲାଇନ୍ ଆବେଦନ କଲାବେଳେ କୌଣସି ବୈଷୟିକ ଅସୁବିଧାର ସମ୍ମୁଖୀନ ହେଲେ ତାହାର ସମାଧାନ ପାଇଁ ଟୋଲ୍ ଫ୍ରି ନମ୍ବର ମଧ୍ୟ ଜାରି କରାଯାଇଛି ।ଏହା ପରେ ଜମାକାରୀମାନଙ୍କ ଅର୍ଥ ଆତ୍ମସାତ୍ କରିଥିବା ଯେଉଁସବୁ ପ୍ରତିଷ୍ଠାନର ଜବତ ସ୍ଥାବର ଓ ଅସ୍ଥାବର ସଂପତି ବାଜ୍ୟାପ୍ତ ନିମିତ ସରକାର ଦେଇଥିବା ଅନ୍ତରୀଣ କୋରଖ ଆଦେଶକୁ ପଦନାମିତ ନ୍ୟାୟାଳୟମାନେ ନିରଙ୍କୁଶ କରିଛନ୍ତି । ପର୍ଯ୍ୟାୟ କ୍ରମେ ସେହିସବୁ କମ୍ପାନୀର କ୍ଷତିଗ୍ରସ୍ତ ଜମାକାରୀମାନଙ୍କଠାରୁ ଅନଲାଇନ୍ ଦାବି ଦରଖାସ୍ତ ଆହ୍ୱାନ କରାଯିବ । ପୂର୍ବରୁ ମେସର୍ସ ରୋଜ୍ ଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନୀସମୂହର କ୍ଷତିଗ୍ରସ୍ତ ଜମାକାରୀମାନଙ୍କଠାରୁ ଅଫ୍ ଲାଇନ୍ ରେ ଦାବି ଆବେଦନ ଆହ୍ୱାନ କରାଯାଇଥିଲା। ସେହିସବୁ ଦାବି ଆବେଦନ ପତ୍ର ଗ୍ରହଣ, ତାହାର ଡିଜିଟାଇଜେସନ୍, ଡିଜିଟାଇଜ ଡାଟା ଅନୁସାରେ କ୍ଷେତ୍ରୀୟ ତଦନ୍ତ ରିପୋର୍ଟର ଡିଜିଟାଇଜେସନ୍ ଆଦି କାର୍ଯ୍ୟ ସମୟ ସାପେକ୍ଷ, କଷ୍ଟକର ଓ ବ୍ୟୟବହୁଳ ଥିଲା । ଏହାକୁ ଦୃଷ୍ଟିରେ ରଖି କ୍ଷତିଗ୍ରସ୍ତ ଜମାକାରୀଙ୍କ ସୁବିଧା ପାଇଁ ରାଜ୍ୟ ସରକାର ଏକ ସହଜ ଓ ସରଳ ୱେବ୍‌ସାଇଟ୍ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଂଟର (ଓକାକ୍) ଜରିଆରେ ଡିଜାଇନ କରିଛନ୍ତି । ଏହି ୱେବ୍‌ସାଇଟ୍ ଉନ୍ମୋଚନ ଉତ୍ସବରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ ମୀନା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ ।ଅର୍ଥ ବିଭାଗର ଅତିରିକ୍ତ ଶାସନ ସଚିବ ନୃସିଂହ ଚରଣ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ତଥା କ୍ଷମତାସଂପନ୍ନ ପ୍ରାଧିକାରୀ, କଟକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅର୍ଥ ବିଭାଗର ଯୁଗ୍ମ ଶାସନ ସଚବି ଚିତରଞ୍ଜନ ହୋତା, ରାଜ୍ୟ ଅର୍ଥନୈତିକ ଅପରାଧ ଶାଖାର ଏସ୍.ପି ଜ୍ଞାନରଞ୍ଜନ ମହାନ୍ତି, ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଂଟର ଜେନେରାଲ୍ ମ୍ୟାନେଜର (ପ୍ରଶାସନ) ମଧୁମିତା ରଥ, ସ୍ୱତନ୍ତ୍ର ସରକାରୀ ଓକିଲ, କଟକ ସୁବ୍ରତ କୁମାର ମହାନ୍ତି, ଅର୍ଥ ବିଭାଗର ଅନୁଶାସନ ସଚିବ ଅଶୋକ କୁମାର ମିଶ୍ର ଓ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଂଟରର ସିଷ୍ଟମ୍ ଆନାଲିଷ୍ଟ ସୁବ୍ରତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଧ୍ୟପ୍ରଦେଶରେ ୩ ହଜାର କନିଷ୍ଠ ଡାକ୍ତରଙ୍କ ....

ମଧ୍ୟପ୍ରଦେଶ ଜୁନିୟର ଡାକ୍ତର ଆସୋସିଏସନ (ଜୁଡା) ର ଅଧ୍ୟକ୍ଷ ଅରବିନ୍ଦ ମିଣା କହିଛନ୍ତି କି, ରାଜ୍ୟର ୬ ମେଡିକାଲ କଲେଜର ୩ ହଜାର ଜୁନିୟର ଡାକ୍ତର ବୁଧବାର ଦିନ ସେମାନଙ୍କ ମେଡିକାଲ କଲେଜର ଡିନଙ୍କ ଠାରେ ସାମୁହିକ ଇସ୍ତଫା ପତ୍ର ଦେଇଛନ୍ତି । ସେ କହିଛନ୍ତି କି ରାଜ୍ୟସରକାର ତୃତୀୟ ବର୍ଷ କନିଷ୍ଠ ଠାକ୍ତରଙ୍କ ଏନରୋଲମେଣ୍ଟ ରଦ୍ଦ କରିଦେଇଥିବାରୁ ସେମାନେ ପରୀକ୍ଷାରେ ବସି ପାରିବେ ନାହିଁ । କହିରଖୁ କି ପିଜି କରୁଥିବା ଜୁନିୟର ଡାକ୍ତରମାନଙ୍କୁ ୩ ବର୍ଷରେ ଡିଗ୍ରୀ ମିଳିଥାଏ । ତେଣୁ ରାଜ୍ୟସରକାର ତାଙ୍କ ଏନରୋଲମେଣ୍ଟ ରଦ୍ଦ କରିଦେଇଥିବାରୁ ସେମାନେ ଶେଷବର୍ଷ ପରୀକ୍ଷା ଦେବାକୁ ବଞ୍ଚିତ ହୋଇଛନ୍ତି । ଏହାସହ ମିଣା କହିଛନ୍ତି କି ମଧ୍ୟପ୍ରଦେଶ ହାଇକୋର୍ଟର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସେମାନେ ସୁପ୍ରିମକୋର୍ଟ ଯିବେ । କହିରଖୁ କି ଡାକ୍ତରମାନଙ୍କ ଇସ୍ତଫା ଦେବାର କିଛି ଘଂଟା ପୂର୍ବରୁ ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ଓ ଜଷ୍ଟିସ୍ ସୁଜୟ ପାଲଙ୍କ ଖଣ୍ଡପୀଠ ଜୁନିୟର ଡାକ୍ତରଙ୍କ ଧାରଣାକୁ ବେଆଇନ କହିବା ସହ ୨୪ ଘଂଟା ମଧ୍ୟରେ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । କୋର୍ଟ ତାଙ୍କ ନିର୍ଦ୍ଦେଶରେ କହିଥିଲେ କି ଠିକ୍ ସମୟରେ ଡାକ୍ତରମାନେ କାମରେ ଯୋଗ ନଦେଲେ ସେମାନଙ୍କ ବିରୋଧରେ ରାଜ୍ୟ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

### ତରଭୁଜ ଦୋକାନ ବନ୍ଦ କରିବାରେ ....

ପିଟୁଥିବାର ଭିଡିଓ ଏବେ ଭାଇରଲ ହେଉଛି । ଲକଡାଉନ ସମୟରେ ବୃଦ୍ଧ ତରଭୁଜ ବିକାଳି ଜଣକ ରାସ୍ତା କଡରେ ବସି ବିକ୍ରି କରୁଥିବାରୁ ଉତକ୍ଷିପ୍ତ ହୋଇପଡିଥିଲେ ଅତିରିକ୍ତ ତହସିଲଦାର । ଦୋକାନୀଙ୍କ ଅଭିଯୋଗ ଅନୁସାରେ ସେ ଦୋକାନ ବନ୍ଦ କରିବାକୁ ଯାଉଥିବାବେଳେ ସେଠାରେ ପହଂଚି ଗାଳିଗୁଲଜ କରିଥିଲେ ଅତିରିକ୍ତ ତହସିଲଦାର । ଦଣ୍ଡି, ବଟକରା ଓ ମାପଯନ୍ତ୍ର ସବୁ ଜବତ କରିଥିଲେ । ଦୋକାନି ଏହାକୁ ବିରୋଧ କରିବାରୁ ବାଡିରେ ମାଡ ମାରିଥିଲେ ଅତିରିକ୍ତ ତହସିଲଦାର । ଏପରିକି ପାଖରେ ଥିବା ନାବାଳକ ପୁଅକୁ ମଧ ମାଡ ମାରିଥିବା ସେ ଅଭିଯୋଗ କରିଛନ୍ତି । ଏହି ଭିଡିଓ ଭାଇରାଲ ହେବାପରେ ସଂପୃକ୍ତ ତହସିଲଦାର ଓ ଦୋକାନୀଙ୍କୁ ଜିଲ୍ଲାପାଳ ତାଙ୍କ କାର୍ଯ୍ୟାଳୟକୁ ଡକାଇ ଆଲୋଚନା କରିଛନ୍ତି ।

### ଦ୍ୱାଦଶ ଶ୍ରେଣୀ ପରୀକ୍ଷା....

ସମ୍ଭାଳିବାରେ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାରର ସଦସ୍ୟ ମାନଙ୍କର ଉଦ୍ୟମ,ଦୃଢ ମନୋବଳ, ଓ ଧୈର୍ଯ୍ୟର ମୁଖ୍ୟମନ୍ତ୍ରୀ ଉଚ୍ଚପ୍ରଶଂସା କରିଛନ୍ତି । ଦ୍ୱାଦଶ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କ ଦକ୍ଷତାର ମୂଲ୍ୟାୟନ ବିଶେଷଜ୍ଞ ମାନଙ୍କ ପରାମର୍ଶକ୍ରମେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଉତମ ଭାବରେ ନିର୍ଦ୍ଧାରିତ ମାପଦଣ୍ଡ ଦ୍ୱାରା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ମୂଲ୍ୟାୟନରେ ଯଦି କୌଣସି ଛାତ୍ରଛାତ୍ରୀ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେମାନେ ଚାହିଁଲେ ପରୀକ୍ଷା ଦେଇପାରିବେ ଏବଂ ପରିସ୍ଥିତିର ସମୀକ୍ଷା କରି ପରୀକ୍ଷା କେତେବେଳେ କରାଯିବ ତାହା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଣ୍ଣୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

### ଭୁବନେଶ୍ୱରରେ ପହଂଚିଲା ବିଜୟ ....

ଏହାପରେ ତାଙ୍କ ମର ଶରୀରକୁ ବାରଙ୍ଗରେ ଥିବା ସାଇ ରେସିଡେନ୍ସିଆଲ ସ୍କୁଲ, ପରେ ପଟିଆ ସାଇ ଇଂଟରନ୍ୟାସନାଲ ସ୍କୁଲକୁ ନିଆଯାଇଛି। ସେଠାରୁ ଶାସ୍ତ୍ରୀ ନଗର ଅଣାଯାଇ ନିଜ ବାସଭବନରେ କିଛି ସମୟ ପାଇଁ ରଖାଯିବ। ପରିବାର ଲୋକ ଶେଷ ଦର୍ଶନ କରିବା ପରେ ସତ୍ୟନଗର ଶ୍ମଶାନରେ କୋଭିଡ ନିୟମ ଅନୁସାରେ ଶେଷକୃତ୍ୟ କରାଯିବ। ତାଙ୍କୁ ରାଜ୍ୟ ସମ୍ମାନ ପ୍ରଦାନ କରାଯିବ। କୋଭିଡରୁ ଭଲ ହେବା ପରେ ଫୁସଫୁସ ଜନିତ ରୋଗର ଚିକିତ୍ସା ପାଇଁ ହାଇଦ୍ରାବାଦ ନିଆଯାଇଥିଲା ଚିକିତ୍ସା ବେଳେ ଗତକାଲି ତାଙ୍କର ଦେହାନ୍ତ ହୋଇଥିଲା।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୧,୩୨,୩୬୪ ନୂଆ ମାମଲା

ନୂଆଦିଲ୍ଲୀ,୦୪/୦୬ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୧,୩୨,୩୬୪ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୨୭୧୩ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨,୮୫,୭୪,୩୫୦ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୬,୩୫,୯୯୩ ଥିବା ବେଳେ ବର୍ତମାନ ସୁଦ୍ଧା ୩,୪୦,୭୦୨ ଜଣ ମୃତ୍ୟୁ ବରଣ କରିଛନ୍ତି ।

## ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ରଚିତ ଗ୍ରନ୍ଥ ଲୋକାର୍ପଣ




ବାଲେଶ୍ୱର,୦୪/୦୬ (ନି.ପ୍ର): ଜଣେ ଭେଷଜ ବିଶେଷଜ୍ଞଭାବରେ ତଥା ୨୫ଖଣ୍ଡରୁ ଉର୍ଦ୍ଧ୍ୱ ଗ୍ରନ୍ଥ ରଚନା କରି ସାରସ୍ୱତ ସାଧକରୂପେ ପ୍ରତିଷ୍ଠା ଅର୍ଜ୍ଜନ କରିଥିବା ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କର ସଦ୍ୟତମ ପୁସ୍ତକ 'କଥା ସେମାନଙ୍କର କଲମ ମୋର' ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ଗୁଗୁଲ ମିଟ୍ ମାଧ୍ୟମରେ ଉନ୍ମୋଚିତ ହୋଇଯାଇଛି। ଗ୍ରନ୍ଥରେ ଥିବା ସମସ୍ତ କାହାଣୀ ସତ୍ୟ ଘଟଣାକୁ ଆଧାର କରି ରଚିତ ହୋଇଥିଲେ ମଧ୍ୟ କେବଳ ସ୍ମୃତିର କଥାଭାବରେ ତାହା ଗ୍ରନ୍ଥ ମଧ୍ୟରେ ସୀମାବଦ୍ଧ ହୋଇ ରହିଯିବାପାଇଁ ଉଦ୍ଦିଷ୍ଟ ହୋଇନାହିଁ, ବରଂ ଡାକ୍ତରମାନେ କିପରି ମାନବିକ ସମ୍ବେଦନଶୀଳତାକୁ ଗୁରୁତ୍ୱ ଦେବେ, ଲୋକମାନେ ଅନ୍ଧବିଶ୍ୱାସଠାରୁ ଦୂରରେ ରହି ଡାକ୍ତରୀବିଦ୍ୟାପ୍ରତି କିପରି ଅଧିକ ଆକର୍ଷିତ ହେବେ ବା ସାମାଜିକ କର୍ତ୍ତବ୍ୟବୋଧ ପ୍ରତି ସଜାଗ ରହିବେ, ସେଥିପ୍ରତି ସଚେତନ କରିଦିଆଯାଇଛି। ଅତ୍ୟନ୍ତ ସରଳ ଓ ନିଷ୍କପଟଭାବରେ ଅଙ୍ଗେ ନିଭାଇଥିବା କାହାଣୀଗୁଡ଼ିକୁ ଯେପରିଭାବରେ ବର୍ଣ୍ଣନା କରାଯାଇଛି ତାହା ଯେପରି ସୁଖପାଠ୍ୟ ହୋଇପାରିଛି ସେହିପରି ହାସ୍ୟ ଉଦ୍ରେକକାରୀ ଓ ସୁଚିନ୍ତା ବର୍ଦ୍ଧନକାରୀ ବୋଲି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ବକ୍ତାମାନେ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରି କବି ଦୀପକ ବୋଷ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଅନୁଷ୍ଠାନର ସଭାପତି ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ଉନ୍ମୋଚନୀ ଉତ୍ସବରେ ସମ୍ପାଦକ ନିବାରଣ ଜେନା ବିଷୟବସ୍ତୁର ଉପସ୍ଥାପନ କରିଥିଲେ। ଜୁନ୍ ୪ ତାରିଖ ଡାକ୍ତର ନନ୍ଦଙ୍କର ଜନ୍ମଦିନ ହୋଇଥିବାଯୋଗୁଁ ସମସ୍ତେ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ଶ୍ରୀମତୀ କଲ୍ୟାଣୀ ନନ୍ଦ ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ। ଡ.ନନ୍ଦଙ୍କ ରଚିତ 'କଥା ସେମାନଙ୍କର କଲମ ମୋର'ଗ୍ରନ୍ଥଟିକୁ ତାଙ୍କର ପତ୍ନୀ ପ୍ରଫେସର ରଶ୍ମିରେଖା ପତି ଉନ୍ମୋଚନ କରି ଗ୍ରନ୍ଥ ରଚିତ ପ୍ରତ୍ୟେକ ଶବ୍ଦ ସହିତ ତାଙ୍କର ଭାବାବେଗ ଜଡ଼ିତ ବୋଲି ପ୍ରକାଶ କରିଥିଲେ। ଲେଖକୀୟ ବକ୍ତବ୍ୟରେ ଡ.ନନ୍ଦ ତାଙ୍କ ଡାକ୍ତରୀ ଜୀବନର ସୁଖ, ଦୁଃଖ, ବିଷାଦ, କୌତୁହଳ,ସ୍ନେହ, ମମତା ଇତ୍ୟାଦି ଖୁନ୍ଦିହୋଇ ମାନସପଟରେ ଜୀବନ୍ତ ହୋଇ ରହିଛି ବୋଲି କହିଥିଲେ। ମୁଖ୍ୟ ଅତିଥି କେନ୍ଦ୍ରୀୟ ସାହିତ୍ୟ ଏକାଡେମୀର ଓଡ଼ିଆ ଭାଷା ବିଭାଗର ଆବାହକ ଡ.ବିଜୟାନନ୍ଦ ସିଂହ, ମୁଖ୍ୟ ବକ୍ତା ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ.ଶିରୀଶ ଚନ୍ଦ୍ର ଜେନା ଓ ବରେଣ୍ୟ ଅତିଥି ଲେଖିକା ଅରୁଣା ରାୟ ଗ୍ରନ୍ଥରେ ଥିବା ସମସ୍ତ ଅଧ୍ୟାୟର ବିସ୍ତୃତ ତର୍ଜମା କରି ଏହି ଗ୍ରନ୍ଥ ଓଡ଼ିଆ ଆତ୍ମଜୀବନୀ ମଧ୍ୟରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିବ ବୋଲି ମତବ୍ୟକ୍ତ କରିଥିଲେ।

## ନିଜ ମାଟିରେ ପାଳିତ ହେଲା କବି କାଳୀପଦ ପଣ୍ଡାଙ୍କ ଜୟନ୍ତୀ



ବାଲେଶ୍ୱର,୦୪/୦୬ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ, 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ'ର ପ୍ରତିଷ୍ଠାତା କବି କାଳୀପଦ ପଣ୍ଡାଙ୍କ ଜୟନ୍ତୀ ନିରାଡ଼ମ୍ବର ଭାବେ ନିଜ ମାଟି ବାଲିଆପାଳରେ ପାଳିତ ହୋଇଯାଇଛି । ବାଲିଆପାଳ ବ୍ଲକ୍‌ଛକ ସ୍ଥିତ ଏସ୍.କେ.ଜି.ସାରସ୍ୱତ ଟ୍ରଷ୍ଟ ପରିସରରେ ଜୁନ୍ ୧ତାରିଖ ସନ୍ଧ୍ୟାରେ ବାଲିଆପାଳର ଅନେକ ବ୍ୟକ୍ତି ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମିଳିତ ଭାବେ ଆୟୋଜିତ ବାଲିଆପାଳ ମାଟିର ଏଇ ସୁପୁତ୍ରଙ୍କ ଜନ୍ମଦିନ ଅବସରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଟ୍ରଷ୍ଟର ମୁଖ୍ୟ ବରିଷ୍ଠ ଅଧ୍ୟାପକ ସୁକାନ୍ତ ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ଆବାହକ ନାଟ୍ୟକାର ତଥା ଅବସରପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାର ବିଜେତା ଝାଡ଼େଶ୍ୱର ପ୍ରଧାନ କବିଙ୍କର ଜୟନ୍ତୀ ଆୟୋଜନ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ କବି ଶ୍ରୀ ପଣ୍ଡାଙ୍କୁ ପ୍ରାରମ୍ଭରେ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ଜନ୍ମଦିନର ଶୁଭେଚ୍ଛା ଜଣାଇ ତାଙ୍କ ଦୀର୍ଘ ସାରସ୍ୱତ ସାଧନାର ଫଳଶ୍ରୁତି ସ୍ୱରୂପ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀକୁ ପ୍ରତିନିଧିତ୍ୱ କରିବା ଫଳରେ ବାଲିଆପାଳ ମାଟି ବିଶେଷ ଗୌରବାନ୍ୱିତ ହେଲା ବୋଲି ସଭିଏଁ ମତବ୍ୟକ୍ତ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ କବି ଶ୍ରୀ ପଣ୍ଡା ଅଦ୍ୟାବଧି ୧୧ଖଣ୍ଡି ମୌଳିକ ପୁସ୍ତକ ରଚନା କରିଥିବା ବେଳେ ୧୦୦ରୁ ଉର୍ଦ୍ଧ୍ୱ ସ୍ମରଣିକାର ସମ୍ପାଦନା ଓ ୧୦ଖଣ୍ଡିରୁ ଉର୍ଦ୍ଧ୍ୱ ସଂକଳନର ମଧ ସମ୍ପାଦନା କରିଛନ୍ତି । ସାହିତ୍ୟ ପତ୍ରିକା ଓଡ଼ିଆ ମୁଖଶାଳା ସୁବର୍ଣ୍ଣଶ୍ରୀକୁ ଦୀର୍ଘ ୨୦ବର୍ଷ ଧରି ସମ୍ପାଦନା କରିଆସୁଥିବା ବେଳେ ତାଙ୍କ ପ୍ରତିଷ୍ଠିତ 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ୭୦୦ରୁ ଉର୍ଦ୍ଧ୍ୱ ପୁସ୍ତକ ପ୍ରକାଶ କରାଇ ଓଡ଼ିଆ ପ୍ରକାଶନ ଜଗତରେ ବାଲେଶ୍ୱରର ସୁନାମକୁ ଦ୍ୱିଗୁଣିତ କରାଇଛନ୍ତି । ଉତ୍କଳ ସାହିତ୍ୟ ସମାଜ, ଫକୀରମୋହନ ସାହିତ୍ୟ ପରିଷଦ, ଲେଖକ ସାମ୍ମୁଖ୍ୟ, ରାଧାନାଥ ସାହିତ୍ୟ ପରିଷଦ ପ୍ରଭୃତି ବହୁ ଅନୁଷ୍ଠାନର ସେ ଆଜୀବନ ସଦସ୍ୟ ଥାଇ ସକ୍ରିୟ ଭାବେ କାର୍ଯ୍ୟରତ । କବିଙ୍କର ଏହି ଜୟନ୍ତୀ ଅବସରରେ ଛେନାପୋଡ଼ କଟାଯାଇ ସମସ୍ତଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା ବେଳେ ଶ୍ରୀ ପଣ୍ଡା ସମ୍ବର୍ଦ୍ଧନାର ଉତ୍ତରରେ ନିଜ ମାଟିରୁ ଏତେ ଭଲପାଇବା ପାଇ ଧନ୍ୟ ହୋଇଛନ୍ତି ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସାମ୍ବାଦିକ ଅଜୟ କୁମାର ସାହୁ, ଅଧ୍ୟାପକ ନିରଞ୍ଜନ ବେହେରା, ସାମ୍ବାଦିକ ପ୍ରଦୀପ କୁମାର ଜେନା, କବି ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, କବି ସନ୍ନ୍ୟାସୀ ବେହେରା, ବିଜୟ ସେଠୀ, ସାମ୍ବାଦିକ ହରେକୃଷ୍ଣ ଦାସ, ସାଗର ପଟ୍ଟନାୟକ, ବୀରମାଧବ ଦାସ, ରାମକୃଷ୍ଣ ଦାସ ଅଧିକାରୀ, ଅଞ୍ଜଳି ଶତପଥୀ, ମିତାରାଣୀ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ କବିଙ୍କୁ ଜନ୍ମଦିନର ଶୁଭକାମନା ଜଣାଇଥିଲେ ।

ଧ୍ୱନି ପ୍ରତିଧ୍ୱନି



# ବୈତରଣୀ ନଦୀବନ୍ଧରେ ସ୍ଲୁଇସ୍ ଗେଟ୍ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କର : ଜଳସମ୍ପଦ ମନ୍ତ୍ରୀ

ଭୁବନେଶ୍ୱର,୦୪/୦୬ (ନି.ପ୍ର): ଯାଜପୁର ଜିଲ୍ଲା କୋରେଇ ବିଧାନସଭା ମଣ୍ଡଳୀ ଓ କେଉଁଝର ଜିଲ୍ଲା ଘସିପୁରା ନିର୍ବାଚନ ମଣ୍ଡଳୀର ଯେଉଁସବୁ ଅଂଚଳରେ ବୈତରଣୀ ବାମପାର୍ଶ୍ୱ ଏବଂ ଦକ୍ଷିଣ ପାର୍ଶ୍ୱ ନଦୀ ବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟ କରାଯାଇଛି, ସେସବୁର କେତେକ ଜରୁରୀ ଆବଶ୍ୟକତା ଥିବା ଅନ୍ତତଃ ୪-୫ଟି ସ୍ଥାନରେ ସ୍ଲୁଇସ୍ ଗେଟ୍ ନିର୍ମାଣ ଶୀଘ୍ର ସଂପୂର୍ଣ୍ଣ କରିବାକୁ ରାଜ୍ୟ ଜଳ ସଂପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଜଳସଂପଦ ବିଭାଗର ସଂପୃକ୍ତ ଯନ୍ତ୍ରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଏବଂ ପରାମର୍ଶ ଦେଇଛନ୍ତି । ଏ ସଂପର୍କରେ ଭର୍ଚୁଆଲ ବ୍ୟବସ୍ଥାରେ ଏକ ବୈଠକ ଗୁରୁବାର ସଂଧ୍ୟାରେ ଜଳସମ୍ପଦ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଏବଂ କୋରେଇ ବିଧାୟକ ଅଶୋକ କୁମାର ବଳ ଯୋଗଦେଇ ଉପରୋକ୍ତ ନଦୀ ବନ୍ଧରେ କେତେକ ସ୍ଥାନରେ ସ୍ଲୁଇସ୍ ଗେଟ୍ ନିର୍ମାଣ କରାଯାଇନଥିବା ଯୋଗୁଁ ନିଜ ନିଜ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଅଂଚଳରେ ଯେଉଁ ସମସ୍ୟା ଉପୁଜୁଛି, ସେ ସଂପର୍କରେ ପ୍ରକାଶ କରିଥିଲେ । ଏଥି ଯୋଗୁଁ କୃଷି ପ୍ରଭାବିତ ହେବା ସଙ୍ଗେ ସଙ୍ଗେ ଜନସାଧାରଣ ଅସୁବିଧାରେ ପଡୁଥିବା ବିଧାୟକ ଦ୍ୱୟ ଜଳସଂପଦ ମନ୍ତ୍ରୀ ଓ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଆହୁରି ମଧ ନଦୀର ଦୁଇ ପାର୍ଶ୍ୱରେ କେତେକ ସ୍ଥାନରେ ନଦୀବନ୍ଧ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇନଥିବା ଫଳରେ ସମସ୍ୟା ରହିଥିବା ଓ ଆଉ କେତେକ ସ୍ଥାନରେ ଜମି ଅଧିଗ୍ରହଣ ସଂପର୍କିତ ପ୍ରାପ୍ୟ ପ୍ରଦାନରେ ବିଳମ୍ବିତ ହୋଇଥିବା ସଂପର୍କରେ ଆଲୋଚନା କରାଯାଇଥିଲା । ୪-୫ ବର୍ଷ ହେଲା ବୈତରଣୀ ନଦୀବନ୍ଧର ସୁଦୃଢ଼ୀକରଣ ନେଇ ଭଲ କାର୍ଯ୍ୟ ହେଉଥିଲେ ମଧ ସ୍ଲୁଇସ୍ ଗେଟ୍ ନିର୍ମାଣରେ ବିଳମ୍ବ ଯୋଗୁଁ ସମସ୍ୟା ଉପୁଜୁଛି । ଏଥି ନିମନ୍ତେ ଟେଣ୍ଡର କାର୍ଯ୍ୟ ସରିଥିଲେ ମଧ ନିର୍ମାଣ ବିଳମ୍ବିତ ହେଉଛି । ସମସ୍ତ ଘଟଣାର ଅନୁଧାନ କରି ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି ।

## କାର୍ଯ୍ୟରତ ଶିକ୍ଷକଙ୍କ କରୋନାରେ ମୃତ୍ୟୁ

ନୀଳଗିରି,୦୪/୦୬ (ନି.ପ୍ର): ଜନୈକ କାର୍ଯ୍ୟରତ ଶିକ୍ଷକଙ୍କର କରୋନାରେ ମୃତ୍ୟୁ ଘଟିବା ଘଟଣା ସମସ୍ତ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବା ବେଳେ ଶିକ୍ଷକଙ୍କ ମହଲରେ ଏକ ଦୁଃଖଦ ଘଟଣା ବୋଲି ଚର୍ଚ୍ଚା ଚାଲିଛି । ସିଆଡ଼ିମାଳ ପଞ୍ଚାୟତର ଭୁଟାଶିମୁଳି ଗ୍ରାମର ନିତ୍ୟାନନ୍ଦ ସିଂ ଗଣଶିକ୍ଷକ ଭାବେ ନିଜର ଚାକିରୀ ଜୀବନ ଆରମ୍ଭ କରି ତେବେ ସିଆଡ଼ିମାଳ ନୂଆସାହି ପ୍ରାଥମିକ ବିଦ୍ୟାଳୟରେ ସ୍ଥାୟୀ ଶିକ୍ଷକ ଭାବେ କାର୍ଯ୍ୟ କରି ଆସୁଥିବା ବେଳେ ୮ଦିନ ପୂର୍ବରୁ ଦେହ ଅସୁସ୍ଥ ଲାଗିବାରୁ ପରିବାର ଲୋକେ କୋଭିଡ ଟେଷ୍ଟ କଲାପରେ ପଜିଟିଭ ବାହାରିବାରୁ ତାଙ୍କୁ ବାଲେଶ୍ୱର କୋଭିଡ ୱାର୍ଡରେ ଆଡ଼ମିଶନ କରାଯାଇଥିଲା । ୮ଦିନ ଧରି ଜୀବନ ସହିତ ସଂଘର୍ଷ କରି ଶୁକ୍ରବାର ଦିନ ତାଙ୍କର ସକାଳେ ମୃତ୍ୟୁ ଘଟିଅଛି । ଖବର ଶୁଣିଲା ପରେ ପରିବାର ଲୋକେ ଭାଙ୍ଗି ପଡ଼ିଥିବା ବେଳେ ମୃତକର ୨ଟି ଝିଅ ଥିବାର ଜଣାପଡ଼ିଛି । ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଶିକ୍ଷକ ସମାଜ ,ବୁଦ୍ଧିଜୀବୀ, ଅଞ୍ଚଳବାସୀ ଭଗବାନଙ୍କ ଠାରେ ପ୍ରାର୍ଥନା କରିଛନ୍ତ ।

# ସଦର ବିଜେପି ପକ୍ଷରୁ 'ସେବା ହିଁ ସଂଗଠନ' କାର୍ଯ୍ୟକ୍ରମ

ବାଲେଶ୍ୱର,୦୪/୦୬ (ନି.ପ୍ର): ଦଳୀୟ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଆହ୍ୱାନ କ୍ରମେ ସଦର ବିଜେପି ପକ୍ଷରୁ ବାଲେଶ୍ୱରରେ ଆରମ୍ଭ ହୋଇଛି 'ସେବା ହିଁ ସଂଗଠନ' କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ଜରିଆରେ ବିଜେପି କର୍ମକର୍ତ୍ତା ଓ ସଦସ୍ୟମାନେ ରକ୍ତଦାନ ଶିବିର ଆୟୋଜନ ସାଙ୍ଗକୁ, କୋଭିଡ ସମୟରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ସାନିଟାଇଜେସନ, ତୁଣ୍ଡି ଓ ସାବୁନ ବଣ୍ଟନ କରୁଛନ୍ତି। ଅନୁରୂପ ଭାବେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ କୋଭିଡ ପ୍ରଭାବିତ ଅସହାୟଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ମଧ୍ୟ ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପ ସଭାପତି ତଥା ସଦର ନିର୍ବାଚନ ମଣ୍ଡଳୀ ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ସହଯୋଗୀମାନେ ସହରର ଟ୍ୟାକ୍ସି ଚାଳକମାନଙ୍କୁ ସହାୟତା ପ୍ରଦାନ କରିଛନ୍ତି। ସ୍ଥାନୀୟ ଷ୍ଟେସନ ଛକସ୍ଥିତ ଷ୍ଟାଣ୍ଡରେ ଟେକ୍ସି ଚାଳକମାନଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ବିତରଣ କରାଗଲା। କୋଭିଡ ମହାମାରୀ ଯୋଗୁଁ ଜାରି ରହିଥିବା ତାଲାବନ୍ଦ ଏବଂ ପରେ 'ୟସ' ବାତ୍ୟା ଯୋଗୁଁ ଟ୍ୟାକ୍ସି ଚାଳକଙ୍କ ଜୀବିକା ବିଶେଷ ପ୍ରଭାବିତ ହୋଇଥିବା ବେଳେ ବିଜପି ପକ୍ଷରୁ ଏହି ସାମାନ୍ୟ ସହଯୋଗ କରାଯାଉଥିବା ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି। ସୀତାକାନ୍ତ ସ୍ୱାଇଁ, ଗଙ୍ଗାଧର ରାଉତ, ଗୌରାଙ୍ଗ ଦାସ, ସତ୍ୟଜିତ ମିଶ୍ର, ସୁଜିତ ଦେବ, ଉପେନ୍ଦ୍ର ଶତପଥୀ, ପ୍ରବୀର ଶଙ୍କର ଦାଶ, ବିକାଶ ପାଢୀ, ରତିକାନ୍ତ ନାୟକ, ଅରୂପ ଜେନା, ପବନ କମିଲା, ରାଜେନ୍ଦ୍ର ଚାଟାର୍ଜୀ, ଭାଗ୍ୟରଞ୍ଜନ ନାୟକ, ତପନ ବେହେରା, ସସ୍ମିତା ଦାସ, ମଧୁଶ୍ରୀ ମିଶ୍ର, ଅନୀତା ଦାସ, ଜିତେନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଏଥିରେ ଉପସ୍ଥିତି ରହି ରାସନ କିଟ ସାଙ୍ଗକୁ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରିଥିଲେ।

## ୟାସ୍ ବାତ୍ୟା ପ୍ରଭାବିତ ଲୋକଙ୍କୁ ରିଲିଫ ବଣ୍ଟନ



ବାଲେଶ୍ୱର,୦୪/୦୬ (ନି.ପ୍ର): କେଶୋରିଆ ହିନ୍ଦୁ ବାହିନୀର ବାଲେଶ୍ୱର ଉପଡୋକ୍ଷ କୃତିବାସ ପଣ୍ଡା ଓ ଉତକଳା କଲଚୁରଲ୍ ଏକାଡେମୀ ଅଧ୍ୟକ୍ଷ ବିକ୍ରମ ବାରିକ୍ ନେତୃତ୍ୱରେ ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକର ଦୁଲାର୍ପୁର୍ ଏବଂ ବୋଲୋଧିଆ ଛନ୍ଦ୍ ଦୁଇ ଗ୍ରାମର ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇ ଥିଲା ଏହି ବଣ୍ଟନ କାର୍ଯ୍ୟକ୍ରମରେ କେଶରୀ ହିନ୍ଦୁ ବାହିନୀର ବ୍ଲକ ସୋଞ୍ଜୋକ ଅର୍ଜୁନ ବେହେରା ବାଲି ପୋଡ଼ା ଗ୍ରାମ ର ବିକାଶ କୁମାର ବେହେରା ସତ୍ୟଜିତ ବେହେରା ଉତ୍କଳା କଲଚୁରଲ ସଦସ୍ୟା ସାଦୋକ୍ଷ୍ୟ ପ୍ରଦୀପ ପ୍ରଧାନ ସମେତ ଅନ୍ୟ କର୍ମ କର୍ତ୍ତା ଉପସ୍ଥିତ ଥିଲେ ।

## ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଶହେ ଅକ୍ସିଜେନ ଫ୍ଲୋ ମିଟର ପ୍ରଦାନ




ବାଲେଶ୍ୱର,୦୪/୦୬ (ନି.ପ୍ର): କୋଭିଡ ପରିଚାଳନା କ୍ଷେତ୍ରରେ ବାଲେଶ୍ୱର ଜିଲା ପ୍ରଶାସନକୁ ବିଭିନ୍ନ ମହଲରୁ ସହଯୋଗ କରାଯାଉଥିବା ବେଳେ ଏଥିରୁ ବାଦ ପଡ଼ିନି ଭାରତୀୟ ଷ୍ଟେଟ ବ୍ୟାଙ୍କ। ଷ୍ଟେଟ ବ୍ୟାଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଜିଲାର ଦୁଇ କୋଭିଡ ଡାକ୍ତରଖାନାର ରୋଗୀଙ୍କ ବ୍ୟବହାର ପାଇଁ ୧୦୦ ଅକ୍ସିଜେନ ଫ୍ଲୋ ମିଟର ପ୍ରଦାନ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଉପସ୍ଥିତିରେ ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ ପ୍ରଦୀପ କୁମାର ରଥ ଏହି ଅକ୍ସିଜେନ ଫ୍ଲୋ ମିଟର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲ ସେନ ଜଗଦେବଙ୍କୁ ପ୍ରଦାନ କରିଥିଲେ। ଏହି ସ୍ୱାସ୍ଥ୍ୟ ଉପକରଣ ପ୍ରଦାନ ବେଳେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ବାଲେଶ୍ୱର ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ହେମନ୍ତ କୁମାର ବେହେରାଙ୍କ ସମେତ କବିତା ପାଣି, ଅଶୋକ କୁମାର ଦାଶ, ରାଜେଶ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କବର ଖାନାରେ କୋଭିଡ ରୋଗୀଙ୍କ ଅନ୍ତିମ ସଂସ୍କାରକୁ ବିରୋଧ



ବାରିପଦା,୦୪/୦୬ (ନି.ପ୍ର): ବାରିପଦା କବର ଖାନାରେ କୋଭିଡ ରୋଗୀଙ୍କ ଅନ୍ତିମ ସଂସ୍କାରକୁ ବିରୋଧ କରି ରାସ୍ତା ଅବରୋଧ କଲେ ସ୍ଥାନୀୟ ଲୋକେ। ବାରିପଦା ସହରର ତୁଳସୀଚୌରା ଅଂଚଳରେ ଥିବା କବର ଖାନାରେ କରୋନା ମୃତକ ଶବର ଅନ୍ତିମ ସଂସ୍କାରକୁ ବିରୋଧ କରି ସ୍ଥାନୀୟ ଲୋକ ମାନଙ୍କ ଦ୍ୱାରା ଆଜି ସମ୍ମୁଖ ରାସ୍ତାକୁ ଅବରୋଧ କରାଯାଇ ଥିବାର ଦେଖାଯାଇଛି। ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ମୁତାବକ ମୁସଲମାନ ସମ୍ପ୍ରଦାୟର କରୋନାରେ ପୀଡିତ ହୋଇ ମୃତ୍ୟୁ ବରଣ କରିଥିବା ଶବକୁ ଆଣି ସହରର ମଧ ଭାଗର ଥିବା ଜନବସତି ଅଂଚଳର ଏହି କବର ଖାନାରେ ଅନ୍ତିମ ସଂସ୍କାର କରିବା ଦ୍ୱାରା କରୋନା ଭାଇରସ ସଂକ୍ରମଣ ବଢ଼ିବାର ଆଶଙ୍କା ରହିଛି। ତେବେ ଆଜି ଜଣେ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିଙ୍କର କୋଭିଡରେ ମୃତ୍ୟୁ ଘଟିବାରୁ ତାଙ୍କ ଶବ ନେଇ ଏକ ଆମ୍ବୁଲାନ୍ସ କବର ଖାନାରେ ସଂସ୍କାର ପାଇଁ ଆସିଥିବା ବେଳେ, ସ୍ଥାନୀୟ ଲୋକେ ଅଟକ ରଖିବା ସହିତ ଘଟଣାର ପ୍ରତିବାଦ ଜଣାଇଥିଲେ । ଏନେଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ମଧ୍ୟ ପ୍ରକାଶ ପାଇଥିଲା । ତେବେ ଘଟଣା ସମ୍ପର୍କରେ ଅବଗତ ହୋଇ ବାରିପଦା ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ବିରୋଧ ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କୁ ବୁଝାସୁଝା କରିଥିଲା । ଦୀର୍ଘ ସମୟ ଧରି ଧାରଣା ରତ ଲୋକ ମାନେ ନିଜ ଜିଦରେ ଅଟଳ ରହିଥିବା ବେଳେ, ଶେଷରେ ଆଗାମୀ ଦିନରେ ଉପଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ଏହାର ସମାଧାନ ପାଇଁ ପ୍ରଚେଷ୍ଟା କରାଯିବା ପାଇଁ ନିଷ୍ପତ୍ତି ହେବାରୁ ରାସ୍ତା ଅବରୋଧରୁ ଲୋକମାନେ ହଟିବା ସହିତ ଯଦି ପ୍ରସାଶନ ପକ୍ଷରୁ ଏଦିଗରେ ସୁବ୍ୟବସ୍ଥା କରାନଯାଏ ତେବେ ଲୋକମାନେ ଏହି ଆନ୍ଦୋଳନକୁ ବ୍ୟାପକ କରିବେ ବୋଲି ଜଣାଯାଇଛି ।

## ଚିହ୍ନଟ ହେଲେ ନୂଆ ୪୧୯ କରୋନା ଆକ୍ରାନ୍ତ, ଜଣେ ମୃତ

ଭଦ୍ରକ,୦୪/୦୬ (ନି.ପ୍ର): ଜିଲ୍ଲାରୁ ପୁଣି ଚିହ୍ନଟ ହେଲେ ୪୧୯ କରୋନା ଆକ୍ରାନ୍ତ। ଟେଷ୍ଟିଂ ସଂଖ୍ୟା ୪ ଲକ୍ଷ ଅତିକ୍ରମ କରିଥିବା ବେଳେ ମୃତ୍ୟୁ ସଂଖ୍ୟାରେ ମଧ ବୃଦ୍ଧି ଘଟିଛି। ଗତକାଲି ସୁଦ୍ଧା ମୋଟ ୪ଲକ୍ଷ ୩ହଜାର ୫୫୧ଜଣଙ୍କ ନମୁନା ପରୀକ୍ଷା ହୋଇଥିବା ବେଳେ ମୋଟ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ୧୭ହଜାର ୨୦୩। ୩୭୭ ଜଣ ସୁସ୍ଥ ହେବା ପରେ ମୋଟ ସୁସ୍ଥ ହୋଇଛନ୍ତି ୧୪ହଜାର ୬୯୦ ଜଣ। ଏବେ ସକ୍ରିୟ ଆକ୍ରାନ୍ତ ଅଛନ୍ତି ୨୪୭୯ଜଣ ଏବଂ ମୃତ୍ୟୁ ସଂଖ୍ୟା ହୋଇଛି ୩୪। ଚିହ୍ନଟ ଆକ୍ରାନ୍ତ ମାନେ ବନ୍ତ ବ୍ଲକରୁ ୧୭ଜଣ, ଭଦ୍ରକ ବ୍ଲକରୁ ୭୨, ଭଣ୍ଡାରିପୋଖରୀରୁ ୩୪, ଧାମନଗର ୫୪, ତିହିଡ଼ି ବ୍ଲକରୁ ୭୧, ବାସୁଦେବପୁରରୁ ୪୦, ଚାନ୍ଦବାଲିରୁ ୭୨ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଭଦ୍ରକ ପୌରପାଳିକାରୁ ୩୬, ବାସୁଦେବପୁର ପୌରପାଳିକାରୁ ୮ଜଣ, ଅନ୍ୟ ଜିଲ୍ଲାରୁ ୧୫ ଜଣ ଚିହ୍ନଟ ହୋଇଛନ୍ତି।

## ଷ୍ଟେସନ ଛକ ଟେକ୍ସି ଷ୍ଟାଣ୍ଡ ଚାଳକଙ୍କୁ ସଦର ବିଜେପି ପକ୍ଷରୁ ସହାୟତା



ବାଲେଶ୍ୱର,୦୪/୦୬ (ନି.ପ୍ର): ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ 'ସବକା ସାଥ, ସବକା ବିକାଶ ଓ ସବକା ବିଶ୍ୱାସ' ମନ୍ତ୍ରକୁ ଆଧାର କରି ସାରା ଦେଶରେ ଭାରତୀୟ ଜନତା ପାର୍ଟିର ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ସମ୍ପ୍ରତି କୋଭିଡ ମହାମାରୀ ସମୟରେ ଜନସେବାରେ ସମର୍ପିତ। ବିଶ୍ୱର ସର୍ବବୃହତ ପାର୍ଟି ଭାରତୀୟ ଜନତା ପାର୍ଟି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଜଗତ ପ୍ରକାଶ ନଡ୍ଡା ଓ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ଆହ୍ୱାନ କ୍ରମେ ଓଡ଼ିଶାରେ ମଧ 'ସେବା ହିଁ ସଂଗଠନ' କାର୍ଯ୍ୟକ୍ରମ ମାଧ୍ୟମରେ କାର୍ଯ୍ୟକର୍ତ୍ତା ମାନେ ନିଜ ଜୀବନକୁ ବାଜି ଲଗାଇ ସେବାକାର୍ଯ୍ୟ କରି ଚାଲିଛନ୍ତି। ଏଭଳି ସମୟରେ ବିଜେପି ପକ୍ଷରୁ ରକ୍ତଦାନ ଶିବିର, ଥର୍ମାଲ ସ୍କାନିଂ, ସାନିଟାଇଜେସନ, ମାସ୍କ ଓ ସାବୁନ ବଣ୍ଟନ କରାଯାଉଛି। ବିଶେଷ କରି ଯୁବମୋର୍ଚ୍ଚା ପକ୍ଷରୁ ପକ୍ଷରୁ ଅସହାୟ ଗରିବ ଲୋକଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ମଧ ବଣ୍ଟନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ଷ୍ଟେସନ ଛକ ଠାରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପସଭାପତି ତଥା ସଦର ନିର୍ବାଚନ ମଣ୍ଡଳୀର ନେତା ଶ୍ରୀ ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ବାଲେଶ୍ୱର ସଦର ବିଜେପି ତରଫରୁ ଟେକ୍ସି ଚାଳକ ଭାଇମାନଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ବିତରଣ କରାଗଲା। କୋଭିଡ ମହାମାରୀ, ପରବର୍ତ୍ତୀ ଲକଡାଉନ ଏବଂ ବାତ୍ୟା ପରେ ଟେକ୍ସି ଚାଳକ ଭାଇ ମାନଙ୍କ ଜୀବନ ଜୀବିକା ବିଶେ ଭାବେ ପ୍ରଭାବିତ ହୋଇଛି।

# ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କର ହିଡିଗାଁ ପଞ୍ଚାୟତର ଅଞ୍ଚଳ ପରିଦର୍ଶନ



ବାଲେଶ୍ୱର,୦୪/୦୬ (ନି.ପ୍ର): ଆଜି ରେମୁଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସଦର ବ୍ଲକର ହିଡିଗାଁ ପଞ୍ଚାୟତର ବାଙ୍କାଚାଟି ଅଞ୍ଚଳ ଯେଉଁଟା କି ଓଞ୍ଜଜ ଇକ୍ଟଙ୍କଭୟବକ୍ବଜ କୁ ଲାଗିଛି, ସେ ଅଞ୍ଚଳକୁ ଲୁଣା ପାଣି ମାଡି ଆସିଛି ଓ ସେ ପାଣି ଏପର୍ଯ୍ୟନ୍ତ ନିଷ୍କାସନ ହୋଇ ପାରିନାହିଁ। ଜଳ ନିଷ୍କାସନ ନ ହେବାର ମୁଖ୍ୟ କାରଣ ହେଉଛି ନାଳ ଅବରୋଧ। ହିଡିଗାଁ ପଞ୍ଚାୟତର ଭୌଗଳିକ ସ୍ଥିତି ଅନୁଯାୟୀ କୋଷ୍ଟ କେନାଲର ପୂର୍ବରେ ଥିବା ୫ଟି ୱାର୍ଡର ପାଣି ହିଡିଗାଁ ନାଳରେ ଯାଇ କୋଷ୍ଟ କେନାଲରେ ପଡେ। ବଗେଇ ନାଳ ଯାହା ଲମ୍ବ ପ୍ରାୟ ୫ କିଲୋମିଟର, ଗୁଡୁ ପଞ୍ଚାୟତର ଚତରା ଓ ହିଡିଗାଁ ପଞ୍ଚାୟତ ବାଙ୍କା ଚାଟି ମଝିରେ ଅବସ୍ଥିତ। ପୂର୍ବରୁ ଅବିଭକ୍ତ ରଣସାହି ପଞ୍ଚାୟତରେ ଏହି ବଗେଇ ନାଳ ନିଲାମ ହୋଇ ପଞ୍ଚାୟତକୁ ରାଜସ୍ୱ ଆସୁଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି ଯେ ଦୀର୍ଘଦିନ ଧରି ଏ ସବୁ ନାଳର ପୁନଃ ଉଦ୍ଧାର କାର୍ଯ୍ୟ ନହୋଇ କାର୍ଯ୍ୟ ନହେବା ଯୋଗୁଁ ପାଣି ନିଷ୍କାସନ ହୋଇ ପାରୁନାହିଁ। ୟାସ୍ ବାତ୍ୟା ଯୋଗୁଁ ଯେଉଁ ଲୁଣି ପାଣି ଚାଷ ଜମିକୁ ମାଡ଼ି ଆସିଛି ତାହା ନିଷ୍କାସନ ହୋଇପାରୁ ନାହିଁ, ତେଣୁ ଧାନ ଚାଷ ଆଦୌ ସମ୍ଭବ ନୁହେଁ। ତେଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇ କ୍ଷେତ୍ର ପରିଦର୍ଶନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସେ ଅଞ୍ଚଳର ଚାଷୀକୁଳ ଉପକୃତ ହେବେ। ଏହି ସମସ୍ୟା ସମାଧାନ ନିମନ୍ତେ ଅଞ୍ଚଳବାସୀ ଙ୍କ ଅନୁରୋଧ କ୍ରମେ ଆଜି ରେମୁଣା ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ଜିଲ୍ଲା ବିଜେପିର ସାଧାରଣ ସମ୍ପାଦକ ତଥା ରେମୁଣା ନିର୍ବାଚନ ମଣ୍ଡଳୀର ପ୍ରଭାରୀ ଶ୍ରୀ ପର୍ଶୁରାମ ପରିଡ଼ା। ସେ ଅଞ୍ଚଳ ପରିଦଶର୍ଦନ କରି ଥିଲେ। ପୂର୍ବତନ ବିଧାୟକ ଡ୍ରେନେଜର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ପ୍ରଫୁଲ କୁମାର ବେହେରାଙ୍କ ସହିତ କଥା ହୋଇଥିଲେ ଓ ସେ ମଧ ଅଞ୍ଚଳ ପରିଦର୍ଶନ କରି ତୁରନ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସେ ଅଞ୍ଚଳର ପୂର୍ବତନ ୱାର୍ଡ ମେମ୍ବର ଶ୍ରୀ ଅବନ୍ତୀ ବେରା, ସମରାଇ ମାଝୀ, ପ୍ରକାଶ ଚନ୍ଦ୍ର ମାଝୀ ପ୍ରମଉଖ ଅଂଶଗ୍ରହଣ କରିଥିଲେ।

## କୋଭିଡ ଶବ ସଂସ୍କାର ବେଳେ ଗଣ୍ଡଗୋଳ ଘଟଣା

# ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ଗିରଫ ଅଭିଯୁକ୍ତଙ୍କୁ ଜାମିନ



ବାରିପଦା / ଠାକୁରମୁଣ୍ଡା,୦୪/୦୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଠାକୁରମୁଣ୍ଡା ଥାନାର କେନ୍ଦୁଜିଆଣି ପଂଚାୟତ ଅଧୀନସ୍ଥ ସୁନାରିପୋଷି ଗ୍ରାମ ନିକଟସ୍ଥ ଜଙ୍ଗଲରେ ମଇମାସ ୧୧ ତାରିଖ ଅପରାହ୍ନରେ ସ୍ଥାନୀୟ ପୋଲିସ୍ ଓ ପ୍ରଶାସନିକ ଅଧିକାରୀମାନେ ଜଣେ କରୋନାରେ ମୃତ ବୃଦ୍ଧାଙ୍କ ଶବ ସଂସ୍କାର କରୁଥିବାବେଳେ ସୁନାରିପୋଷି ଓ ସଂଲଗ୍ନ ଗ୍ରାମର ଆଦିବାସୀ ଲୋକ ମାନେ ସେମାନଙ୍କ ଠାକୁରାଣୀ ଜାହିରା ଶାଳ ନିକଟରେ ଶବଦାହ ହେଉଥିବା ଘଟଣାର ବିରୋଧ ପ୍ରଦର୍ଶନ କରି ଠେଙ୍ଗା ବାଡି ଧରି ପୋଲିସ୍ ଓ ପ୍ରଶାସନିକ ଅଧିକାରୀ ମାନଙ୍କୁ ମାଡ ମାରି ସେମାନଙ୍କ ନିକଟରୁ ତଣ୍ଡ ସ୍ୱରୂପ ୧୫ ହଜାର ଟଙ୍କା ଆଦାୟ ମଧ୍ୟ କରିଥିଲେ । ଘଟଣା ଏତେ ଗୁରୁତର ହୋଇଥିଲାଯେ ପୋଲିସ ଓ ପ୍ରଶାସନିକ ଅଧିକାରୀ ମାନେ ଅଧାପୋଡା ଶବକୁ ଫେରାଇ ଆଣି ସେହି ରାତିରେ ଅନ୍ୟତ୍ର ସଂସ୍କାର କରିବା ସହିତ ଶବ ସଂସ୍କାର ସ୍ଥଳିକୁ ଜେସିବି ଲଗାଇ ମାଟି ଉଠାଇ ଅନ୍ୟତ୍ର ପକାଇଥିଲେ । ଏହି ଘଟଣାରେ ମାଡ ଖାଇଥିବା ପ୍ରଶାସନିକ ଅଧିକାରୀ, ଡାକ୍ତର ଓ ପୋଲିସ୍ କର୍ମଚାରୀ କେହି ଏତଲା ନ ଦେବାରୁ ପୋଲିସ୍ ଶେଷରେ ନିଜ ଆଡୁ ୧୩ ଜଣଗ୍ରାମବାସୀ ଓଗେର ନାମରେ ଥାନା କେଶ୍ ନଂ-୬୪/୨୧ ମୂଳେ ଏକ ମାମଲା ରଜୁକରି ଗିରଫଦାରୀ ଆରମ୍ଭ କରିଥିଲା । ଏହି ମାମଲାରେ କେନ୍ଦୁଜିଆଣି ସରପଂଚ ଓ ଦୁଇଜଣ ସାମ୍ବାଦିକଙ୍କୁ ମଧ୍ୟ ଅଭିଯୁକ୍ତ କରା ଯାଇଥିବାର ଜଣାପଡିଥିଲା । ତେବେ ପଂଚାୟତର ଜିଲ୍ଲାପାଳ କ୍ଷମତା ପାଇଥିବା ସରପଂଚ ଗିରଫ ହେବା ଭୟରେ ଫେରାର ହୋଇଯାଇଥିବା ବେଳେ ପୋଲିସ୍ ସାମ୍ବାଦିକ ଦୁଇଜଣଙ୍କୁ ଗିରଫ ନକରି ନଅ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଆଜି ଗୁରୁବାର ଦିନ ଗିରଫ ହୋଇଥିବା ନଅ ଜଣଙ୍କୁ ଅଦାଲତରୁ ଜାମିନ ମିଳିଥିବାର ଜଣାଯାଇଛି । ତେବେ ଏହି ନଅ ଜଣ ଗାଁ ଠାକୁରାଣୀଙ୍କ ମର୍ଯ୍ୟାଦା ରକ୍ଷା ପାଇଁ ଅଯଥାରେ ଜେଲ ଯାଇଥିବାରୁ ସେମାନେ ଜାମିନ୍ ପାଇ ଜେଲରୁ ବାହାରିବା ପରେ ଗ୍ରାମବାସୀ ମାନେ ସେମାନଙ୍କୁ ଜେଲ ସମ୍ମୁଖରେ ହଳଦୀ ପାଣିରେ ଗୋଡ ଧୋଇ ଫୁଲମାଳ ଦେଇ ସ୍ୱାଗତ ଜଣାଇଥିଲେ । ଏହାପରେ ସେମାନେ କେନ୍ଦୁଜିଆଣି ପଂଚାୟତରେ ପହଂଚିବା ପରେ ସେମାନଙ୍କୁ କୋଭିଡ୍ ଗାଇଡ୍ ଲାଇନ୍ ଅନୁସାରେ ଏକ ସ୍ୱାଗତ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଯିବଥିବାର ଦେଖା ଯାଇଛି । ତେବେ ଏହି ଘଟଣାରେ ଠାକୁରମୁଣ୍ଡା ଥାନା ଅଧିକାରୀ ଓ ପ୍ରଶାସନିକ ଅଧିକାରୀ ମାନେ କୋଭିଡ୍ ନିତି ନିୟମକୁ ଉଲଙ୍ଘନ କରି ଶବ ସଂସ୍କାର କରୁଥିଲେ ବୋଲି ଅଭିଯୋଗ ହେଉଥିବା ବେଳେ ଦୁଇଜଣ ସମ୍ବାଦିକ ଘଟଣାର ଚିତ୍ର ଉତୋଳନ କରିବା ସହ ଖବର ସଂଗ୍ରହ କରୁଥିବାରୁ ସେହି ଦୁଇଜଣଙ୍କୁ ଘଟଣା ସ୍ଥଳରେ ସିଭିଲ୍ ପୋଷାକରେ ଥିବା ଥାନା ଅଧିକାରୀ ଶ୍ରୀ ନିରୋଜ କୁମାର ସାମଲ ସେମାନଙ୍କୁ ମିଥ୍ୟାରେ ଅଭିଯୁକ୍ତ କରିଛନ୍ତି ବୋଲି ଅଭିଯୋଗ ହେଉଛି । ସେହିଭଳି ଜିଲ୍ଲାପାଳଙ୍କ କ୍ଷମତା ପାଇଥିବା ସରପଂଚ ଘଟଣା ସ୍ଥଳରେ ନଥିଲେ ମଧ୍ୟ ସେ ଅଭିଯୁକ୍ତ ହୋଇଥିବାର ଜାଣିପାରି ଫେରାର୍ ହୋଇ ଯାଇଥିବାର କୁହାଯାଉଛି ।

## ପିକ୍‌ଅପ୍ ଉପରେ ଚଢିଗଲା ଡମ୍ଫର : ୨ ମୃତ



ଜଳେଶ୍ୱର,୪/୬ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ନିକଟ ରାଜ୍ୟ ରାଜପଥ ୫୭ରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଯାଇଛି । ଆଜି ଶୁକ୍ରବାର ଅପରାହ୍ନ ୧ଟା ସମୟରେ ଚନ୍ଦନେଶ୍ୱର ଆଡୁ ଆସୁଥିବା ଏକ ଦ୍ରୁତଗାମୀ ଡମ୍ଫର ଓଆର୍୦୧ଏଚ୍୯୯୫ ଏକ ଧାନ ବୋଝେଇ ମହେନ୍ଦ୍ର ପିକ୍‌ଅପ୍ ଓଡି୦୧ଟି-୧୩୭୩କୁ ସାମ୍ନାପଟୁ ମ୍ୟୁନିସିପାଲଟିର ବାରାହାଗଡିଆ ନିକଟରେ ଚଢିଯାଇଥିଲା । ଆରୁହା ଗ୍ରାମର ଗାଡି ଚାଳକ କୁଳମଣି ବେହେରା ଓରଫ ବିଜୁ (୩୦) ଓ ଗାଡିରେ ବସି ଯାଉଥିବା ସେହି ଗ୍ରାମର ଚାଷୀ ନିଜର ଧାନ ବିକିବାକୁ ଯାଉଥିବା ସିଦ୍ଧେଶ୍ୱର ବେହେରା(୫୫) ଘଟଣା ସ୍ଥଳରେ ଚାପି ହୋଇ ମୃତ୍ୟୁବରଣ କରିଥିଲେ। ଅନ୍ୟଏକ ଅଲଟୋ ଓଡି୦୧ୱାଇ୫୫୨୭ ଭାରସାମ୍ୟ ହରାଇ ଡମ୍ଫର ସହିତ ପଛପଟୁ ବାଡେଇ ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ସେଥିରେ ବସିଥିବା ଜଣେ ରୋଗୀ ଓ ଚାଳକ ଗୁରୁତର ହୋଇ ଜିକେ ଭଟ୍ଟର ହସ୍‌ପିଟାଲରେ ଚିକିତ୍ସିତ ହୋଇଛନ୍ତି । ଉତ୍ୟକ୍ତ ଲୋକେ ଡମ୍ଫର ଡ୍ରାଇଭରକୁ ମାରପିଟ କରିବାପରେ ପୁଲିସ୍ ଆସି ତାକୁ ଉଦ୍ଧାର କରି ଚିକିତ୍ସାଳାଗି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ଆରୁହା ଗ୍ରାମବାସୀ ଓ ଆତ୍ମୀୟ ସ୍ୱଜନ ଆସି କ୍ଷତିପୂରଣ ଦାବିରେ ୫୭ନଂ ରାଜ୍ୟ ରାଜପଥକୁ ୨ ଘଣ୍ଟା ଧରି ଅବରୋଧ କରିଥିଲେ । ଘଟଣାସ୍ଥଳରେ ଜଳେଶ୍ୱର ଆଇଆଇସି ପର୍ଶୁରାମ ସାହୁ , ଏସ୍‌ଡିପିଓ ଅଂକିତା କୁମ୍ଭାର ଓ ତହସିଲଦାର ଶଂକର ପଟ୍ଟନାୟକ ଉପସ୍ଥିତ ରହି ଲୋକମାନଙ୍କୁ ବୁଝାସୁଝା କରିବା ସହିତ ରେଡକ୍ରସ୍‌ରୁ ପ୍ରତ୍ୟେକଙ୍କ ପରିବାରକୁ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି । ଏ ସମ୍ପର୍କରେ ମୃତକଙ୍କ ପରିବାର ପକ୍ଷରୁ ଜଳେଶ୍ୱର ଥାନାରେ ଏତାଲା ପ୍ରଦାନ କଲାପରେ ଶବ ବ୍ୟବଚ୍ଛେଦ କରାଯାଇଛି । ସୂଚନାଯୋଗ୍ୟ ଏହି ରାସ୍ତାରେ ବହୁ ଦୁର୍ଘଟଣା ଘଟି ଧନଜୀବନ ଘଟୁଥିଲେ ମଧ୍ୟ ଗ୍ରାମବାସୀଙ୍କ ପକ୍ଷରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ଏକ ହମ୍ପସ୍ ନିର୍ମାଣ ଲାଗି ବିଭାଗୀୟ ଯନ୍ତ୍ରୀ, ଜିଲାପାଳଙ୍କୁ ବାରମ୍ବାର ଜଣାଇଥିଲେ ସୁଦ୍ଧା ହମ୍ପସ୍ ନିର୍ମାଣ ହେଉନଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo